# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୩/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, June 3/2025 Page 12 ₹ 7.00 | RAYAGADA

୫୧ଶ ଭାଗ ୧୮୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 188 ମୂଲ୍ୟ ₹୭/-




ମହାବଳ ବାଘ କ୍ରିଷ୍ଣା ଓ ଧଳା ବାଘୁଣୀ ରୂପାର ମିଳନରୁ ଜାତ ୭ ମାସର ଧଳା ବାଘ ଛୁଆର ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। **(ରିପୋର୍ଟ: ପୃଷ୍ଠା-୩)**

# ଖୋଲିବନି ନୂଆ ମଦ ଦୋକାନ

## ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି: ମନ୍ତ୍ରୀ ହରିଚନ୍ଦନ

ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ନୂଆ ଅବକାରୀ ନୀତି ପ୍ରଚଳନ କରାଯିବ। ତେବେ ରାଜ୍ୟରେ ଆଉ ନୂଆ ମଦ ଦୋକାନ (ଅଫ୍ ଶପ୍) ଖୋଲିବାକୁ ଦିଆଯିବ ନାହିଁ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ଏନେଇ ସ୍ପଷ୍ଟ କରିଛନ୍ତି। ରାଜ୍ୟରେ ଏକ ଦୃଢ଼ ଅବକାରୀ ନୀତି ପ୍ରଚଳନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ରାଜ୍ୟରେ ଆଉ ନୂଆ ମଦ (ଅଫ୍ ଶପ୍) ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ଏବେ ସରକାରଙ୍କ ପାଖରେ ଯେଉଁ ଅବକାରୀ ନୀତି ରହିଛି, ତାହାକୁ ବିଭିନ୍ନ ପର୍ଯ୍ୟାୟରେ ତର୍ଜମା କରାଯାଉଛି। ଏହାବାଦ୍ ତିନୋଟି ଦଳ ୪ଟି ରାଜ୍ୟ ଗସ୍ତ କରିଛନ୍ତି। ସେମାନେ ସେଠାକାର ନୀତି ସମ୍ପର୍କରେ ଅବଗତ ହେବେ। କିଛି ନୂତନ ତଥ୍ୟ ମିଳିଲେ, ତାହାକୁ ନୂଆ ଅବକାରୀ ନୀତିରେ ସଂଯୋଗ କରାଯିବ। ଓଡ଼ିଶାରେ ନୂତନ ଅବକାରୀ ନୀତି ଆସନ୍ତା ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଆସିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାରେ ମଦ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପର ପ୍ରୀତି**

# ହଂସ ଦାରୁକା ଓଡ଼ିଶା ଟପ୍ପର



ହଂସ ଦାରୁକା

**ପ୍ରକାଶ ପାଇଲା ଜେଇଇ ଆଡଭାନ୍ସଡ ରେଜଲ୍ଟ**



ରଜତ ଗୁପ୍ତା

ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)

## ସର୍ବଭାରତୀୟ ସ୍ତରରେ ରଜତ ଗୁପ୍ତା ଟପ୍ପର

ଆଇଆଇଟି କାନପୁର ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ ଆଡ୍‌ଭାନ୍ସଡ୍) ୨୦୨୫ ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଆଇଆଇଟି ଦିଲ୍ଲୀ ଜୋନ୍‌ର ରଜତ ଗୁପ୍ତା ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେ ୩୬୦ରୁ ୩୩୨ ମାର୍କ ରଖିଛନ୍ତି। ସେହିପରି ଛାତ୍ରୀଙ୍କ ମଧ୍ୟରେ ଆଇଆଇଟି ଖଡଗପୁର ଜୋନ୍‌ର ଦେବଦତ୍ତା ମାଝୀ ୩୬୦ ମାର୍କରୁ ୩୧୨ ମାର୍କ ରଖି ଶ୍ରେଷ୍ଠ ତାଲିକାରେ ରହିଛନ୍ତି। ଅନ୍ୟପକ୍ଷରେ ଓଡିଶାର ହଂସ ଦାରୁକା ଓ ନବନିତ ପ୍ରିୟଦର୍ଶୀ ୧୦୦ ର୍‍ୟାଙ୍କ୍‌ରେ ସ୍ଥାନ ପାଇଛନ୍ତି। ତେବେ ହଂସ ୩୬୦ ମାର୍କରୁ ୩୦୦ ନମ୍ବର ରଖି ସର୍ବଭାରତୀୟସ୍ତରରେ ୩୯ତମ ସ୍ଥାନରେ ରହିବା ସହ ଓଡ଼ିଶା ଜୋନ୍‌ରେ ଟପ୍ପର ହୋଇଛନ୍ତି। ସେ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସରେ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ନବନିତ ସର୍ବଭାରତୀୟସ୍ତରରେ ୯୭ତମ ତାଲିକାରେ ରହିଛନ୍ତି। ସର୍ବଭାରତୀୟ ତାଲିକାରେ ସକ୍ଷମ ☞ପୃଷ୍ଠା-୪

# ଏନ୍‌ଇଇଟି-ପିଜି ସ୍ଥଗିତ

ନୂଆଦିଲ୍ଲୀ,୨।୬

ଚଳିତ ବର୍ଷର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା-ସ୍ନାତକୋତ୍ତର (ଏନ୍‌ଇଇଟି-ପିଜି)କୁ ସ୍ଥଗିତ ରଖାଯାଇଥିବା ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ଜାମିନେଶନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ସୋମବାର ଘୋଷଣା କରିଛି। ୨ଟି ଶିଫ୍ଟ ବଦଳରେ ଗୋଟିଏ ଶିଫ୍ଟରେ ଏନ୍‌ଇଇଟି-ପିଜି ପରୀକ୍ଷା କରାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନ୍‌ବିଇଏମ୍‌ଏସ୍ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପରୀକ୍ଷା ଗୋଟିଏ ଶିଫ୍ଟରେ ହେବ। ଏଥିପାଇଁ ଅଧିକ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରିବାକୁ ଥିବାରୁ ଏନ୍‌ଇଇଟି-ପିଜି ପାଇଁ ସାନି ତାରିଖ ଖୁବ୍ ଶୀଘ୍ର ☞ପୃଷ୍ଠା-୪


JUPITER
+2 Science Higher Secondary School
BHUBANESWAR
www.jupiter.ac.in
Tested & Trusted since 2002
Celebrating Success year after year...



TOPPER
+2 SCIENCE STREAM 2024
Mr. Soumyajit Rout
BIITs, PILANI



TOPPER
+2 SCIENCE STREAM 2023
Ms. Aparna Pradhan
St. Stephen's College, New Delhi

Highlights of +2 Sc. Results 2024
5 Ranks Including the No1 Rank among the Best 10 | 97% FIRST CLASS | 100% PASS | 78 Students secured more than 500 marks

Highlights of +2 Sc. Results 2025
3 Ranks among the Best 10 | 98% FIRST CLASS | 100% PASS | 87 Students secured more than 500 marks

ADMISSION OPEN 9439489157 / 9439489158

JUPITER PUBLIC SCHOOL
BHUBANESWAR
CBSE- I to XII ( Science & Commerce )
Awarded as No.1 NUMBER ONE SCHOOL IN INTEGRATED TEACHING & COACHING
By Times School Ranking Survey Odisha THE TIMES OF INDIA

HIGHLIGHTS OF RESULTS 2025
23 STUDENTS Qualified for JEE MAIN in 1st attempt
92% FIRST CLASS



Bishal Ku. Sahu, Phulbani
10th Class - 68%
12th Class - 93.5%

FOUNDATION COURSE for JEE, NEET, NDA from Class VIII
95 other students achieved similar remarkable growth, testament to Jupiter's excellence

ADMISSION OPEN 6371853130 / 6371853132

JUPITER DEGREE COLLEGE
Affiliated to UTKAL UNIVERSITY
8093052844 / 845
+3 SCIENCE & +3 COMMERCE
with Coaching for IIT-JAM, CUET, CPET, Civil Service, & Banking exams etc...

Day Cum Residential
Separate AC Hostel Facility Available For Boys and Girls
SPECIAL DISCOUNTS AVAILABLE FOR Girl Students or Wards of Teachers

Gangapada, Near Old Toll Plaza, Adjacent to NH-16, Bhubaneswar



DSPL-



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

କଥାଦେଇ କଥା ରଖିଲେ ମୋହନ ସରକାର

ଅଗ୍ରଗତି ପଥେ ଓଡ଼ିଶା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଲୋକାର୍ପଣ ଓ ଶିଳାନ୍ୟାସ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ୪୮୫ କିଲୋମିଟର ଦୈର୍ଘ୍ୟରେ ଦିଶା-୨ ପ୍ରକଳ୍ପ ଲୋକାର୍ପଣ
- ୧୦୦୭ କିଲୋମିଟର ଦୈର୍ଘ୍ୟରେ ଦିଶା-୩ ପ୍ରକଳ୍ପ ପାଇଁ ଶିଳାନ୍ୟାସ
- ୧୧ଟି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ରର ଲୋକାର୍ପଣ
- ୨୧ଟି ସ୍ଥାନରେ ସ୍ୱୟଂକ୍ରିୟ ପରୀକ୍ଷଣ କେନ୍ଦ୍ରର ଶିଳାନ୍ୟାସ
- କଟକରେ ସ୍ୱୟଂକ୍ରିୟ ପରୀକ୍ଷଣ କେନ୍ଦ୍ରର ଉଦଘାଟନ
- ଯାଜପୁରରେ ପଞ୍ଜିକୃତ ଯାନ ସ୍କ୍ରାପିଂ କେନ୍ଦ୍ରର ଲୋକାର୍ପଣ
- ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଅଧିନରେ ୮ଟି ନୂତନ ମାର୍ଗରେ ବସ୍ ସେବା ଆରମ୍ଭ

- ଅଟଳ ବସଷ୍ଟାଣ୍ଡ ର ଲୋକାର୍ପଣ : ଭଦ୍ରକ ଜିଲ୍ଲା - ବାସୁଦେବପୁର ଓ ଧାମରା, ବାଲେଶ୍ୱର ଜିଲ୍ଲା- ବସ୍ତା
- ସମନ୍ୱିତ ପରିବହନ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ
- ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର ଶୁଭାରମ୍ଭ
- ଶୂନ ଦୁର୍ଘଟଣା ଦିବସ, ଏହାର ଲୋଗୋ ଓ ମାସ୍କଟର ଲୋକାର୍ପଣ
- ଭଦ୍ରକ ଜିଲ୍ଲାର ଚାନ୍ଦବାଲି ସ୍ଥିତ 'କ୍ରିଉ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ 'ଏବଂ ଜଗତସିଂହପୁର ଜିଲ୍ଲାର ପାରାଦୀପ ସ୍ଥିତ 'ଓଡ଼ିଶା ମାରିଟାଇମ୍ ଏକାଡେମୀ' ରେ ସିମୁଲେଟର ଦ୍ୱାରା ପ୍ରଶିକ୍ଷଣ ବ୍ୟବସ୍ଥାର ଶୁଭ ଉଦଘାଟନ











OIPR-


ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

# ପିଓକେରେ ବଢୁଛି ଉତ୍ତେଜନା

## ଚାଇନା-ପାକ୍ ଜାତୀୟ ରାଜପଥ ୩ ଦିନ ହେଲା ଅବରୋଧ

ନୂଆଦିଲ୍ଲୀ, ୨।୬

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନେତୃତ୍ୱାଧୀନ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରି ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଗିଲ୍‌ଗିଟ୍-ବାଲ୍ଟିସ୍ତାନର ଅନେକ ହଜାର ଉତ୍ତେଜିତ ବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଚାଇନା ଓ ପାକିସ୍ତାନକୁ ସଂଯୋଗ କରୁଥିବା ସିପିଇସି (ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର)ର ମୁଖ୍ୟ ଭାଗ କୋରାକୋରମ ରାଜପଥକୁ ୩ ଦିନ ହେଲା ଅବରୋଧ କରିଛନ୍ତି। ଫଳରେ ଏହି ପ୍ରମୁଖ ରାସ୍ତା ଦେଇ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶାସକ ଦଳ ପିଏମ୍ଏଲ୍(ଏନ୍) ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନରେ ଗିଲ୍‌ଗିଟ୍-ବାଲ୍ଟିସ୍ତାନର ଆମଦାନୀ ଓ ରପ୍ତାନିକାରୀମାନେ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରିଆସୁଛନ୍ତି। ଏଭଳି ନୀତି ଶୋଷଣକାରୀ ଏବଂ ଅର୍ଥନୀତିର ହତ୍ୟାକାରୀ ବୋଲି ସେମାନେ ଅଭିହିତ କରିଛନ୍ତି। ସରକାର ଆତଙ୍କବାଦୀଙ୍କୁ କ୍ଷତିପୂରଣ ଦେଉଥିବାବେଳେ ବ୍ୟବସାୟୀମାନଙ୍କୁ ସହାୟତା କରିବାରେ ବିଫଳ ହୋଇଥିବା ଶେହବାଜଙ୍କ ଦଳର ଜଣେ ନେତା କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭକାରୀମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଛନ୍ତି।




ବିକ୍ଷୋଭକାରୀଙ୍କ ସହ ହୁଞ୍ଜା, ଗିଲ୍‌ଗିଟ୍ ଓ ଅନ୍ୟ ସହରରୁ ବ୍ୟବସାୟୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟି ସଦସ୍ୟମାନେ ସାମିଲ ହୋଇଛନ୍ତି। ଇସ୍‌ଲାମାବାଦ ପାକ୍ ଅଧିକୃତ କଶ୍ମୀରକୁ ଅବହେଳା କରୁଥିବାରୁ ଏହାର ଫଳ ସ୍ୱରୂପ ସେଠାରେ ନିୟମିତ ବ୍ୟବଧାନରେ ଆନ୍ଦୋଳନ ମୁଣ୍ଡ ଟେକୁଛି। ମାସେ ପୂର୍ବରୁ ଏକ ପ୍ରସ୍ତାବିତ ବିଲ୍‌କୁ ନେଇ ଗିଲ୍‌ଗିଟ୍-ବାଲ୍ଟିସ୍ତାନରେ ଜୋର୍‌ଦାର ବିକ୍ଷୋଭ ହୋଇଥିଲା। ଉକ୍ତ ବିଲ୍ କାର୍ଯ୍ୟକାରୀ ହେଲେ ସେମାନଙ୍କ ଜମି ଓ ଉକ୍ତ ଅଞ୍ଚଳରୁ ଖଣିଜକୁ ସରକାର ନେଇଯିବା ସହ ଦୀର୍ଘଦିନ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ସେମାନେ ଅଭିଯୋଗ କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଏବଂ ଦରଦାମ୍ ବୃଦ୍ଧି ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରେ ଭାରତର କାର୍‌ଗିଲକୁ ସଡ଼କ ପଥ ଖୋଲାଯିବା ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ।

## ସଂକ୍ଷେପରେ

### ଆଜିଠୁ ରାମମନ୍ଦିର ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ରୀତିନୀତି

ଲକ୍ଷ୍ନୌ, ୨।୬

ଅଯୋଧ୍ୟା ରାମମନ୍ଦିରର ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ଆସନ୍ତା ୫ ତାରିଖରେ ହେବାକୁ ଥିବାବେଳେ ମଙ୍ଗଳବାରଠାରୁ ରୀତିନୀତି ଆରମ୍ଭ ହେବ। ଏହା ପୂର୍ବରୁ ମନ୍ଦିର ଶିଖରକୁ ସ୍ୱର୍ଣ୍ଣଖଚିତ କରାଯାଇଛି। ସୁନାର ଉଜ୍ଜ୍ୱଳ ରଙ୍ଗରେ ଏହା ବହୁ ଦୂରରୁ ଝଟକୁଥିବା ଦେଖିବାକୁ ମିଳିଛି। ଗତବର୍ଷ ମନ୍ଦିର ନିର୍ମାଣର ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ଜାନୁଆରୀ ୨୨ରେ ଏହାର ପ୍ରାଣପ୍ରତିଷ୍ଠା କରିଥିଲେ। ତେବେ ମନ୍ଦିରର ଅନ୍ୟାନ୍ୟ ଭାଗର କାର୍ଯ୍ୟ ଜାରି ରହିଥିଲା। ନବନିର୍ମିତ ରାମଦରବାରରେ ୫ ତାରିଖରେ ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି।

### କାରୋଲ ନଓରୋକି ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ

ୱାର୍ସା, ୨।୬

କଞ୍ଜରଭେଟିଭ୍ ନେତା କାରୋଲ ନଓରୋକି ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସୋମବାର ଚୂଡ଼ାନ୍ତ ଗଣତି ଅନୁଯାୟୀ ନଓରୋକି ୫୦.୮୯ ପ୍ରତିଶତ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୱାର୍ସା ମେୟର ରାଫାଲ ଟ୍ରଜାସ୍କୋଓସ୍କି ୪୯.୧୧ ପ୍ରତିଶତ ଭୋଟ ପାଇଛନ୍ତି। ତେବେ ରବିବାର ସନ୍ଧ୍ୟାରେ ପ୍ରକାଶ ପାଇଥିବା ଏକ୍‌ଜିଟ୍ ପୋଲ୍ ଅନୁଯାୟୀ, ଟ୍ରଜାସ୍କୋଓସ୍କି ବିଜୟୀ ହେବେ ବୋଲି ପୂର୍ବାନୁମାନ କରାଯାଇଥିଲା। ଚୂଡ଼ାନ୍ତ ଫଳାଫଳ ପୂର୍ବାନୁମାନକୁ ବଦଳାଇ ଦେଇଛି। ନୂଆ ନେତାଙ୍କ ନେତୃତ୍ୱରେ ପୋଲାଣ୍ଡ ଅଧିକ ଜାତୀୟତାବାଦୀ ମାର୍ଗ ଅନୁସରଣ କରିବା ଆଶା କରାଯାଉଛି। କାରୋଲଙ୍କ ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ରହିଛି।



# ଭାରତର ୫ ବିଲିୟନ ଡଲାର ରପ୍ତାନି ପ୍ରଭାବିତ ହୋଇପାରେ

## ଇସ୍ପାତ, ଆଲୁମିନିୟମ୍ ଉପରେ ଆମେରିକାର ଟାରିଫ୍ ବୃଦ୍ଧି ପ୍ରସ୍ତାବ

କୋଲକାତା, ୨।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ପାତ ଓ ଆଲୁମିନିୟମ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ପ୍ରସ୍ତାବ ରଖିଥିବାରୁ ଏହାର ଭାରତର ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନିକୁ ଗୁରୁତର ପ୍ରଭାବିତ କରିପାରେ। ଇଞ୍ଜିନିୟରିଂ ଏକ୍ସପୋର୍ଟ ପ୍ରମୋଶନ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଇଇପିସି) ପକ୍ଷରୁ ଏଭଳି ଆକଳନ କରାଯାଇଛି। ଆମେରିକାକୁ ଭାରତ ରପ୍ତାନି କରୁଥିବା ମୋଟ ଇଞ୍ଜିନିୟରିଂ ସାମଗ୍ରୀ ମଧ୍ୟରୁ ଇସ୍ପାତ ଓ ଆଲୁମିନିୟମ ପ୍ରସ୍ତୁତ ସାମଗ୍ରୀ ପରିମାଣ ପ୍ରାୟ ଏକ-ଚତୁର୍ଥାଂଶ। ବର୍ତ୍ତମାନ ଭାରତ ଆମେରିକାକୁ ବାର୍ଷିକ ପ୍ରାୟ ୫ ବିଲିୟନ ଡଲାର ମୂଲ୍ୟର ଇସ୍ପାତ ଓ ଆଲୁମିନିୟମ ରପ୍ତାନି କରୁଛି। ଗତ ମାର୍ଚ୍ଚ ୧୮ରେ ଆମେରିକା ଇସ୍ପାତ ଆମଦାନୀ ଉପରେ ୨୫ ପ୍ରତିଶତ ଟାରିଫ୍ ଲଗାଇଥିଲା, ଯାହା ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଆମେରିକାକୁ ସିଧାସଳଖ ଭାରତର ଇସ୍ପାତ ରପ୍ତାନି ସୀମିତ ହୋଇଥିଲେ ମଧ୍ୟ ଟାରିଫ୍ ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତାକୁ ଜୋର୍‌ଦାର କରିବା ସହ ବାଣିଜ୍ୟ ପ୍ରବାହ ବାଧାପ୍ରାପ୍ତ ହୋଇଛି। ୫୦% ଟାରିଫ୍ ଲାଗୁ ହେଲେ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଅଧିକ ମହଙ୍ଗା ହେବ ଏବଂ ରପ୍ତାନି ହ୍ରାସ ପାଇବ ବୋଲି ଇଇପିସି ଇଣ୍ଡିଆର ଅଧ୍ୟକ୍ଷ ପଙ୍କଜ ଚଡ଼ା କହିଛନ୍ତି। ବ୍ରିଟେନ୍ ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ବଳରେ ଇସ୍ପାତ ଓ ଆଲୁମିନିୟମ୍ ଉପରୁ ୨୫ ପ୍ରତିଶତ ଟାରିଫ୍ ଛାଡ଼ ପାଇଥିବାବେଳେ ଭାରତ ମଧ୍ୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା (ବିଟିଏ) ବୁଝାମଣାବେଳେ ଅନୁରୂପ ଛାଡ଼ ପାଇଁ ପ୍ରସ୍ତାବ ଦେବାକୁ ଚଡ଼ା କହିଛନ୍ତି।

## ଶାଗୁଣା ଧକ୍କାରୁ ବିମାନର ଜରୁରୀ ଅବତରଣ

ରାଞ୍ଚି, ୨।୬

ସୋମବାର ପାଟନାରୁ ରାଞ୍ଚି ଆସୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ଶାଗୁଣା ଧକ୍କା ହୋଇଯିବାରୁ ବିମାନଟିକୁ ରାଞ୍ଚିର ବିର୍ସାମୁଣ୍ଡା ଏୟାରପୋର୍ଟରେ ଏମର୍ଜେନ୍ସି ଲାଣ୍ଡିଂ କରିବାକୁ ପଡ଼ିଛି। ଉକ୍ତ ବିମାନରେ ୧୭୫ ଜଣ ଯାତ୍ରୀ ରହିଥିଲେ। ତେବେ ବିମାନର ସମସ୍ତ ଯାତ୍ରୀ ଏବଂ କ୍ରିଉ ସଦସ୍ୟ ସୁରକ୍ଷିତ ରହିଛନ୍ତି ବୋଲି ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ବିମାନଟି ୩ ହଜାରରୁ ୪ ହଜାର ଫୁଟ ଉଚ୍ଚତାରେ ଥିବା ବେଳେ ଏକ ଶାଗୁଣା ବିମାନ ସହ ଧକ୍କା ହୋଇଯାଇଥିଲା।

## ତୁର୍କୀରେ ରୁଷିଆ-ୟୁକ୍ରେନ୍ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା

ଇସ୍ତାନବୁଲ, ୨।୬

ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ସୋମବାର ତୁର୍କୀର ଇସ୍ତାନବୁଲରେ ୨ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଚସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି। ୨ ସପ୍ତାହ ପୂର୍ବରୁ ୨ ଦେଶ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ଅଗ୍ରଗତି ଘଟି ନ ଥିଲା। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଲାଗି ରହିଥିବାବେଳେ ଏହି ଆଲୋଚନା ଯୁଦ୍ଧବିରତିରେ କେତେଦୂର ସହାୟକ ହେବ, ତାହା ଜଣାପଡ଼ି ନାହିଁ। କାରଣ ଆଲୋଚନାର ଦିନକ ପୂର୍ବରୁ ଉଭୟ ପକ୍ଷ ରବିବାର ପରସ୍ପରକୁ ଆକ୍ରମଣ କରିଥିଲେ। ୟୁକ୍ରେନୀୟ ସେନା ସାଇବେରିଆର ପୂର୍ବାଞ୍ଚଳରେ ଥିବା ରୁଷିଆର ଏକ ଏୟାରବେସ୍‌କୁ ଟାର୍ଗେଟ କରି ଡ୍ରୋନ୍ ମାଡ଼ କରିବାରୁ ରୁଷିଆର ୪୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟ ଧ୍ୱଂସ ହୋଇଯାଇଛି। ସେହିପରି ରୁଷିଆର ୨ଟି ବ୍ରିଜ୍‌କୁ ମଧ୍ୟ ୟୁକ୍ରେନ୍ ଉଡ଼ାଇଦେବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୬୯ ଜଣ ଆହତ ହୋଇଥିଲେ। ଅନ୍ୟପକ୍ଷେ ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ୟୁକ୍ରେନୀୟ ସେନାର ଏକ ତାଲିମ ଶିବିରରେ ୧୨ ସୈନ୍ୟ ନିହତ ହୋଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତେମ୍ ଉମେରୋଭ ୟୁକ୍ରେନ୍ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହଯୋଗୀ ଭ୍ଲାଡିମିର ମେଡିନ୍‌ସ୍କି କ୍ରେମ୍‌ଲିନ୍ ଟିମ୍‌ର ନେତୃତ୍ୱ ନେଉଛନ୍ତି। ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ହକାନ ଫିଦାନଙ୍କ ଅଧ୍ୟକ୍ଷତାରେ ଇସ୍ତାନବୁଲ୍‌ର ସିରାଗାନ୍ ପ୍ୟାଲେସ୍‌ରେ ବୈଠକ ଚାଲିଛି। ଯୁଦ୍ଧ ବନ୍ଦ ପାଇଁ ଉଭୟ ପକ୍ଷ ମୁଖ୍ୟ ସର୍ତ୍ତଠାରୁ ଦୂରେଇ ରହିଥିବା ସୂଚନା ଦେଇଛନ୍ତି।

## କଶ୍ମୀରୀ ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ, ଥଇଥାନ ପାଇଁ ମେହବୁବାଙ୍କ ଦାବି

ଶ୍ରୀନଗର, ୨।୬

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍ତି ସୋମବାର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟି ବିସ୍ଥାପିତ କଶ୍ମୀରୀ ପଣ୍ଡିତମାନଙ୍କୁ ମର୍ଯ୍ୟାଦାର ସହ ଫେରାଇଆଣିବା ଏବଂ ଥଇଥାନ ପାଇଁ ଦାବି କରିଛନ୍ତି। ସିହ୍ନା ୨୦୨୦ରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ନିଯୁକ୍ତ ହେବା ପରେ ମେହବୁବା ତାଙ୍କୁ ପ୍ରଥମ ଥର ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ସୀମାପାର ମୋର୍ଟାର ଶେଲ୍ ମାଡ଼ରେ ୧୮ ସାଧାରଣ ନାଗରିକଙ୍କ ମୃତ୍ୟୁ ସମେତ ଜମ୍ମୁ-କଶ୍ମୀରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କଶ୍ମୀରୀ ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ ଓ ପୁନର୍ବାସ ପାଇଁ ଏକ ଲିଖିତ ପ୍ରସ୍ତାବ ସେ ଉପରାଜ୍ୟପାଳଙ୍କୁ ଦେବା ସହ ଏହାର ନକଲ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ପାଖକୁ ପଠାଇଛନ୍ତି।


ମେହବୁବା ମୁଫ୍ତି

୧୯୯୦ରେ ଉଗ୍ରବାଦ ବଢ଼ିବାରୁ ଉପତ୍ୟକା ଛାଡ଼ି ପଳାଇଥିବା କଶ୍ମୀରୀ ପଣ୍ଡିତମାନେ ଏବେ ଜମ୍ମୁ, ଦିଲ୍ଲୀ ଓ ଦେଶର ଅନ୍ୟାନ୍ୟ ସ୍ଥାନରେ ରହୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୨୦୨୦ ରିପୋର୍ଟ ଅନୁଯାୟୀ ବିସ୍ଥାପିତ କଶ୍ମୀରୀ ପଣ୍ଡିତ ପରିବାର ସଂଖ୍ୟା ୬୪,୯୫୧କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୪୩,୬୧୮ ପରିବାର ଜମ୍ମୁରେ, ୧୯,୩୩୮ ପରିବାର ଦିଲ୍ଲୀରେ ଏବଂ ୧,୯୯୫ ପରିବାର ଅନ୍ୟ ରାଜ୍ୟରେ ବସବାସ କରୁଛନ୍ତି।

# ଗେମିଂ ଆପ୍‌ରେ ୫ ଲକ୍ଷ ହରାଇ ଦମ୍ପତିଙ୍କ ଆତ୍ମହତ୍ୟା

କୋଟା, ୨।୬ (ପି.ଟି.)

ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇବା ପରେ ରାଜସ୍ଥାନର କୋଟା ଜିଲାରେ ଏକ ଦମ୍ପତି ହତାଶ ହୋଇ ରବିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। କୋଟାର ଖେଡ଼ା ରାମପୁର ଗ୍ରାମସ୍ଥିତ ନିଜ ଘରେ ଦୀପକ ରାଠୋଡ଼ ଓରଫ୍ ଭିକି (୩୦) ଏବଂ ତାଙ୍କ ସ୍ତ୍ରୀ ରାଜେଶ ରାଠୋଡ଼ ଓରଫ କ୍ରୀଷ୍ଟା (୨୭) ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଏହି ଦମ୍ପତି ରବିବାର ରାତିରେ ସ୍ଥାନୀୟ ବଜାରରୁ ନାଇଲନ ଦଉଡ଼ି କିଣିଥିଲେ। ରାତ୍ରି ଭୋଜନ ପରେ ସେମାନେ ରଶିରେ ଝୁଲି ଆତ୍ମହତ୍ୟା କରିଥିଲେ। ସୋମବାର ସକାଳେ ଦୀପକଙ୍କ ପରିବାର ଲୋକେ ତାଙ୍କ ରୁମ୍‌ର କବାଟ ବାଡ଼େଇବାରୁ ତାଙ୍କ ୫ ବର୍ଷର ଝିଅ କବାଟ ଖୋଲିଥିଲେ। ଏହାପରେ ପରିବାର ଲୋକେ ଉଭୟ ଦୀପକ ଓ ତାଙ୍କ ସ୍ତ୍ରୀଙ୍କୁ ରଶିରେ ଝୁଲୁଥିବାର ଦେଖି ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇ ନ ଥିବା ପୋଲିସ କହିଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଦୀପକ ପ୍ରାୟତଃ ତାଙ୍କ ମୋବାଇଲ ଫୋନ୍‌ରେ ଅନ୍‌ଲାଇନ ଗେମ ଖେଳି ଟଙ୍କା ଲଗାଉଥିଲେ। ସେ ନିକଟରେ ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇଥିଲେ। ତେଣୁ ଗତ କିଛିଦିନ ହେବ ସେ ସର୍ବଦା ଉଦାସ ରହୁଥିଲେ। ଦିନକ ତଳେ ଦୀପକ ନିଜ ଦେଢ଼ଶାଶୁଙ୍କ ସହ କଥା ହୋଇ ଅନ୍‌ଲାଇନ୍ ଗେମିଂ ଆପ୍‌ରେ ଟଙ୍କା ହରାଇଥିବାରୁ ଏବେ ତାଙ୍କ ଉପରେ ୪ରୁ ୫ ଲକ୍ଷ ଟଙ୍କାର ଋଣ ରହିଥିବା କହିଥିଲେ। ତେଣୁ ଆତ୍ମହତ୍ୟା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ ବୋଲି ଦୀପକ କହିଥିଲେ। ଦୀପକ ଏବଂ କ୍ରୀଷ୍ଟାଙ୍କ ବିବାହ ୬ ବର୍ଷ ତଳେ ହୋଇଥିବା ପରିବାର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କୋଟା ଡିଏସ୍‌ପି କହିଛନ୍ତି।


ଦୀପକଙ୍କ ସହ ସ୍ତ୍ରୀ କ୍ରୀଷ୍ଟା।

# ଭୂସ୍ଖଳନରେ ୩ ଯବାନ ମୃତ

## ୬ ନିଖୋଜ

ଗ୍ୟାଙ୍ଗଟକ, ୨।୬ (ପି.ଟି.)

ସିକିମର ଛତେନଠାରେ ଚାଲିଥିବା ଏକ ମିଲିଟାରି କ୍ୟାମ୍ପରେ ଭୂସ୍ଖଳନ ଘଟିବାରୁ ଭାରତୀୟ ସେନାର ୩ ଯବାନଙ୍କର ମୃତ୍ୟୁ ଘଟିଥିବାବେଳେ ୬ ଜଣ ଯବାନ ନିଖୋଜ ରହିଛନ୍ତି। ରାଜ୍ୟରେ ଗତ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଏହାର ପ୍ରଭାବରେ ମଙ୍ଗନ ଜିଲାର ଛତେନର ବିଭିନ୍ନ ଅଞ୍ଚଳରେ ରବିବାର ରାତିରେ ଭୂସ୍ଖଳନ ଘଟିଥିଲା। ଏହି ଭୂସ୍ଖଳନରେ ଭାରତୀୟ ସେନାର ହାବିଲଦାର ଲଖିନ୍ଦର ସିଂ, ଲାନ୍ସ ନାୟକ ମୁନିସ ଠାକୁର ଏବଂ ପୋର୍ଟର ଅଭିଷେକ ଲାଖଣ୍ଡାଙ୍କର ମୃତ୍ୟୁ ହୋଇଛି। ତେବେ ସାମାନ୍ୟ ଆହତ ଅବସ୍ଥାରେ ୪ ଜଣ ଅନ୍ୟ ଯବାନଙ୍କୁ ଉଦ୍ଧାର କରାଯାଇଛି। ଏବେ ମଧ୍ୟ ୬ ଜଣ ଯବାନ ନିଖୋଜ ରହିଛନ୍ତି। ରେସ୍କ୍ୟୁ ଟିମ୍ ପକ୍ଷରୁ ସେମାନଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ଅନ୍ୟପକ୍ଷରେ, ସିକିମର ଲାଚୁଙ୍ଗ ସହରରେ ଲଗାଣ ବର୍ଷା ଏବଂ ଭୂସ୍ଖଳନ ମଧ୍ୟରେ ଫସି ରହିଥିବା ୧,୬୭୮ ଜଣ ପର୍ଯ୍ୟଟକଙ୍କୁ ସୋମବାର ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ନେଇ ରାଜ୍ୟ ଡିଜିପି ଅକ୍ଷୟ ସଚ୍‌ଦେବା ସୂଚନା ଦେଇଛନ୍ତି। ସେହିପରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଗତ କିଛି ଦିନ ମଧ୍ୟରେ ଲଗାଣ ବର୍ଷା ଏବଂ ଏହାଦ୍ୱାରା ସୃଷ୍ଟି ହୋଇଥିବା ବନ୍ୟା ଏବଂ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ବଢ଼ି ୩୪ରେ ପହଞ୍ଚିଛି।


ସିକିମର ଛତେନଠାରେ ଭୂସ୍ଖଳନ ପରେ ରେସ୍କ୍ୟୁ ଟିମ୍ ପକ୍ଷରୁ ଫସି ରହିଥିବା ଯବାନଙ୍କୁ ଉଦ୍ଧାର କରାଯାଉଛି।

## ଫୁର୍‌ସତ୍

### କୁଲରକୁ ନେଇ ବିବାହରେ ମାରପିଟ

ଝାନ୍ସି

ଉତ୍ତରପ୍ରଦେଶର ଝାନ୍ସିରେ ଚାଲିଥିବା ଏକ ବିବାହରେ କୁଲରର ପବନକୁ ନେଇ ମାରପିଟ ହେବା ସହ ଚେୟାର ଫିଙ୍ଗାଫୋପଡ଼ା ହୋଇଥିଲା। ଏହି ଘଟଣାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସିପ୍‌ରି ବଜାର ଥାନା ନନ୍ଦନପୁରା ନିବାସୀ ଗଣେଶୀ ରାୟକ୍ୱାରଙ୍କ ଝିଅ ବିବାହରେ କୁଲରର ପବନକୁ ନେଇ ବିବାଦ ଦେଖା ଦେଇଥିଲା। ବିବାହରେ ବର ଏବଂ କନ୍ୟାଙ୍କ ପାଇଁ ମଞ୍ଚ ଉପରେ ଏକ କୁଲର ରଖାଯାଇଥିଲା। ତେବେ ବରଯାତ୍ରୀର କେତେଜଣ ଲୋକ କୁଲର ସମ୍ମୁଖରେ ବସି ପଡ଼ିଥିଲେ, ଯାହାଫଳରେ ବର ଏବଂ କନ୍ୟାଙ୍କ ନିକଟକୁ କୁଲରର ପବନ ଆସିପାରି ନ ଥିଲା। ଏହା ଦେଖି ସେଠାରେ ଉପସ୍ଥିତ କେତେଜଣ କନ୍ୟାପକ୍ଷ ଲୋକ କୁଲର ସମ୍ମୁଖରେ ବସିଥିବା ବରଯାତ୍ରୀଙ୍କୁ ଉଠି ପଡ଼ିବାକୁ କହିଥିଲେ। ଏହାକୁ ନେଇ ଝଗଡ଼ା ଆରମ୍ଭ ହୋଇଥିଲା, ଯାହା ପରେ ଚେୟାର ଫୋପଡ଼ାଫିଙ୍ଗା ଏବଂ ମାରପିଟରେ ପରିଣତ ହୋଇଥିଲା। ଘଟଣାକୁ ନେଇ କନ୍ୟାଙ୍କ ମା' ଏବଂ ଭାଇ ଝାନ୍ସି ଏସ୍‌ଏସ୍‌ପି ଅଫିସ୍ ପହଞ୍ଚି ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



### ବିନୀତା ଛେତ୍ରୀ ରନରଅପ୍

#### ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ-୨୦୨୫

ଲଣ୍ଡନ

ବ୍ରିଟେନ୍‌ର ଲୋକପ୍ରିୟ ରିୟଲିଟି ଶୋ' 'ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ'ର ଚଳିତ ସିଜନରେ ଭାରତର ୯ ବର୍ଷୀୟା ବିନୀତା ଛେତ୍ରୀ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି। ଏହି ମଞ୍ଚରେ ବିନୀତା ନିଜ ନୃତ୍ୟ ଦ୍ୱାରା ଦର୍ଶକ ଏବଂ ବିଚାରକମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରି ଅନ୍ତର୍ଜାତୀୟ ସ୍ତରରେ ଭାରତର ନାମକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ଯୋଗୁ ଦେଶବ୍ୟାପୀ ଏବେ ତାଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି। ବିନୀତା ଆସାମର ହୋଇଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ତାଙ୍କର ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ଆସାମର ବୋକାଜାନ ସହରସ୍ଥିତ ବ୍ରଏଲର ଫାର୍ମ ମାଲିକ ଅମର ଛେତ୍ରୀଙ୍କର ଝିଅ ବିନୀତା ବ୍ରହ୍ମପୁତ୍ରଠାରୁ ବ୍ରିଟେନ୍ ପର୍ଯ୍ୟନ୍ତ ସମସ୍ତଙ୍କର ହୃଦୟ ଜିତିଛନ୍ତି। ତାଙ୍କୁ ଅନେକ ଅନେକ ଅଭିନନ୍ଦନ। 'ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ' ଇତିହାସର ପ୍ରଥମ ଭାରତୀୟ ପ୍ରତିଯୋଗୀ ଭାବେ ବିନୀତା ଏହାର ଫାଇନାଲରେ ପ୍ରବେଶ କରିଥିଲେ। ବ୍ରିଟିଶ୍ ମ୍ୟାଜିସିଆନ୍ ହ୍ୟାରି ମୋଲ୍ଡିଂ 'ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ ୨୦୨୫'ର ଟାଇଟଲ ହାସଲ କରିଥିବା ବେଳେ ଏଲ୍‌ଇଡି ଡ୍ୟାନ୍ସ ଗ୍ରୁପ୍ 'ଦି ବ୍ଲାକ୍‌ଆଉଟ୍ସ' ଏହି ପ୍ରତିଯୋଗିତାରେ ପ୍ରଥମ ରନର୍ ଅପ୍ ହୋଇଥିଲା। ଗ୍ରାଣ୍ଡ ଫିନାଲେରେ ଦ୍ୱିତୀୟ ରନର ଅପ୍ ହେବାପରେ ଶୋ'ର ହୋଷ୍ଟ ବିନୀତାଙ୍କୁ ତାଙ୍କ ଯାତ୍ରା ବିଷୟରେ ପଚାରିଥିଲେ। ଉତ୍ତରରେ ବିନୀତା କହିଥିଲେ, ସେ ନିଜ ପାଇଁ ଗର୍ବିତ। ଏହା ତାଙ୍କ ଜୀବନର ସବୁଠାରୁ ବିଶେଷ ମୁହୂର୍ତ୍ତ। ବିନୀତାଙ୍କ ଏହି ଉକ୍ତି ଶୁଣିବା ପରେ ଦର୍ଶକମାନେ କରତାଳିରେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।



### ଟ୍ରେନ୍‌ର ଜନ୍ମଦିନ ପାଳିଲେ ଯାତ୍ରୀ







ପୁଣେ

ମହାରାଷ୍ଟ୍ରର ମୁମ୍ବାଇ ଏବଂ ପୁଣେକୁ ସଂଯୋଗ କରୁଥିବା ଡେକାନ୍ କୁଇନ୍ ପାସେଞ୍ଜର ଟ୍ରେନ୍‌ର ୯୬ତମ ଜନ୍ମଦିନକୁ ରବିବାର ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ ରେଲ୍‌ୱେ ପାସେଞ୍ଜର ଗ୍ରୁପ୍‌ର ଅଧ୍ୟକ୍ଷ ହର୍ଷ ଶାହ ପୁଣେ ଷ୍ଟେଶନର ପ୍ଲାଟ୍‌ଫର୍ମ ନମ୍ବର-୩ରେ କେକ୍ କାଟି ଡେକାନ୍ କୁଇନ୍‌ର ଜନ୍ମଦିନକୁ ପାଳନ କରିଥିଲେ। ଏହି ସେଲିବ୍ରେଶନ ସମୟରେ ପ୍ରତିଦିନ ପୁଣେରୁ ମୁମ୍ବାଇକୁ ଯାତାୟାତ କରୁଥିବା ଅନେକ ଯାତ୍ରୀ ଉପସ୍ଥିତ ଥିଲେ। ହର୍ଷ କହିଛନ୍ତି, ଗତ ୭୫ ବର୍ଷ ଧରି ପ୍ରତିବର୍ଷ ଡେକାନ୍ କୁଇନର ଜନ୍ମଦିନକୁ ପାଳନ କରାଯାଉଛି। ପ୍ରକାଶ ଯେ, ମୁମ୍ବାଇ ଏବଂ ପୁଣେ ସହରକୁ ସଂଯୋଗ କରିବାରେ ଡେକାନ୍ କୁଇନ୍ ଏକ ପ୍ରମୁଖ ମାଧ୍ୟମ ଭାବେ ଜଣାଶୁଣା। ଠିକ୍ ସମୟରେ ପ୍ରସ୍ଥାନ ଏବଂ ଆଗମନ ପାଇଁ ପ୍ରସିଦ୍ଧ ଥିବା ଏହି ଟ୍ରେନ୍ ଗତ ୯୫ ବର୍ଷ ଧରି ଯାତ୍ରୀମାନଙ୍କ ମଧ୍ୟରେ ବିଶ୍ୱାସର ପ୍ରତୀକ ହୋଇରହିଛି। ପ୍ରତିଦିନ ଅନେକ ହଜାର ସଂଖ୍ୟାରେ ଯାତ୍ରୀ ଏହି ଟ୍ରେନ୍ ଯୋଗେ ମୁମ୍ବାଇ ଏବଂ ପୁଣେ ମଧ୍ୟରେ ଯାତାୟାତ କରିଥାନ୍ତି।




# ଖୁବ୍‌ଶୀଘ୍ର ଭଦ୍ରକରେ ମେଡିକାଲ କଲେଜର ଶିଳାନ୍ୟାସ: ମୁଖ୍ୟମନ୍ତ୍ରୀ

ଭଦ୍ରକ,୨।୬ (ସନାତନ ରାଉତ/ରବିନାରାୟଣ ଖିଲାର)



ଭଦ୍ରକ ବ୍ଲକ ରମ୍ଭିଳା ପଞ୍ଚାୟତର ବଳିଆପଦା ପଡ଼ିଆରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

■ ୨୭୪ କୋଟିର ୧୩ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର

■ ଜିଲାର ବରପୁତ୍ରଙ୍କୁ ମନେପକାଇଲେ

ଭଦ୍ରକର ଦୀର୍ଘଦିନର ଦାବି ସରକାରୀ ମେଡିକାଲ କଲେଜର ଶିଳାନ୍ୟାସ ଖୁବ୍‌ଶୀଘ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଭଦ୍ରକ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ସଦର ବ୍ଲକର ରମ୍ଭିଳା ପଞ୍ଚାୟତ ବଳିଆପଦା ପଡ଼ିଆରେ ଅନୁଷ୍ଠିତ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ସଭାରେ ଯୋଗଦେଇ ଏହା କହିବା ସହ ଜିଲାରେ ସରକାରୀ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବା ନେଇ ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରାହ୍ନ ୪ଟା ୩୦ରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ରିମୋଟ୍ ଚିପି ଜିଲାର ୨୭୪ କୋଟି ୪୭ ଲକ୍ଷ ମୂଲ୍ୟର ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଭାଷଣ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ସମେତ ଜିଲାର ବରପୁତ୍ରମାନଙ୍କୁ ମନେପକାଇଥିଲେ। ଏହି ଅବସରରେ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଆଲୋକପାତ କରିଥିଲେ। ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦିଆଯିବ। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସରକାର ପ୍ରତିଷ୍ଠା କରିବେ। ପୂର୍ବ ସରକାରରେ ଶିକ୍ଷାର ଉନ୍ନତି ନାମରେ କେବଳ ରଙ୍ଗ ମାରିବା ଓ ନିଜର ବାଜା ବଜାଇବାରେ ୨୪ ବର୍ଷ ଚାଲିଗଲା। ଆୟୁଷ୍ମାନ୍ ଯୋଜନା ପୂର୍ବ ସରକାର ଲାଗୁ କରି ନ ଥିବାବେଳେ ରାଜ୍ୟରେ ଭାଜପା ସରକାର ଆସିବା ପରେ ଲୋକଙ୍କୁ ଏହି ଯୋଜନାର ସୁବିଧା ମିଳିଛି। ଦେଶରେ ୨୯ ହଜାର ହସ୍ପିଟାଲରେ ଲୋକେ ଚିକିତ୍ସା ସୁବିଧା ନେଇପାରିବେ। ଭାଜପା ସରକାର ଆସିବାର ୬ ମାସ ମଧ୍ୟରେ ଚାଷୀମାନଙ୍କୁ ଧାନକିଣାରେ ୮ଶହ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସଶକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଭଦ୍ରକ ଜିଲାରେ ଶିଳ୍ପର ବିକାଶ ପାଇଁ ଆଇଓସିଏଲ୍ ପକ୍ଷରୁ ୪୩୭୭ କୋଟି ଟଙ୍କା ବିନିଯୋଗରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଅନୁମୋଦନ କରାଯାଇଛି। ଏମ୍‌ସିପିଏଲ୍ ପକ୍ଷରୁ ୨୨୨୪ କୋଟି ଟଙ୍କା ବ୍ୟୟବରାଦରେ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପରେ ବହୁ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ। ଭଦ୍ରକ ଜିଲାକୁ ଅଗ୍ରଣୀ ଓ ବିକଶିତ ଜିଲା ଭାବେ ଗଢ଼ି ତୋଳିବା ପାଇଁ ଭାଜପା ସରକାର ଉଦ୍ୟମ ଜାରି ରଖିଛନ୍ତି। ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବରେଣ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଭଦ୍ରକର ସମସ୍ତ ଐତିହ୍ୟ ସ୍ଥଳୀକୁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଛି। ଆରଡ଼ି ଆଖଣ୍ଡଳମଣି ପୀଠ, ଭଦ୍ରକାଳୀ ପୀଠ ସମେତ ଶହୀଦ ପୀଠ ଇରମ, ଲୁଣିଆ, ଗୋହିରାଟିକିରିର ବିକାଶ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟବାସୀଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ସରକାର ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବାସୁଦେବପୁର ବିଧାୟକ ଅଶୋକ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଭଦ୍ରକ ଗସ୍ତକୁ ସ୍ୱାଗତ ଜଣାଇବା ସହ ବକ୍ତବ୍ୟ ରଖିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ ଏବଂ ଜିଲାପାଳ ଦିଲୀପ ରାଉତରାଏ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ସରୋଜ ଦତ୍ତ, ଉପଜିଲାପାଳ ସରୋଜ ଚକ୍ରବର୍ତ୍ତୀ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସହଯୋଗ କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନେତୃତ୍ୱରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ସମ୍ବିତ ମାଝୀ, ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ସମେତ ୨ଜଣ ଡିଏସ୍‌ପି, ୨୦ରୁ ଊର୍ଦ୍ଧ୍ୱ ଇନ୍ସପେକ୍ଟର ନିୟୋଜିତ ଥିଲେ। ୨୦ ପ୍ଲାଟୁନ ଫୋର୍ସ ସହ ସାଦା ପୋଷାକରେ ପୋଲିସ ସଭାସ୍ଥଳରେ ମୁତୟନ ରହିଥିଲେ। ଅପରାହ୍ନ ୪ଟା ୨୦ରେ ମୁଖ୍ୟମନ୍ତ୍ରୀଙ୍କ ହେଲିକେପ୍ଟର ଜଗଦଳପୁର ୟୁଜିଏମ୍‌ଇ ସ୍କୁଲ ପଡ଼ିଆରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲା। ସେଠାରୁ ସଡ଼କ ପଥରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଯାଇଥିଲେ। ସନ୍ଧ୍ୟା ୬ଟାରେ ସଭା ସରିବା ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

# ସରକାରଙ୍କ ଖର୍ଚ୍ଚ ୧% ବଢ଼ିଛି

## ସାମାଜିକ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ରାଜ୍ୟରେ ବଜେଟ ଅର୍ଥ ଖର୍ଚ୍ଚ ଆଶାଜନକ ନ ହେବା ନେଇ ଭାଜପା ସରକାରକୁ ବିରୋଧୀମାନେ ସମାଲୋଚନା କରି ଆସୁଥିଲେ ହେଁ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଭାଜପା ସରକାର ଗତ ଆର୍ଥିକବର୍ଷର ଦୁଇମାସ ପରେ (ଜୁନ୍ ୧୨) ଦାୟିତ୍ୱ ଗ୍ରହଣ କରିଥିଲେ ହେଁ ପୂର୍ବବର୍ଷ ତୁଳନାରେ ୨୬ହଜାର କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକବର୍ଷରେ ବଜେଟ ଅର୍ଥ ପ୍ରାୟ ୧% ଅଧିକ ଖର୍ଚ୍ଚ ହୋଇଛି। କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ମହିଳା ଓ ଶିଶୁ କଲ୍ୟାଣ, ବିଜ୍ଞାନ ଓ କାରିଗରି ଭଳି ବିଭିନ୍ନ ସାମାଜିକ କ୍ଷେତ୍ରରେ ସରକାର ଆଖିଦୃଶିଆ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି ଅର୍ଥ ବିଭାଗରୁ ତଥ୍ୟରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ପୂର୍ବ ସରକାର ତାଙ୍କ ବଜେଟରେ ୨,୫୭,୧୮୦.୭୯ କୋଟି ଟଙ୍କା ବ୍ୟୟ ଅଟକଳ କରିଥିବାବେଳେ ସେଥିମଧ୍ୟରୁ ୨ଲକ୍ଷ ୭ହଜାର ୬୯୭.୩୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ, ଯାହା କି ପୂର୍ବ ସରକାରଙ୍କ ସର୍ବାଧିକ ଖର୍ଚ୍ଚ ହାର ୮୦.୭୬% ରହିଥିଲା। ମାତ୍ର ଭାଜପା ସରକାର ଗତ ୨୦୨୪-୨୫ରେ ୨ଲକ୍ଷ ୮୫ହଜାର ୨୫୧.୨୧ କୋଟି ଟଙ୍କାର ବ୍ୟୟ ଅଟକଳ କରି ସେଥିରୁ ୨ଲକ୍ଷ ୩୩ହଜାର ୭୬.୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସରକାର ଗତ ଆର୍ଥିକବର୍ଷରେ ମାତ୍ର ୧୦ମାସ ମଧ୍ୟରେ ପ୍ରାୟ ୧% ଅର୍ଥ ଅଧିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଏହା କେବଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାରମ୍ବାର ସମୀକ୍ଷା ବୈଠକ ଯୋଗୁ ସଫଳ ହୋଇପାରିଛି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ତେବେ ପୂର୍ବ ସରକାର ସମୟରେ ଅର୍ଥ ବିଭାଗ ଲାଗି ୬୧ ହଜାର ୨୧କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ସେଥିରୁ ୪୬ ହଜାର ୬୩୧.୬୪ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଥିଲା, ଯାହାକି ଖର୍ଚ୍ଚ ହାର ୭୬.୪୨% ଥିଲା। ମାତ୍ର ଭାଜପା ସରକାର ଗତବର୍ଷ ବଜେଟ ପରିମାଣ ୬୨ ହଜାର ୨୩୧ କୋଟିଟଙ୍କାକୁବୃଦ୍ଧିକରିଥିଲେ ଏବଂ ସେଥିରୁ ୫୪ ହଜାର ୯୫୨ କୋଟି ଖର୍ଚ୍ଚ କରିବାରେ ସକ୍ଷମ ହୋଇଥିଲେ। ଅର୍ଥ ବିଭାଗର ଖର୍ଚ୍ଚ ହାର ୮୮.୩%କୁ ବଢ଼ିଥିଲା। ଗତ ଆର୍ଥିକବର୍ଷ(୨୦୨୩-୨୪) ତୁଳନାରେ ୨୦୨୪-୨୫ରେ ପ୍ରାୟ ୧୨% ଅର୍ଥ ଅଧିକ ଖର୍ଚ୍ଚ ହୋଇଛି।

ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପୂର୍ବବର୍ଷ ୫୦୮୬ କୋଟି ଟଙ୍କା ମଧ୍ୟରୁ ୪୨୯୬ କୋଟିଟଙ୍କା ଖର୍ଚ୍ଚକରିଥିଲା, ବିଭାଗର ଖର୍ଚ୍ଚ ହାର ୮୪.୪୮ % ରହିଥିଲା। ମାତ୍ର ଗତ ଆର୍ଥିକବର୍ଷ ବଜେଟ ପରିମାଣ ୮ହଜାର ୧୦୯ କୋଟି ଟଙ୍କା ମଧ୍ୟରୁ ୭ ହଜାର ୪୮୬ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି, ଯାହାକି ୯୨.୩୨%। ସେହିପରି ଏମ୍‌ଏସ୍‌ଏମ୍‌ଇ ବିଭାଗ ୨୦୨୩-୨୪ରେ ୬୩.୩୩% ଅର୍ଥ ଖର୍ଚ୍ଚ କରିଥିବାବେଳେ ୨୦୨୪-୨୫ରେ ଏହା ୬୮.୩%କୁ ବୃଦ୍ଧି ପାଇଛି। ଉଚ୍ଚଶିକ୍ଷା ବିଭାଗରେ ୨% ଅର୍ଥ ଅଧିକ ଖର୍ଚ୍ଚ ହୋଇଥିବାବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ୩%ରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ ହୋଇଛି। ସାଧାରଣ ଉଦ୍ୟୋଗ ବିଭାଗରେ ୯% ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୧୫% ଅଧିକ, ପର୍ଯ୍ୟଟନରେ ୬%, ବିଜ୍ଞାନ ଓ କାରିଗରିରେ ୩%, କୃଷିରେ ୩%, ବାଣିଜ୍ୟରେ ସର୍ବାଧିକ ୩୦% ଅର୍ଥ ଅଧିକ ଖର୍ଚ୍ଚ ହୋଇଥିବା ବିଭାଗୀୟ ତଥ୍ୟରୁ ଜଣାଯାଇଛି। ପୂର୍ବବର୍ଷ ୬୩.୫୩% ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ଗତବର୍ଷ ୯୩.୨୧% ଅର୍ଥ ଖର୍ଚ୍ଚ ହୋଇଛି। ତେବେ ପଞ୍ଚାୟତିରାଜ, ନଗର ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ଅବକାରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଭଳି କେତେକ ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରି ପାରି ନ ଥିବା ତଥ୍ୟରୁ ଜଣାପଡ଼ିଛି।

# କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ନାଁରେ ଠକେଇ

## ଜଣ ପିଛା ୨ ଲକ୍ଷ ଆଦାୟ ଅଭିଯୋଗ

ରାୟଗଡ଼ା,୨।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ବିଭିନ୍ନ ସରକାରୀ ହାଇସ୍କୁଲରେ ଆଉଟ୍‌ସୋର୍ସିଂ ମାଧ୍ୟମରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ନାଁରେ ଯୁବତୀ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ସାଇରାମ ଟେକ୍ନୋଲୋଜି ଆଣ୍ଡ ସଲ୍ୟୁସନ ନାମକ ଏକ କମ୍ପାନୀ ଜଣକ ପିଛା ୧ଲକ୍ଷ ୧୦ହଜାରରୁ ଆରମ୍ଭକରି ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିବା ଜଣାପଡ଼ିଛି। ଉକ୍ତ କମ୍ପାନୀ ହରିୟାଣାରେ ପଞ୍ଜୀକୃତ ହୋଇଥିବା ବେଳେ ଏହାର ବ୍ରାଞ୍ଚ ଅଫିସ ଭୁବନେଶ୍ୱର ନିକଟସ୍ଥ ପଳାଶୁଣୀସ୍ଥିତ ପ୍ରାଚୀବିହାରର ୧ନଂ. ଲେନ୍‌ର ପ୍ଲଟ୍ ନଂ. ୩୬୬୦ର ଦ୍ୱିତୀୟ ମହଲାରେ ରହିଥିବା କମ୍ପାନୀର ଏକ ଲେଟର ପ୍ୟାଡ୍‌ରୁ ଜଣାପଡ଼ିଛି। ତେବେ ଏ ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ରାୟଗଡ଼ା ଜିଲାର ୧୧ଟି ବ୍ଲକ୍‌ରେ ଥିବା ପ୍ରାୟ ୭୫ଟି ସ୍କୁଲରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ନାଁରେ କମ୍ପାନୀ ତା'ର ସ୍ଥାନୀୟ ଏଜେଣ୍ଟଙ୍କ ମାଧ୍ୟମରେ ପିଲା ଯୋଗାଡ଼ରେ ଲାଗିପଡ଼ିଛନ୍ତି। ଏଭଳିକି ରାୟଗଡ଼ା ସହରର ଜଣାଶୁଣା ସରକାରୀ ଉଚ୍ଚବିଦ୍ୟାଳୟ ଜିବିଏମ୍ ହାଇସ୍କୁଲକୁ ମେ ୨୦ ତାରିଖରେ ଜଣେ ଯୁବକ କମ୍ପାନୀ ଦେଇଥିବା ନିଯୁକ୍ତିପତ୍ର ନେଇ ଯାଇଥିଲେ। ହେଲେ ସେଠାକାର ପ୍ରଧାନ ଶିକ୍ଷୟିତ୍ରୀ ଏ ନେଇ ଜିଲା ଶିକ୍ଷା ବିଭାଗରୁ କିମ୍ବା ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗରୁ ଆମକୁ କୌଣସି ସୂଚନା ମିଳିନାହିଁ। ତେଣୁ ଏନେଇ ଜିଲା ଶିକ୍ଷାଧିକାରୀଙ୍କ ନିକଟରୁ ଅନୁମତି ଆଣିବାକୁ ଯୁବକଙ୍କୁ କହିଥିଲେ। ଏହାପରେ ଉକ୍ତ ଯୁବକ ଆଉ ଆସି ନ ଥିବା ଜଣାପଡ଼ିଛି। କମ୍ପାନୀ ପକ୍ଷରୁ ମିଳିଥିବା ଉକ୍ତ ନିଯୁକ୍ତିପତ୍ରରେ ଜିବିଏମ୍ ହାଇସ୍କୁଲରେ ଏହା ପାଇଲଟ୍ ପ୍ରୋଜେକ୍ଟ ଏବଂ ଏଠାରେ ପ୍ରୋଜେକ୍ଟ ସଫଳ ହେଲେ ଜିଲାର ଅନ୍ୟ ବିଦ୍ୟାଳୟରେ କାର୍ଯ୍ୟ କରିବେ ବୋଲି ସୂଚନା ରହିଛି। ଅନ୍ୟପକ୍ଷେ ରାୟଗଡ଼ାର ଜଣେ ଯୁବକ ନିଜ ନାମ ଗୋପନ ରଖି କହିଛନ୍ତି, ସେ ଚାକିରି ଖୋଜୁଥିବାବେଳେ ଜଣେ ଏଜେଣ୍ଟଙ୍କ ସଂସ୍ପର୍ଶରେ ଆସିଥିଲେ। ଶିକ୍ଷକ ନିଯୁକ୍ତି ପାଇଁ ଏଜେଣ୍ଟ ଜଣକ ତାଙ୍କୁ ୨ଲକ୍ଷ ଟଙ୍କା ମାଗିଥିଲେ। ହେଲେ ଏଜେଣ୍ଟଙ୍କ ଉପରେ ତାଙ୍କର ଭରସା ନ ହେବାରୁ ସମ୍ପୃକ୍ତ ଏଜେଣ୍ଟ ତାଙ୍କୁ ଭୁବନେଶ୍ୱର ଅଫିସକୁ ପଠାଇଥିଲେ। ସେ ଭୁବନେଶ୍ୱରର ପଳାଶୁଣୀରେ ପହଞ୍ଚିବା ପରେ ସେଠାରେ ଅଫିସ ନ ପାଇବାରୁ ସଂସ୍ଥା ଦେଇଥିବା ମୋବାଇଲ ନମ୍ବରରେ କଲ୍ କରିଥିଲେ। ଏହାପରେ ତାଙ୍କୁ ପାହାଲରେ ଥିବା ଏକ ଅଫିସ୍‌କୁ ଆସିବା ପାଇଁ ସୂଚନା ଦିଆଯାଇଥିଲା। ସେଠାରେ ପହଞ୍ଚିବା ପରେ ୪ଜଣ ଯୁବତୀ କମ୍ପ୍ୟୁଟର ଧରି ବସିଥିଲେ। ସେମାନଙ୍କ ସହ ଆଲୋଚନା କରିବା ପରେ ୧ ଲକ୍ଷ ୧୦ହଜାର ଟଙ୍କା ଦେଲେ ସଙ୍ଗେ ସଙ୍ଗେ ଜଏନିଂ ଲେଟର ମିଳିବ ଏବଂ ସ୍କୁଲରେ କାମ ଆରମ୍ଭ କରିପାରିବେ ବୋଲି ସେମାନେ କହିଥିଲେ। ତେବେ ତାଙ୍କ ମନରେ ସନ୍ଦେହ ଉପୁଜିବାରୁ ସେଠାରେ କିଛି ନ କହି ଫେରିଆସିଥିଲେ। ଏ ନେଇ ଅଧିକ ତଥ୍ୟ ପାଇଁ ସୋମବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଧରିତ୍ରୀ ଖବରଦାତା ଯାଇ ଏଡିଇଓ ଭଜନଲାଲ ମାଝିଙ୍କ ସହ ଆଲୋଚନା କରିଥିଲେ। ତେବେ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ସେଭଳି କୌଣସି ସୂଚନା ତାଙ୍କ ନିକଟକୁ ଆସିନାହିଁ ବୋଲି ସେ କହିଥିଲେ। ଏହି ଘଟଣାକୁ ନେଇ କେତେଜଣ ଯୁବତୀଯୁବକ ଜିଲା ଶିକ୍ଷା ବିଭାଗଙ୍କ କାର୍ଯ୍ୟାଳୟରେ ମଧ୍ୟ ପଚରାଉଚୁରା କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକଙ୍କୁ ପଚାରିବାରୁ ଆମକୁ ଶିକ୍ଷା ବିଭାଗରୁ ଏଭଳି କୌଣସି ନିର୍ଦ୍ଦେଶ ଆସିନାହିଁ ବୋଲି କହିଛନ୍ତି।

# ୨ ହାଉସ୍ ସର୍ଜନଙ୍କୁ ୨୫ ହଜାର ଲେଖାଏ ଜରିମାନା

## ଏମ୍‌କେସିଜିରେ ୪ର୍ଥ ବର୍ଷ ଛାତ୍ରଙ୍କୁ ରାଗିଂ

ବ୍ରହ୍ମପୁର,୨।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ଓ କଲେଜରେ ପୁଣି ରାଗିଂ ହୋଇଥିବା ଅଭିଯୋଗ ହୋଇଛି। ୨ ଜଣ ହାଉସ ସର୍ଜନ ଚତୁର୍ଥ ବର୍ଷରେ ଅଧ୍ୟୟନରତ ଜଣେ ଛାତ୍ରଙ୍କୁ ମାନସିକ ନିର୍ଯାତନା ଦେଉଥିବା ଗତ ୧୨ ତାରିଖରେ ଆଣ୍ଟି ରାଗିଂ ସେଲରୁ ଅଭିଯୋଗ ଆସିଥିଲା। ଏଥିପାଇଁ ସୋମବାର ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ତରଫରୁ ଆଣ୍ଟି ରାଗିଂ କମିଟି ବୈଠକ ଡକାଯାଇଥିଲା।

ବରିଷ୍ଠ ଛାତ୍ରଙ୍କୁ କନିଷ୍ଠ ଛାତ୍ରମାନେ ସମ୍ମାନ ଦେଉ ନ ଥିବାରୁ ଏହି ରାଗିଂ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା କନିଷ୍ଠ ଡାକ୍ତର ଓ ଡାକ୍ତରୀ ଛାତ୍ରମାନଙ୍କ କ୍ଷେତ୍ରରେ ଆଦୌ ଶୋଭନୀୟ ନୁହେଁ ବୋଲି ବୈଠକରେ କୁହାଯାଇଥିଲା। ରାଗିଂରେ ସମ୍ପୃକ୍ତ ୨ ହାଉସ ସର୍ଜନଙ୍କୁ ୨୫ ହଜାର ଲେଖାଏ ଜରିମାନା ଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମେଡିକାଲ କଲେଜ ପ୍ରିନ୍ସିପାଲ ତଥା ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ ସୂଚନା ଦେଇଛନ୍ତି। ଅନ୍ୟପଟେ ଏଭଳି ଘଟଣାକୁ ନେଇ ଉଭୟ ଅଭିଯୋଗକାରୀ ଛାତ୍ର ଓ ୨ ହାଉସ ସର୍ଜନଙ୍କ ମଧ୍ୟରେ ଆପୋସ ବୁଝାମଣା ପତ୍ର ଥାନାରେ ମେ ୧୬ ତାରିଖରେ ଦିଆଯାଇଛି। ଏହାକୁ ନେଇ ପୋଲିସ ପକ୍ଷରୁ ଏକ ଜେନେରାଲ ଡାଏରୀ କରାଯାଇଛି ବୋଲି ଥାନାଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି। ବୈଠକରେ ଡିନ ପ୍ରଫେସର ଦାଶଙ୍କ ସମେତ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସମେତ କମିଟିର ବହୁ ସଦସ୍ୟ ଓ ବୈଦ୍ୟନାଥପୁର ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ନନ୍ଦନକାନନରେ ୭ ମାସର ଧଳା ବାଘଛୁଆ ମୃତ

ତ୍ରିଶୂଳିଆ,୨।୬(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଗତ ରବିବାର ସନ୍ଧ୍ୟାରେ ୭ ମାସର ଧଳା ବାଘଛୁଆର ମୃତ୍ୟୁ ଘଟିଛି। ଗତ ମାର୍ଚ୍ଚରେ ବାଘ ଛୁଆଟିର ଗୋଡ଼ରେ ଆଘାତ ଲାଗିଥିବାରୁ ତାକୁ ୨୧ ନଂ. ଖୁଆଡ଼ରୁ ଅଲଗା ରଖି ଚିକିତ୍ସା ଚାଲିଥିଲା। ତେବେ ସେ ସୁସ୍ଥ ହେବାରୁ ପ୍ରଦର୍ଶନ ପାଇଁ ମେ ୩୧ରେ ଖୁଆଡ଼କୁ ଆଣିଥିଲେ। ହେଲେ ରବିବାର ସନ୍ଧ୍ୟାରେ ବାଘ ଛୁଆର ମୃତ୍ୟୁ ଘଟିଛି। ସୋମବାର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ନନ୍ଦନକାନନର ଜଣେ ଅଧିକାରୀ କହିଛନ୍ତି। ୨,୧୧,୨୦୨୪ରେ ମହାବଳ ବାଘ କ୍ରିଷ୍ଣା ଓ ଧଳା ବାଘୁଣୀ ରୂପାର ମିଳନରୁ ଗୋଟେ ଧଳା ଓ ୨ଟି ସାଧାରଣ ବାଘଛୁଆ ଜନ୍ମ ହେବା ପରେ ମା'ର ଲାଳନପାଳନରେ ଥିଲେ। ଧଳା ବାଘ ଛୁଆର ମୃତ୍ୟୁ ପରେ ନନ୍ଦନକାନନରେ ବାଘସଂଖ୍ୟା ୨୭ରେ ପହଞ୍ଚିଛି। ସେଥିମଧ୍ୟରୁ ୧୮ ସାଧାରଣ, ୫ ଧଳା ବାଘ ଓ ୪ ମେଲାନୋଷ୍ଟିକ୍ (କଳା ଲୋମଶଯୁକ୍ତ) ବାଘ ରହିଛନ୍ତି।

# ଓଡ଼ିଶା ସୀମାନ୍ତରୁ ୨.୫ ଟନ୍ ବିସ୍ଫୋରକ ଜବତ ଚର୍ଚ୍ଚା

## ଓଡ଼ିଶା-ଝାଡ଼ଖଣ୍ଡ ପୋଲିସ ପକ୍ଷରୁ ମିଳିତ ଅପରେଶନ ଜାରି

ବଣାଇଁ,୨।୬(ପ୍ରଦୀପ ତ୍ରିପାଠୀ)



ଜବତ ହୋଇଥିବା ବିସ୍ଫୋରକ।

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଟିରିଲପୋଷ ଅଞ୍ଚଳରୁ ସୋମବାର ପୁଣି ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି। ମାଟି ତଳେ ପୋତି ହୋଇ ରହିଥିବା ବିସ୍ଫୋରକକୁ ସର୍ଚ୍ଚ ଅପରେଶନ ବେଳେ ଠାବ କରି ଜବତ କରାଯାଇଥିବା ସୂଚନା ମିଳିଛି। ଜବତ ବିସ୍ଫୋରକର ଓଜନ ୨.୫ ଟନ୍ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କିନ୍ତୁ ଜବତ ବିସ୍ଫୋରକର ପରିମାଣ କେତେ ହେବ ସେ ନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅପରେଶନରେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୋଲିସଙ୍କ ସହିତ ଅର୍ଦ୍ଧସାମରିକ ବାହିନୀ ମୁତୟନ ଥିଲେ। କୋବ୍ରା ବାଟାଲିୟନ, ସିଆର୍‌ପିଏଫ୍ ଯବାନମାନେ ଏବେ ବି ସରଣ୍ଡା ଜଙ୍ଗଲରେ ସର୍ଚ୍ଚଅପରେଶନ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୭ ତାରିଖ ସ୍ପଷ୍ଟ ଦିବାଲୋକରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିକୁ ଆସିଥିବା ୨ ଶହ ପେଟି ବିସ୍ଫୋରକକୁ ମାଓବାଦୀ ଲୁଟି ନେବା ପରେ ଉଭୟ ରାଜ୍ୟ ପାଇଁ ବିପଦ ସୃଷ୍ଟି ହୋଇଛି। ତେବେ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପୋଲିସ ଅପରେଶନ ଜାରି ରଖିଛି। ଝାଡ଼ଖଣ୍ଡ ସିଆର୍‌ପିଏଫ୍‌ର ଯବାନ, କୋବ୍ରା ବାଟାଲିୟନ ଓ ଉଭୟ ରାଜ୍ୟ ପୋଲିସ ମିଳିତ ଭାବେ ଚଳାଇଥିବା ଅପରେଶନରେ ଗୋଇନ୍ଦା ବିଭାଗ ତଥ୍ୟକୁ ଆଧାର କରି କେତେଜଣ ମିଲିସିଆ (ମାଓବାଦୀ ସହଯୋଗୀ)ଙ୍କୁ ଠାବ କରି ପଚରାଉଚୁରା କରିଥିଲେ। ତାଙ୍କ ତଥ୍ୟ ଆଧାରରେ ସୋମବାର ଚଢ଼ାଉ ଜାରି ରଖିଥିଲେ। ଉଲ୍ଲେଖଯୋଗ୍ୟ, ଗତ ୩୦ ତାରିଖରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଟିରିଲପୋଷ ଗ୍ରାମ ସରଣ୍ଡା ନିକଟରେ ଥିବା ମାଓବାଦୀ କ୍ୟାମ୍ପ ଉପରେ ସୁରକ୍ଷା କର୍ମୀମାନେ ଚଢ଼ାଉ କରି କିଛି ପରିମାଣର ବିସ୍ଫୋରକ ଜବତ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବିଏମ୍‌ସିର ବିଭିନ୍ନ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ, ସ୍ଥାନ: ଇସ୍କନ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଅବନୀ ବରାଳ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଟିଗିରିଆ ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ଟିଗିରିଆ, ସମୟ: ସକାଳ ୮ଟା।

## ବାଲେଶ୍ୱର
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଣିଆରୀ, ସିମୁଳିଆ, ସମୟ: ଦିବସ ବ୍ୟାପୀ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପଞ୍ଚଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶାନ୍ତି କମିଟି ବୈଠକ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।

## ଭଦ୍ରକ
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: କାଦବରାଙ୍ଗ, ବନ୍ତ, ସମୟ: ସକାଳ ୮ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଅସୁରାଳି, ଧାମନଗର, ସମୟ: ସକାଳ ୮ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଏଡ଼ତାଳ, ବାସୁଦେବପୁର, ସମୟ: ସକାଳ ୮ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଜଳମଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ସୁନ୍ଦରପୁର, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ମଧୁପୁର, ଗୋବିନ୍ଦପୁର, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ବିଦ୍ୟାର୍ଥୀ ପୁରସ୍କାର ବିତରଣ ଉତ୍ସବ ଓ ଜନଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ବାଗୁରାଇ ଆଦିବାସୀ କଲୋନୀ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା,ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ନାରଦ ଜୟନ୍ତୀ ସମାରୋହ,ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରାଲି, ସ୍ଥାନ: ଲାଞ୍ଜିପଲ୍ଲୀ, ସମୟ: ସକାଳ ୬ଟା।
- ମୋହନ ନାୟକ ଜୟନ୍ତୀ ପାଳନ, ସ୍ଥାନ: ଦିବ୍ୟ ଜୀବନ ସଂଘ, ସମୟ: ସକାଳ ୮ଟା ୩୦।

## କନ୍ଧମାଳ
- କ୍ରିକେଟ ଟୁର୍ନାମେଣ୍ଟର ଶୁଭାରମ୍ଭ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସିଆଙ୍ଗବାଲି ପଞ୍ଚାୟତ, ସମୟ: ସକାଳ ୯ ଟା।

## କେନ୍ଦ୍ରାପଡ଼ା
- ଗ୍ରାମ ରଜୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ସାନମାଙ୍ଗ, ଆଳି, ସମୟ: ସକାଳ ୯ଟା।

## ଯାଜପୁର
- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମର ୬ଷ୍ଠ ଦିବସ। ସ୍ଥାନ: ରଗଡ଼ି ଉପକାରାଗାର ପରିସର। ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନୟାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ମୋ ଗାଁ ମହୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ପବିତ୍ର ରାମକଥା ଉଦ୍‌ଯାପିତ, ସ୍ଥାନ: ଗୀତ ଭବନ, ମୁନିଗୁଡା, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।

## ମାଲକାନଗିରି
- ନିଶା ନିବାରଣ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ଖଇରପୁଟ ବ୍ଲକ ଜାମୁଗୁଡା ଗାଁରେ ମା' ମାଉଲୀ ଡଙ୍ଗର ଦେଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ:ଜାମୁଗୁଡା ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୧ ଟା।
- ଜିଲା କୃଷି ବିଜ୍ଞାନକେନ୍ଦ୍ର ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଏମ୍‌ଭି ୧୮, ସମୟ:ପୂର୍ବାହ୍ନ ୧୦.୩୦ ମିନିଟ୍। ପଦ୍ମଗିରି ପଞ୍ଚାୟତ ବୋଇଲାପାଲ୍ଲୀ, ସମୟ:୧୧.୩୦।
- ଓଡିଶୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ହାଇଟେକ୍ କଲୋନୀ, ସମୟ: ସକାଳ ୯ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ମୁଖ୍ୟମନ୍ତ୍ରୀ କପ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ପଶ୍ଚିମାଞ୍ଚଳ ଏକାତା ମଞ୍ଚ ପକ୍ଷରୁ ଶୋକସଭା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୪ଟା।
- ସାମାଜିକ କର୍ମୀ ସବ୍ୟସାଚୀ ମିଶ୍ରଙ୍କ ପରଲୋକରେ ଶୋକସଭା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଆଦିବାସୀ ସଂଘ ପକ୍ଷରୁ ନବ ଅଭିଷିକ୍ତ ଲୋଇସିଂହା ଜମିଦାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଆଦିବାସୀ ଭବନ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଡିଏଫ୍‌ଓ କନଫରେନ୍ସ ହଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା।
- ଡ୍ରେନେଜ ଅବ୍ୟବସ୍ଥା ନେଇ ଆର୍‌ଏମ୍‌ସି କମିଶନରଙ୍କୁ ଦାବିପତ୍ର, ସ୍ଥାନ: ଆରଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ପୁଷ୍ଟିଶସ୍ୟ ଖାଦ୍ୟ ମେଳା, ସ୍ଥାନ: ସାଗରପାଲି, ଟାଙ୍ଗରପାଲି ବ୍ଲକ, ସମୟ: ସକାଳ ୯ଟା।
- ତ୍ରିଦିବସୀୟ କଳିକା କେନ୍ଦ୍ର ସେବିକାଙ୍କ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ, ସ୍ଥାନ: ଆଞ୍ଚଳିକ ସାଧନ କେନ୍ଦ୍ର, ମହୁଲପାଲି, ସମୟ: ପୂର୍ବାହ୍ନ ୧୦ଟା।
- ମଲ୍ଟିଆକ୍ଟର ପ୍ଲାଟଫର୍ମ ଉପରେ କର୍ମଶାଳା, ସ୍ଥାନ: ସାଗରପାଲି, ଟାଙ୍ଗରପାଲି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ସମତା ଭବନ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେବଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ବଡ ବଗିଚା, ପ୍ରଧାନପାଟ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ମୋହରା ଗାଁ, ସମୟ: ସକାଳ ୯ଟା ୧୦।
- ନାମଯଜ୍ଞ ଉପଲକ୍ଷେ ଧର୍ମସଭା, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ମୋହରା ଗାଁ, ସମୟ: ଅପରାହ୍ନ ୪ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ ଗୌଡ ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ରର ମାନସିକ ସ୍ଥିତି ଭଲ ରହିବା ସହ କର୍ମଜଞ୍ଜାଳ ବୃଦ୍ଧି ପାଇବ। ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରିବାରେ ସମର୍ଥ ହୋଇପାରନ୍ତି। ବନ୍ଧଙ୍କ ନିମନ୍ତ୍ରଣକ୍ରମେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲାଭବାନ୍ ହେବେ।

**ବୃଷ** ଆପଣଙ୍କ ମନ ଯେମିତି କାମ ମଧ୍ୟ ତଦନୁରୂପ ହେବ। ପ୍ରତ୍ୟେକ ସମସ୍ୟାକୁ ପ୍ରତିହତକରି କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମକୁ ସମ୍ପନ୍ନ କରିବେ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟ, ଚଳଚ୍ଚିତ୍ର, ସଭାସମିତି, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କଠାରୁ ଅଯାଚିତ ସାହାଯ୍ୟ, ସହଯୋଗ ପ୍ରାପ୍ତ ହେବ।

**ମିଥୁନ** କର୍ମକ୍ଷେତ୍ର ସମସ୍ୟା ବହୁଳ ରହିଲେ ମଧ୍ୟ କୌଣସି କ୍ଷେତ୍ରରେ ପଳାୟନପନ୍ଥୀ ହେବେ ନାହିଁ। ବୁଝାମଣା ଅଭାବରୁ କର୍ମକ୍ଷେତ୍ରରେ ବିବଦମାନ ପରିସ୍ଥିତି ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନ୍‌ସନ ଦୂରହେବ। ବ୍ୟବସାୟ, ଯାତ୍ରା, ଆଲୋଚନା କ୍ଷେତ୍ରରେ ସଫଳତାର ଶୀର୍ଷରେ ଉପନୀତ ହେବେ। ଚେଷ୍ଟା କରୁଥିବା କାମରୁ ସୁଫଳ ପାଇବେ ଓ ସାମାଜିକ ସ୍ତରରେ ସମ୍ମାନିତ ହେବା ଆଶା ରହିଛି।

**ସିଂହ** ମଘା ନକ୍ଷତ୍ର ଆଜି ଯାହା କଲେ ମଧ୍ୟ ଅଳ୍ପଖର୍ଚ୍ଚରେ ତାହା କରିପାରିବେ ନାହିଁ। ଆକସ୍ମିକ ଭାବରେ ପଦାଧିକାରୀଙ୍କ ଆଦେଶକୁ ଅବଜ୍ଞା ନ କରି ଯାତ୍ରା କରିବାକୁ ବାଧ ହୋଇପାରନ୍ତି। ନିଜକୁ ନିୟନ୍ତ୍ରଣରେ ରଖିବାରେ ଅସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**କନ୍ୟା** ହସ୍ତା ନକ୍ଷତ୍ର ସମସ୍ୟା ମଧ୍ୟରେ ଦୈହିକ ଅସୁସ୍ଥତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ଘରୋଇ ସମସ୍ୟାର ସମାଧାନ ସକାଶେ ଜଣେ ଆତ୍ମୀୟ ସାହାଯ୍ୟ କରିପାରନ୍ତି। ସୁଯୋଗର ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସନ୍ଦେହ କିମ୍ବା ଭୁଲ୍ ବୁଝାମଣା କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟର ସୂଚନା ରହିଛି।

**ତୁଳା** ବିଶାଖା ନକ୍ଷତ୍ର ସକାଶେ ଆଜି ଦିନଟି ସୁଖ, ସନ୍ତୋଷର ପୃଷ୍ଠଭୂମି ପାଲଟିଯିବ। କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ଦୀର୍ଘପଥ ଭ୍ରମଣ କରିବା କାରଣରୁ ସ୍ୱାସ୍ଥ୍ୟରେ ସମସ୍ୟା ପରିଲକ୍ଷିତ ହୋଇପାରେ। ଯୁକ୍ତିତର୍କଜନିତ ପାରିବାରିକ କ୍ଷେତ୍ରରେ ନିଜର ନିଷ୍ପତ୍ତି ହଠାତ୍ ବଦଳାଇ ଦେଇପାରନ୍ତି।

**ବିଛା** ଅବହେଳା ଯୋଗୁ ଅସଫଳତାର ସମୀକ୍ଷାକରି ପରବର୍ତ୍ତୀ କାର୍ଯ୍ୟକ୍ରମକୁ ବଦଳାଇପାରନ୍ତି। ଅନୁରାଧା ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପରିବାରର ସହମତି ନେଇ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ସଙ୍ଗଠନ, ଆନୁଷ୍ଠାନିକ କାମ, ରାଜନୀତି, ଅଧ୍ୟୟନ ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ କିଛିଟା ସାନ୍ତ୍ୱନା ମିଳିପାରେ। ପାରିବାରିକ ସମସ୍ୟା ସତ୍ତ୍ୱେ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସହ ଯିବାକୁ ବାଧ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ର ସମସ୍ୟା ସମାଧାନ ହେବ। ମୂଳା ନକ୍ଷତ୍ର ପରୋକ୍ଷ ଶତ୍ରୁତାରୁ କୌଣସି କାମ ସମ୍ପନ୍ନ କରିପାରିବେ ନାହିଁ।

**ମକର** କୋଣଭାବସ୍ଥ ବୁଧାଦିତ୍ୟ ଯୋଗରୁ ଦିନଟି ଭଲ ରହିବ। ଯେଉଁ କାମଟିକୁ ଆରମ୍ଭ କରିବେ ତାହା ନିଶ୍ଚିତ ଭାବରେ ସଫଳତାର ଶୀର୍ଷକୁ ଛୁଇଁବା ସମ୍ଭାବନା ରହିଛି। କାହା ପାଖରେ ବହୁଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇପାରନ୍ତି।

**କୁମ୍ଭ** ସମ୍ପର୍କୀୟଙ୍କ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ପ୍ରଶାସନିକ, ରାଜନୈତିକ ଓ ସାମାଜିକ ସ୍ତରରେ ପତିଆରା ବୃଦ୍ଧି ପାଇବା ଆଶା ରହିଛି। ସାଧାରଣ ମନେ ନ କରି ପିଲାମାନଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରିବା ଭଲ ହେବ। ଧନିଷ୍ଠା ନକ୍ଷତ୍ରର ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବା ଦୁଶ୍ଚିନ୍ତାର କାରଣ ହୋଇପାରେ ।

**ମୀନ** ରେବତୀ ନକ୍ଷତ୍ର ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ବନ୍ଧୁଙ୍କ ଦ୍ୱାରା ଆଦରଣୀୟ ରହିବେ। ଭାଙ୍ଗିପଡ଼ିଥିବା ସମ୍ପର୍କ ଏକ ଭିନ୍ନ ପରିବେଶରେ ପୁଣି ଯୋଡ଼ିହୋଇଯିବ। ଜମିଜମା କାରବାର, ହୋଟେଲ, ତେଜରାତି ଦୋକାନ ପ୍ରଭୃତିରୁ ବିଶେଷ ଲାଭବାନ୍ ହେବେ। ବାଧବାଧକତାରେ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ।

ଆଜି ଜୁନ୍ ୩ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ମଙ୍ଗଳବାର। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୦ ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୧ ଗତେ, ଘ.୦୪।୪୦ ମଧ୍ୟେ ରାହୁକାଳ।

# ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବଢ଼ିଲା

ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)

ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ଅବଧି ପୁଣିଥରେ ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ର ଜୁନ ୪ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଅନ୍‌ଲାଇନ ମଧ୍ୟରେ ଆବେଦନ କରିପାରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ବର୍ଦ୍ଧିତ ଅବଧି ଜୁନ୍ ୧ ସୁଦ୍ଧା କମ୍ ଆବେଦନ ହୋଇଥିବାରୁ କଲେଜଗୁଡିକର ସିଟ ପୂରଣ ହେବା ନେଇ ଆଶଙ୍କା ରହିଛି। ସିଟ ଅନୁସାରେ ପାଖାପାଖି ୧୪ ହଜାରରୁ କମ୍ ଆବେଦନ ହୋଇଥିଲା। ସିଟ୍ ପୂରଣ ଲାଗି ନାମଲେଖା ଅବଧି ବୃଦ୍ଧି କରାଯାଇଥିବା ଚର୍ଚ୍ଚା ହେଉଥିବାବେଳେ ଯୁକ୍ତ ୩ ନାମଲେଖା ପାଇଁ ଛାତ୍ରୀଛାତ୍ର ଏବଂ ଅଭିଭାବକ ଆବେଦନ ତାରିଖ ବୃଦ୍ଧି କରିବାକୁ ଦାବି କରିଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆବେଦନକୁ ବଢ଼ାଇ ଦିଆଯାଇଥିବା କୁହାଯାଇଛି। ପୂର୍ବରୁ ସିଏଏଫ ଦାଖଲ ଆବେଦନ କରିଥିବା ଛାତ୍ରୀଛାତ୍ର ସେମାନଙ୍କ ଫର୍ମରେ ଆବଶ୍ୟକ ସଂଶୋଧନ କରିପାରିବେ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୪ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି। ଜୁନ୍ ୧ ଯାଏ ୨ଲକ୍ଷ ୫୯ହଜାର ୯୮୧ଜଣ ଆବେଦନ କରିଥିବାବେଳେ ୨ଲକ୍ଷ ୫୨ହଜାର ୦୧୫ ପିଲା ଆବଶ୍ୟକ ଫି ଦାଖଲ କରି ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ତପା ଜପା ଭୋପା ଗେଫା**
**ୟା'ଙ୍କ ଦେହି ପାଠ ହୁଏ ନାହିଁଲୋ ବୋପା।**

ପାଠ ପାଇଁ ଶିକ୍ଷଣୀୟ ମନୋଭାବ ରଖିବା ନିତାନ୍ତ ଜରୁରୀ। ଯେ ତପସ୍ୟା କରେ, ଯେ ମାଳା ଜପେ , ଯେ ବୃଥା ଆସ୍ଫାଳନ କରେ ଓ ଯେ ସର୍ବଦା ପେଟ ଚିନ୍ତା କରୁଥାଏ , ସେମାନଙ୍କ ଦ୍ୱାରା ଆଦୌ ପାଠ ହୁଏନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତୁ ଖାଉଥାଉ ତୋର ଭାତ**
**ମୋର କିଆଁ ଗାଲରେ ହାତ ?**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ନିଜେ ଠିଆ ହେବା ଶ୍ରେୟସ୍କର। ନିଜେ ପରିଶ୍ରମ କରି ପାଞ୍ଚଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥା ନେଇ ଚିନ୍ତା କରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢାଇବନି ଓମ୍‌ଫେଡ୍

- ବଜାରକୁ ଛାଡ଼ିଲା ୩ ନୂଆ ଉତ୍ପାଦ
- ୯୦ଦିନ ପର୍ଯ୍ୟନ୍ତ ତାଜା ରହିବ କ୍ଷୀର

ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)

ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢାଇବନି ଓମ୍‌ଫେଡ୍। ସୋମବାର ଏସମ୍ପର୍କରେ ସୂଚନା ଦେଇଛନ୍ତି ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ। ସେ କହିଛନ୍ତି, ଜୁନ ୧ରୁ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ଲିଟର ପିଛା ୩ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୨.୫୦ ଲକ୍ଷ ଚାଷୀ ଉପକୃତ ହେବେ। ଏହି କ୍ରମରେ ଓମ୍‌ଫେଡ୍ ଚାଷୀଙ୍କୁ ଲିଟରେ ପିଛା ୩ଟଙ୍କା ଅଧିକ ଦାମ୍ ଦେବା ଆରମ୍ଭ କରିଛି। ରାଜ୍ୟ ସରକାର ୨ଟଙ୍କା ଏବଂ ଓମ୍‌ଫେଡ୍ ପକ୍ଷରୁ ଆଉ ୨ଟଙ୍କା ପ୍ରଦାନ କରାଯିବ। ସେଥିରୁ ଦୁଗ୍ଧ ଚାଷୀ ୩ଟଙ୍କା ପାଇବେ ଏବଂ ସୋସାଇଟି ଓ ମିଲ୍କ ଫେଡେରେଶନକୁ ୧ଟଙ୍କା ମିଳିବ। ତେବେ ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢିବ ନାହିଁ। ଏନେଇ ଓମ୍‌ଫେଡ୍ କମିଟି ବସିବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଗ୍ରାହକଙ୍କ ଲାଗି କ୍ଷୀର ଦର ବଢିବ କି ନାହିଁ ସେନେଇ କମିଟି ବିଚାର କରିବା ପରେ ଓମ୍‌ଫେଡ୍ ପକ୍ଷରୁ ବିଧିବଦ୍ଧ ସୂଚନା ଜାରି କରାଯିବ। ୧୫ରୁ ୨୦ ଦିନ ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡର ୩ଟି ନୂଆ ପ୍ରଡକ୍ଟର ଶୁଭାରମ୍ଭ କରିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଓମ୍‌ଫେଡ୍ ୧ କେ.ଜିର ସାଧା ଦହି ବାଲ୍‌ଟି ବଜାରକୁ ଛାଡିଛି। ସେହିପରି ୧୭୫ ମି.ଲି. ଓ ୩୫୦ ମି.ଲି. ବିଞ୍ଝାରପୁରୀ ଦେଶୀ ଗାଈ ଘିଅ ପ୍ୟାକ ଏବଂ ଦୁଗ୍ଧ ମଧ୍ୟ ବଜାରରେ ଉପଲବ୍ଧ ହୋଇଛି। କାଚ ବୋତଲରେ ୫୦୦ ମି.ଲି. ପ୍ୟାକ୍ ବଜାରକୁ ଆସିଛି। ଏହି ଦୁଗ୍ଧ ଦୀର୍ଘ ୯୦ଦିନ ପର୍ଯ୍ୟନ୍ତ ତାଜା ରହିପାରିବ। ଆଗାମୀ ଦିନରେ ଓମ୍‌ଫେଡ ଆହୁରି ନୂଆ ଉତ୍ପାଦ ବଜାରକୁ ଆଣିବାକୁ ଯାଉଥିବା ନିର୍ଦ୍ଦେଶକ କୁଲାଙ୍ଗେ କହିଛନ୍ତି।

# ଲୋକଙ୍କୁ ଦେବୁ ସେବା, ସୁଶାସନ ଓ ଗରିବ କଲ୍ୟାଣର ହିସାବ: ସମୀର

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)




ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ଭାଜପା ନେତା ସମୀର ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିକଟରେ ଅଛନ୍ତି ବାମରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି।

ଲୋକଙ୍କ କଥା ଶୁଣିଛନ୍ତି ଲୋକଙ୍କ ସରକାର। ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ସେଥିରୁ ଯାହାସବୁ ପୂରଣ ହୋଇଛି ସେ ସମ୍ପର୍କରେ ଗାଁକୁ ଗାଁ ଯାଇ ଲୋକଙ୍କୁ ଅବଗତ କରାଯିବ। କେନ୍ଦ୍ର ସରକାରଙ୍କ ୧୧ବର୍ଷ ଏବଂ ରାଜ୍ୟର ଭାଜପା ସରକାରଙ୍କ ଏକବର୍ଷର ଟିକିନିଖି ହିସାବ ଲୋକଙ୍କୁ ଦିଆଯିବ। ଜନସାଧାରଣଙ୍କ ପାଖରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ବାର୍ତ୍ତା କର୍ମକର୍ତ୍ତାଙ୍କ ଜରିଆରେ ପହଞ୍ଚାଇବୁ ବୋଲି ପୂର୍ବତନ ରାଜ୍ୟ ଭାଜପା ସଭାପତି ତଥା ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ସଂଯୋଜକ ସମୀର ମହାନ୍ତି କହିଛନ୍ତି।

ସୋମବାର ପୂର୍ବାହ୍ନରେ ଭାଜପା କାର୍ଯ୍ୟାଳୟରେ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉତ୍ସବ ଲାଗି ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ସମୀର କହିଛନ୍ତି, ବୁଥ୍, ମଣ୍ଡଳ, ଜିଲା ଏବଂ ରାଜ୍ୟସ୍ତରରେ ଭାଜପା ସରକାରଙ୍କ ପକ୍ଷରୁ ବର୍ଷପୂର୍ତ୍ତି ଉତ୍ସବ ପାଳନ କରାଯିବ। ଏଥିପାଇଁ ସ୍ୱତନ୍ତ୍ର କମିଟି ଗଠନ ହୋଇଛି। ଜୁନ ୯ରୁ ରାଜ୍ୟବ୍ୟାପୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହେବ। ସେବା, ସୁଶାସନ, ଗରିବ କଲ୍ୟାଣର ମୂଳ ଆଧାରକୁ ନେଇ ଭାଜପା ଜନସାଧାରଣଙ୍କ ପାଖକୁ ଯିବ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ସଫଳତାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଯିବ। ସଶକ୍ତ ଭାରତ ଓ ସୁରକ୍ଷିତ ଭାରତ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

ସମୀର ଆହୁରି କହିଛନ୍ତି, ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରରେ ଏବଂ ଜିଲା ମୁଖ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ତଥା କେନ୍ଦ୍ରୀୟ ନେତୃବୃନ୍ଦମାନେ ଖବରଦାତା ସମ୍ମିଳନୀ କରି ସରକାରଙ୍କ ସଫଳତାର ହିସାବ ଦେବେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଆଲୋଚନାଚକ୍ର ମଧ୍ୟ ଆୟୋଜନ କରାଯିବ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଏଥିରେ ଭାଗନେବେ । ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହଯୋଗ ସହ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ଡବଲ ଇଞ୍ଜିନ ସରକାରର ସୁଫଳ ରାଜ୍ୟବାସୀ କେତେ ପାଉଛନ୍ତି ତାହା ସମ୍ପର୍କରେ ମତାମତ ନିଆଯିବ। ବିଗତ ବର୍ଷଗୁଡ଼ିକରେ କଂଗ୍ରେସ ଏବଂ ବିଜେଡି କେମିତି ଓଡ଼ିଶା ପଛକୁ ନେଇଥିଲେ, ତାହାର ତଥ୍ୟ ମଧ୍ୟ ଲୋକଙ୍କ ଆଗରେ କର୍ମକର୍ତ୍ତାମାନେ ରଖିବେ। ବୋଲି ମହାନ୍ତି କହିଥିଲେ।

ସେ କହିଥିଲେ, ଡବଲ ଇଞ୍ଜିନ ସରକାର ସରକାରକୁ ଆସିବା ପରେ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ହୋଇଛି। ସଂକଳ୍ପ ପତ୍ରରେ ଭାଜପା ପକ୍ଷରୁ ଯାହା କୁହାଯାଇଥିଲା ତାକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଉଛି। ୭୦ ବର୍ଷରୁ ଊର୍ଦ୍ଧ୍ୱ ଜଣେ ହେଲେ ବି ବୟସ୍କ ଯେମିତି ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନାରୁ ବଞ୍ଚିତ ନ ହେବେ ସେନେଇ ସଚେତନ କରାଯିବ ବୋଲି ମହାନ୍ତି କହିଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ।

ପ୍ରଥମ ପୃଷ୍ଠାରୁ...

## ଖୋଲିବନି ନୂଆ...

ନୀତିକୁ ପ୍ରତିବର୍ଷ ପରିବର୍ତ୍ତନ ନ କରି ତିନିବର୍ଷିଆ ମଦ ନୀତି ଅଣାଯିବ। ଏହା ପୂର୍ବ ପଦ୍ଧତିଠାରୁ ପରିବର୍ତ୍ତନ ହେବ, ଯାହା ପ୍ରାୟତଃ ରାଜସ୍ୱ ସୃଷ୍ଟି ପାଇଁ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଉଥିଲା। ନୀତି ଅଧ୍ୟୟନର ଅଂଶ ସ୍ୱରୂପ ବରିଷ୍ଠ ଅଧିକାରୀଙ୍କ ୩ଟି ଦଳ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, କେରଳ ଏବଂ ତାମିଲନାଡୁ ପରିଦର୍ଶନରେ ଯାଇଛନ୍ତି। ଏହି ୪ ରାଜ୍ୟରେ ମଦ ନିୟନ୍ତ୍ରଣ ଏବଂ ବଣ୍ଟନ ପାଇଁ ଭିନ୍ନ ପଦ୍ଧତି ରହିଛି। ତାହାକୁ ସେମାନେ ଅଧ୍ୟୟନ କରିବେ। ଅଧିକାରୀମାନେ ଜୁନ୍ ୭ ଏବଂ ୮ ସୁଦ୍ଧା ଫେରିଆସିବେ ବୋଲି ଆଶା କରାଯାଉଛି। ଏହାପରେ ଠିଆନୀତିରେ ଯେକୌଣସି ବିଚାରାଧୀନ ପରିବର୍ତ୍ତନକୁ ଚୂଡ଼ାନ୍ତ କରାଯିବ। ଏହି ନୀତି ବେଆଇନ ମଦ ଉତ୍ପାଦନ ଏବଂ ଚୋରାଚାଲାଣ, ଦୁର୍ବଳ ପ୍ରବର୍ତ୍ତନ ଏବଂ ପୁରୁଣା ଦଣ୍ଡ ବ୍ୟବସ୍ଥା ଭଳି ସ୍ଥାୟୀ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିଶେଷ ଭୂମିକା ଗ୍ରହଣ କରିବ। ମନ୍ତ୍ରୀ କହିଛନ୍ତି, ମେ' ୩୧ରେ ଓଡ଼ିଶାରେ ତମାଖୁ ନିରୋଧୀ ଦିବସ ପାଳନ ବେଳେ ସଚେତନତାକୁ ବ୍ୟାପକ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଥିଲା। ସ୍କୁଲ ଏବଂ କଲେଜ ନିକଟରେ ଯେଭଳି ମଦ ବିକ୍ରି ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ। ସରକାରଙ୍କ ଲକ୍ଷ୍ୟ ହେଉଛି, ଯୁବପିଢ଼ି ପାଇଁ ଏକ ସୁସ୍ଥ, ନିଶାମୁକ୍ତ ସମାଜ ଗଠନ କରିବା।

## ହଂସ ଦାରୁକା...

ଜିନ୍ଦଲ (୩୩୪ ମାର୍କ) ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ମଜିଦ ମୁଜାହିଦ ହୁସେନ(୩୩୦) ତୃତୀୟ, ପାର୍ଥ ମନ୍ଦର ବର୍ତକ(୩୨୭) ଚତୁର୍ଥ, ଉଜ୍ଜ୍ୱଳ କେଶରୀ(୩୨୪) ପଞ୍ଚମ, ଅକ୍ଷତ କୁମାର ଚୌରାସିଆ(୩୨୧)ଷଷ୍ଠ, ସାହିଲ ମୁକେଶ ଦେଓ(୩୨୧) ସପ୍ତମ, ଦେବେଶ ପଙ୍କଜ ଭାଇୟା(୩୧୯) ଅଷ୍ଟମ, ଅର୍ଣ୍ଣବ ସିଂହ(୩୧୯) ନବମ ଓ ବଦ୍‌ଲାମୁଣ୍ଡି ଲୋକେଶ(୩୧୭) ଦଶମ ର୍ୟାଙ୍କ୍‌ରେ ରହିଛନ୍ତି।

ସୂଚନା ଅନୁସାରେ, ଗତ ୧୮ ତାରିଖରେ ଜେଇଇ ଆଡ୍‌ଭାନ୍ସଡ ପରୀକ୍ଷା ହୋଇଥିଲା। ମୋଟ ୧ଲକ୍ଷ ୮୦ ହଜାର ୪୨୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୫୪ହଜାର ୩୭୮ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଶ୍ରେଷ୍ଠ ୧୫ ତାଲିକାରେ ଏଥର କେବଳ ଛାତ୍ରମାନେ ରହିଛନ୍ତି। ଛାତ୍ରୀଛାତ୍ର jeeadv.ac.in ୱେବ୍‌ସାଇଟ୍‌ରୁ ଫଳାଫଳ ସହ ଅନ୍ୟାନ୍ୟ ତଥ୍ୟ ପାଇପାରିବେ ବୋଲି କୁହାଯାଇଛି।

## ଏନ୍‌ଇଇଟି-ପିଜି ସ୍ଥଗିତ...

ଘୋଷଣା ହେବ ବୋଲି କୁହାଯାଇଛି। ଦେଶର ଡାକ୍ତରୀ ସ୍ନାତକ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏହି ପରୀକ୍ଷା ଦେବାକୁ ପଡ଼ିଥାଏ। ଏମ୍‌ଡି, ଏମ୍‌ଏସ୍ ଏବଂ ପିଜି ଡିପ୍ଲୋମା ପାଠ୍ୟକ୍ରମ ଲାଗି ଏନ୍‌ଇଇଟି-ପିଜି ପ୍ରବେଶିକା ପରୀକ୍ଷା। ଚଳିତ ବର୍ଷ ଏହି ପରୀକ୍ଷା ଜୁନ୍ ୧୫ରେ ୨ଟି ଶିଫ୍ଟରେ କରିବା ପାଇଁ ପୂର୍ବରୁ କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଥିବାବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହାକୁ ସ୍ଥଗିତ ରଖାଯାଇଛି।

# ଦେଶୀ, ବିଦେଶୀ ମଦ ବିକ୍ରି ବନ୍ଦ ନେଇ ରାଲି

## ସାମିଲ ହେଲେ ଲକ୍ଷ୍ମୀପୁର, ରାୟଗଡ଼ା ବିଧାୟକ

କୋରାପୁଟ/ଲକ୍ଷ୍ମୀପୁର,୨।୬ (ଅମିତାଭ ବେହେରା/ଅନନ୍ତ ପ୍ରସାଦ ନାୟକ)



ମହିଳାମାନେ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରୁଛନ୍ତି।

କୋରାପୁଟ ଜିଲା ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର ଓ ବଶମନ୍ତପୁର ଆଦି ବ୍ଲକରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ସୋମବାର ଲକ୍ଷ୍ମୀପୁର ସଦର ମହକୁମାରେ ବିରୋଧ ପ୍ରଦର୍ଶନ କରାଯାଇଛି। ଏଥିରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଓ ରାୟଗଡ଼ା ବିଧାୟକ ଆପାଲାସ୍ୱାମୀ କାଡ୍ରାକାଙ୍କ ନେତୃତ୍ୱରେ ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ଏ ନେଇ ରବିବାର କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଓ ବିଧାୟକ ସାଉଁତା ଖବରଦାତା ସମ୍ମିଳନୀ କରିଥିଲେ। ମହିଳା ଓ ପୁରୁଷମାନେ ରେଲୱେ ଛକରେ ଏକତ୍ରିତ ହୋଇ ହାତରେ ପ୍ଲାକାର୍ଡ ଓ ଦଳୀୟ ପତାକା ଧରି ମଦ ବନ୍ଦ ନାରା ଦେଇ ଶୋଭାଯାତ୍ରା କରିଥିଲେ। ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଲକ୍ଷ୍ମୀପୁର ବିଡିଓଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ବିଷାକ୍ତ ମଦ ବେଆଇନ ଭାବେ ବିକ୍ରି ହେଉଥିବାରୁ ଅଞ୍ଚଳର ନିରୀହ ଆଦିବାସୀ ମୃତ୍ୟୁ ମୁଖରେ ପଡୁଛନ୍ତି। ଅନେକଙ୍କ ମୃତ୍ୟୁ ମଧ୍ୟ ହେଉଛି। ନକଲି ମଦ ସମ୍ପୂର୍ଣ୍ଣ ବନ୍ଦ, ସରକାର ଲାଇସେନ୍ସପ୍ରାପ୍ତ ଦୋକାନ ନ କରି ଟଙ୍କା ଲାଳସାରେ ବିହାରୀମାନଙ୍କୁ ଆଣି ନକଲି ମଦ ପ୍ରସ୍ତୁତ କରି ରାସ୍ତା ଘାଟ, ସ୍କୁଲ, କଲେଜ ଓ ମନ୍ଦିର ଚର୍ଚ୍ଚ ନିକଟରେ ମଦ ବିକ୍ରି କରାଯାଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। କେଉଁ ଅଧିକାରୀଙ୍କ ସହଯୋଗରେ ଏହି ନକଲି ମଦ କାରବାର ଚାଲିଥିଲା ତାହା ତଦନ୍ତ ହେବା ଆବଶ୍ୟକ ବୋଲି ବିଧାୟକ ସାଉଁତା ଦାବି କରିଛନ୍ତି। ବିଗତ ଦିନର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ମଦ ମୁକ୍ତି ନାଁରେ ଚାଷୀ, ମୂଲିଆ ଓ ଆଦିବାସୀ ସଂଘ ସ୍ୱର ଉଠାଇଥିବାରୁ ରାଜ୍ୟ ସରକାର ସେହି ସମୟରେ ହାତ ଟେକିଦେଇଥିଲେ। ନିଜ ଆୟତ୍ତରୁ ଏହି ୨ ବ୍ଲକ କିଛି ବର୍ଷ ପାଇଁ ଅଣଆୟତ୍ତ ହୋଇଯାଇଥିଲା। ଏଥିରେ ହଜାରରୁ ଊର୍ଦ୍ଧ୍ୱ ଲୋକେ ହଇରାଣ ହୋଇଥିଲେ। ଆଗକୁ ଏଭଳି ନ ହେବା ଓ ମୋ ଅଞ୍ଚଳର ମା, ମାଉସୀ ଓ ଭଉଣୀଙ୍କୁ ବିଧବା ହେବାକୁ ଦେବୁନାହିଁ। ମଦ ବନ୍ଦ କରିବାକୁ ସରକାର ନିକଟରେ ଦାବି ଜଣାଉଛୁ ବୋଲି ୨ ବିଧାୟକ କହିଥିଲେ।



ଲକ୍ଷ୍ମୀପୁର ବିଡିଓଙ୍କୁ ବିଧାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ବିଦେଶୀ ପିସ୍ତଲ ଆମଦାନୀର ଟେର୍ ପାଉନି ପୋଲିସ

**ଗଞ୍ଜେଇ ବଦଳରେ ଚାଲାଣକାରୀ ଆଣୁଛନ୍ତି ପିସ୍ତଲ**

ନନ୍ଦପୁର,୨।୬(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ଉପଖଣ୍ଡ ପୋଲିସ ବିଦେଶୀ ମାଉଜର(ପିସ୍ତଲ) ଜବତ ନେଇ ଏକାଧିକ ମାମଲା ରୁଜୁ ହେବା ସତ୍ତ୍ୱେ ଆମଦାନୀର ମୂଳ ଉପରେ ଟେର୍ ପାଉନି ପୋଲିସ। ପିସ୍ତଲ ଜବତ ପରେ ଅଭିଯୁକ୍ତଙ୍କୁ ଜେଲ ଯିବା ବେଳେ ୟୁପି, ବିହାରକୁ ଗଞ୍ଜେଇ ଚାଲାଣ କରି ବଦଳରେ ମାଫିଆଙ୍କଠାରୁ ଚାଲାଣକାରୀ ବିଦେଶୀ ମାଉଜର ଆଣୁଥିବା ଜଣାପଡ଼ିଛି। ଏହାକୁ ବେଆଇନ ଭାବେ ନିଜ ପାଖରେ ରଖୁଥିବା ପୋଲିସ ସୂଚନା ଦେଉଛି। କିନ୍ତୁ ବ୍ୟବସାୟୀଙ୍କ ଚିହ୍ନଟ କରିବାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ଆଶଙ୍କା ଥିବାରୁ ରାଜ୍ୟ ଓ ଜିଲା ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି। ସୂଚନା ଅନୁଯାୟୀ, ୨୦।୩।୨୪ ପାଡୁଆ ଥାନା ପୋଲିସ ଗଞ୍ଜେଇ ଧରପଗଡ଼ ବେଳେ ଚାଲାଣକାରୀଙ୍କଠାରୁ ଏକ ଇଟାଲୀ ନିର୍ମିତ ମାଉଜର ଜବତ କରିଥିଲା। ୟୁପି ଓ ବିହାରକୁ ଗଞ୍ଜେଇ ଚାଲାଣ କରି ମାଫିଆଙ୍କଠାରୁ ଏହା ବଦଳରେ ମାଉଜର ଆଣୁଥିବା ପୋଲିସ ସୂଚନା ପାଇଥିଲା। ଏ ନେଇ କେସ ନଂ ୬୨/୨୪ରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସ୍ଥାନୀୟ କେତେକ ଯୁବକ ବ୍ଲାଙ୍କ ଫାୟାରିଂ କରି ଗୁମାଗୁଡ଼ାରେ ଆତଙ୍କ ଖେଳାଇଥିବା ନେଇ ଥାନାରେ ୧୪୪/୨୪ରେ ମାମଲା ହୋଇ ତଦନ୍ତ ଚାଲିଛି। ସେହିପରି ନନ୍ଦପୁର ଥାନାରେ କେସ୍ ନଂ ୫୦/୨୪ରେ ଏକ ବିଦେଶୀ ପିସ୍ତଲ ଜବତ ମାମଲାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ମାଛକୁଣ୍ଡ ଥାନାରେ ମଧ୍ୟ ମାଉଜର ଜବତ ମାମଲା ରହିଛି। ପିସ୍ତଲଗୁଡ଼ିକ ବିଦେଶୀ ନିର୍ମିତ ଓ ଗଞ୍ଜେଇ ଲିଙ୍କର ସୂଚନା ଥିଲେ ସୁଦ୍ଧା ପୋଲିସ ମାଉଜର ବିକ୍ରେତାଙ୍କ ମୂଳ ଠିକଣା ଖୋଜି ପାରିନାହିଁ। ଏ ସମ୍ପର୍କରେ ନନ୍ଦପୁର ଉପଖଣ୍ଡ ଏସ୍‌ପି ଦେବେନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସମସ୍ତ ଘଟଣାର ତଦନ୍ତ ଜାରି ରହିଛି। ଜବତ ମାଉଜରଗୁଡ଼ିକୁ ପୋଲିସ ଫୋରେନ୍ସିକ ଲବୋରେଟୋରିକୁ ପଠାଇଛି। ଅଧିକ ତଦନ୍ତ ପାଇଁ ସେ ଜିଲା ଏସ୍‌ପିଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

### ନୂତନ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ଆରମ୍ଭ

ଜୟପୁର,୨।୬(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟରେ ସୋମବାରଠାରୁ ନାମଲେଖା ଆରମ୍ଭ ହୋଇଛି। ନାମଲେଖା ନେଇ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟ ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥାର ନୂତନ ଭବନ ପରିସରରେ ଏକ ଖବରଦାତା ସମ୍ମିଳନୀରେ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ଦାଶ, ଜୟପୁର ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ହରିହର ପଣ୍ଡା ଏବଂ ଶିକ୍ଷକ ଗୋବିନ୍ଦ ବେହେରା ସୂଚନା ଦେଇଥିଲେ। ୨ରୁ ୧୬ ତାରିଖ ଯାଏ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଫର୍ମ ପ୍ରଦାନ କରିବା ଓ ଶେଷ ଦିନ ସନ୍ଧ୍ୟା ୫ଟା ସୁଦ୍ଧା ଆବେଦନକାରୀଙ୍କ ଫର୍ମ ଗ୍ରହଣ କରାଯିବ। ଜୁନ୨୨ ଓ ୨୩ରୁ ଛାତ୍ରୀଛାତ୍ରଙ୍କ ପ୍ରବେଶ ପ୍ରକ୍ରିୟା ଆରମ୍ଭ କରାଯାଇ ଜୁଲାଇ ପହିଲାରୁ ପାଠ୍ୟକ୍ରମ ଆରମ୍ଭ କରାଯିବ। ଶିକ୍ଷା ଅଧିକାର ଯୋଗ୍ୟତା ହାସଲ କରୁଥିବା ୧୦ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯିବ। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଗାଇଡଲାଇନ ଅନୁଯାୟୀ ପ୍ରଥମ କେଟୋଗୋରୀରେ କେନ୍ଦ୍ର ସରକାରୀ କର୍ମଚାରୀ, ଅବସର ସେନା କର୍ମଚାରୀ, ୨ୟରେ ବ୍ୟାଙ୍କ, ବୀମା ଓ କେନ୍ଦ୍ରୀୟ ନିଗମ, ୩ୟରେ ରାଜ୍ୟ ସରକାରୀ କର୍ମଚାରୀ, ରାଜ୍ୟ ନିଗମ ଏବଂ ଶେଷରେ ସାଧାରଣ ଲୋକଙ୍କ ପିଲାଙ୍କୁ ସୁଯୋଗ ଦିଆଯିବ। ୬ଟି ସିଟ୍ ଅନୁସୂଚିତ ଜାତି, ୩ଟି ଅନୁସୂଚିତ ଜନଜାତି, ୧୧ଟି ଅନ୍ୟାନ୍ୟ ପଛୁଆବର୍ଗ ଏବଂ ୩ଟି ଶାରୀରିକ ଭିନ୍ନକ୍ଷମଙ୍କ ପାଇ ସଂରକ୍ଷିତ ରହିବ। ଦାଖଲା ପାଇଁ ଗତ ମାର୍ଚ୍ଚ ୩୧ ସୁଦ୍ଧା ପ୍ରଥମ ଶ୍ରେଣୀରେ ୬ରୁ ୮ ବର୍ଷ ବୟସ ବାଧ୍ୟତାମୂଳକ ରହିବ। ଏଥିପାଇଁ ଜନ୍ମ ସାର୍ଟିଫିକେଟ ମୁଖ୍ୟ ଡକ୍ୟୁମେଣ୍ଟ ଭାବେ ଦାଖଲ କରାଯିବ। ୧ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୪୦ଜଣ ଭାବେ ମୋଟ ୨୦୦ ଛାତ୍ରୀଛାତ୍ରଙ୍କୁ ଦାଖଲା ଦିଆଯିବା ନେଇ ସୂଚନା ଦେଇଥିଲେ।

# ଗଞ୍ଜେଇ ଚାଲାଣ ଅଭିଯୋଗରେ ୬ ଗିରଫ

ଜୟପୁର,୨।୬(ପବନ ପାଣିଗ୍ରାହୀ)

ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜୟପୁର ଟାଉନ ପୋଲିସ ଚଢାଉ କରି ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଥାନାରେ ଏସ୍‌ଡିପିଓ ପାର୍ଥ କଶ୍ୟପ ସୋମବାର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ବାରିଣିପୁଟର ଅମର କୁମାର ବାହାଦୁର(୩୭), ବିଷ୍ଣୁ ମୁଦୁଲି(୨୯), ସଞ୍ଜୟ ଖୋସଲା (୨୯), କେଶବ ହରିଜନ(୩୦), ବାମୁଣି ଗାଁର ଦୁର୍ଗା ବାହାଦୁର(୩୫) ଓ କୁସୁମପୁଟର ମୀନା ବାରିକ(୩୫)। ସୂଚନା ଅନୁଯାୟୀ, ମେ ୨୯ରେ ଜୟପୁର ଟାଉନ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ହାଟପଦାର ଏକ କବାଡି ଦୋକାନ ନିକଟରେ ୧୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଗାଡିରେ କୁଣ୍ଡା ଓ ଖୁଦ ପ୍ୟାକେଟ ଭିତରେ ଗଞ୍ଜେଇ ଲୋଡ କରୁଥିଲେ। ଏହି ସମୟରେ ପୋଲିସ ଦୁର୍ଗା ଓ ମୀନାଙ୍କୁ ମେ ୩୦ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ୨୫୯ ପ୍ୟାକେଟରେ ୧୩୧୮ କେଜି ଗଞ୍ଜେଇ,୧୨୦ ପ୍ୟାକେଟ କୁଣ୍ଡା ଓ ଖୁଦ, ୩ଟି ମୋବାଇଲ, ମିନି ଟ୍ରକ ଓ ଟ୍ରକକୁ ଜବତ କରିଥିଲା। ଗଞ୍ଜେଇ ଚଢ଼ା ଦରରେ ବିକ୍ରି କରିବାକୁ ହାରିୟାଣାକୁ ଚାଲାଣ ହେଉଥିବା ଜଣାପଡ଼ିଛି। ପୋଲିସ ୨୦୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଉଲ୍ଲସ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ।



ଗିରଫ ୪ ଅଭିଯୁକ୍ତ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

## ଖବରଦାତାଙ୍କ ସୁରକ୍ଷା ଦାବି

କୋରାପୁଟ,୨।୬(ଅମିତାଭ ବେହେରା)

ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଖବରଦାତାଙ୍କ ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ଏକ ସ୍ମାରକପତ୍ର ଗୁରୁବାର ସନ୍ଧ୍ୟାରେ ପ୍ରଦାନ କରାଯାଇଛି। ସଂଘ ସଭାପତି ଶଶୀଧର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ବଲାଙ୍ଗୀର ଜିଲାର କୁଲଥିପାଲିରେ ଖବରଦାତା ବିଜୟ ପ୍ରଧାନଙ୍କ ପ୍ରତି ହୋଇଥିବା ବର୍ବର ଆଚରଣରେ ରାଜ୍ୟ ଖବରଦାତା ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ରାଜ୍ୟରେ ଖବରଦାତାଙ୍କ ସୁରକ୍ଷା ବିପନ୍ନ ହୋଇଥିବା ଏହା ତାହାର ଏକ ନଗ୍ନଚିତ୍ର। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। କିନ୍ତୁ ଛତିଶଗଡ଼ ଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ରାଜ୍ୟର ସର୍ବବୃହତ୍ ଓ ପୁରାତନ ସାମ୍ବାଦିକ ସଂଘ, ଓଡ଼ିଶା ସାମ୍ବାଦିକ ୟୁନିୟନ ଓ ଏହାର ସମସ୍ତ ଜିଲା ଶାଖା ରାଜ୍ୟବ୍ୟାପୀ ଖବରଦାତାଙ୍କ ନିରାପତ୍ତା ନେଇ ଉଦ୍‌ବିଗ୍ନ। ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ସହ ଛତିଶଗଡ଼ ଓ ମହାରାଷ୍ଟ୍ର ଢାଞ୍ଚାରେ ଓଡ଼ିଶାରେ ଖବରଦାତା ସୁରକ୍ଷା ଆଇନ ପ୍ରଣୟନ କରିବାକୁ ସ୍ମାରକପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଦୃଢ଼ ଦାବି ରଖିଛୁ। ଅନ୍ୟ ରାଜ୍ୟ ଭଳି ଖବରଦାତାଙ୍କୁ ପେନ୍‌ସନ ପ୍ରଦାନ, ୧୬ ବର୍ଷ ଧରି ଶୀତଳ ଭଣ୍ଡାରରେ ପଡି ରହିଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ,ଅନୁକମ୍ପାମୂଳକ ସହାୟତା ରାଶିର ପରିମାଣକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି, ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ବୀମାରେ ମା'ବାପାଙ୍କୁ ସାମିଲ କରିବା ଆଦି ଜୁନ୍ ୧୨ ପୂର୍ବରୁ ଘୋଷଣା କରିବାକୁ ଦାବି କରାଯାଇଛି। ଏହି ଅବସରରେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଓ ବହୁ ଖବରଦାତା ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି

## ୧୦ ଅଭିଯୋଗ ପଞ୍ଜୀକୃତ

ନନ୍ଦପୁର,୨।୬(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଦୁର୍ଗମ ଖେମୁଣ୍ଡୁଗୁଡ଼ା ପଞ୍ଚାୟତରେ ସଚେତନତା ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ସୁମିତ୍ରା ଖେମୁଣ୍ଡୁ, ଉମ୍ପୁଧର ବଣ୍ଡା, ବାସୁଦେବ ଗୁଣ୍ଟା, ସନ୍ତୋଷ ପାମିଆ, ଭୁବନାନନ୍ଦ ଖେମୁଣ୍ଡୁ, ଗୋବର୍ଦ୍ଧନ ଚଙ୍ଗି, ଦୁଖୀ ହନ୍ତାଳ ଓ ବାସନ୍ତୀ ପାଙ୍ଗୀ ପ୍ରମୁଖ ଅଞ୍ଚଳର ୧୦ ସମସ୍ୟା ସମ୍ବଳିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଖେମୁଣ୍ଡୁଗୁଡ଼ା ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ବସ୍ ସେବା, କୁରୁମାପୁଟ ଅଙ୍ଗନୱାଡ଼ି କେନ୍ଦ୍ରକୁ ରାସ୍ତା, ସୁରକ୍ଷା ପାଚେରି ଓ ବିଦ୍ୟୁତ ସଂଯୋଗ କରିବା, ଉଚ୍ଚ ବିଦ୍ୟାଳୟ ଛାତ୍ରୀନିବାସ ପାଇଁ ଖେଳ ପଡ଼ିଆ ନିର୍ମାଣ, ଭିନ୍ନକ୍ଷମଙ୍କ ଯନ୍ତ୍ରକାରୀମାନଙ୍କୁ ଭତ୍ତା ପ୍ରଦାନ, ମାଲିଗୁଡ଼ା ପାଟଖମରାରେ ଥିବା ପୋଲର ନୂତନ ନିର୍ମାଣ, ପଞ୍ଚାୟତ କାର୍ଯ୍ୟାଳୟର ସୁରକ୍ଷା ପାଚେରି ଓ ଗାର୍ଡୱାଲ ନିର୍ମାଣ, ଖେମୁଣ୍ଡୁଗୁଡ଼ା ପାଣିପମ୍ପ୍ ଚାଳକ ନିଯୁକ୍ତି, ଗିର୍ଲିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ରୋଷେଇ ଗୃହ ନିର୍ମାଣ, ସଦର ମଣ୍ଡପ ଓ ନିଶାଣି ମଣ୍ଡପ ନିର୍ମାଣ, ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାସ୍ତା ନିର୍ମାଣ ଆଦି ସମସ୍ୟା ଉଲ୍ଲେଖ ଥିବା ପଞ୍ଚାୟତବାସୀ କହିଛନ୍ତି। ସମସ୍ତ ୧୦ଟି ଅଭିଯୋଗକୁ ପଞ୍ଜୀକୃତ କରାଯାଇଛି। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି। ଶିବିରରେ ସରପଞ୍ଚ ତୁଳା ଖିଲ, ସମିତିସଭ୍ୟ ଗୁପ୍ତ ବଣ୍ଡା, ସମସ୍ତ ୱାର୍ଡସଭ୍ୟ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଦୁବରାଜ ମୁର୍ମୁ, ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ, ଜିପିଇଓ ବେଦାନ୍ତ ମାଝୀ ଏବଂ ପିଇଓ ଉଷାରାଣୀ ନାୟାର ପ୍ରମୁଖ ଉପସ୍ଥିତ ଥିଲେ।



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

ଜୟପୁର,୨।୬(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ସୋମବାର ଜୟପୁର ମହିଳା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସିଲୁନିଗୁଡ଼ାର ରାଜେନ୍ଦ୍ର ଭତ୍ରା(୨୯)। ସୂଚନା ଅନୁଯାୟୀ, ନାବାଳିକାଙ୍କୁ ରାଜେନ୍ଦ୍ର ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଓ ନାବାଳିକା ଗର୍ଭବତୀ ଥିବା ଜାଣିବା ପରେ ତାଙ୍କ ମା ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୭୦/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ପୀଡ଼ିତା ଓ ତାଙ୍କ ମାଙ୍କୁ ଗର୍ଭପାତ କରିବାକୁ ଧମକ ଦେବାରୁ ସେମାନେ ଜୟପୁରରେ ଲୁଚିକି ରହୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ମେ୨୯ରେ ବିଜେଡି ରାଜ୍ୟ ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ଟିମ୍ ପୀଡ଼ିତାଙ୍କ ସାକ୍ଷାତ କରି ଆଲୋଚନା କରିଥିଲେ। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରି କୋରାପୁଟ ଏସପି ରୋହିତ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତଦନ୍ତ ଦାୟିତ୍ୱରେ ଥିବା ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଅଭିଯୁକ୍ତଙ୍କ ଗ୍ରାମରେ ଚଢାଉ କରିଥିଲେ। ସେହି ଦିନରୁ ଅଭିଯୁକ୍ତ ଫେରାର ରହିଥିଲେ। ଅଭିଯୁକ୍ତଙ୍କ ଡାକ୍ତରି ମାଇନା କରି କୋର୍ଟ ଚାଲାଣ କରାଯାଇଛି।

# ଏବିଭିପିର ଖବରଦାତା ସମ୍ମିଳନୀ

କୋରାପୁଟ,୨।୬(ଅମିତାଭ ବେହେରା)

ଆଗାମୀ ଦିନରେ ବିଭିନ୍ନ କଲେଜରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ ଓ ୨୦୨୫-୨୬ ଶିକ୍ଷା ବର୍ଷରେ ଲକ୍ଷ୍ୟ ଧାର୍ଯ୍ୟ ଥିବା ୧୪ ହଜାର ସଦ୍ୟସତା ସଂଖ୍ୟା କରିବା ନେଇ ପୂଜାରୀପୁଟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏବିଭିପିର ରାଜ୍ୟ ଏସ୍‌ଏଫ୍‌ଡି ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ଦାନୀଙ୍କ ଅଧ୍ୟକ୍ଷତାରେ ଜିଲାରେ ନୂତନ ଭାବେ ୧୪ହଜାର ସଦ୍ୟସତା ଗ୍ରହଣ କରିବା ଓ ଆସନ୍ତା ଶିକ୍ଷା ବର୍ଷରେ ଏବିଭିପି ସମ୍ପୂର୍ଣ୍ଣ ଭାବେ ଛାତ୍ର ସଂସଦ ଲଢ଼ିବାକୁ ପ୍ରସ୍ତୁତ ଥିବା ସୂଚନା ଦେଇଥିଲେ। ଜିଲାର ୬ଟି କଲେଜରେ ଏବିଭିପି ଏହାର ପ୍ରାର୍ଥୀଙ୍କୁ ଛିଡ଼ା କରାଇବ ବୋଲି ସୂଚନା ଦିଆଯାଇଛି। ଏବିଭିପି ପଶ୍ଚିମ ପ୍ରାନ୍ତରେ ୧ଲକ୍ଷ ୪ ହଜାର ନୂତନ ସଦ୍ୟସତା କରିବା ଲକ୍ଷ୍ୟ ରଖିଛି। ଏହି ପ୍ରାନ୍ତର ୩୩୧ କଲେଜ, ୮ଟି ବିଶ୍ୱବିଦ୍ୟାଳୟ ଶାଖା ଓ ପ୍ରତି ବ୍ଲକ୍ ସଦର ମହକୁମାରେ ନଗର ଶାଖା ଘୋଷଣା କରିବା ଲକ୍ଷ୍ୟ ରଖିଥିବା ସୂଚନା ଦିଆଯାଇଛି। ଏଥିରେ ଦିବ୍ୟଜ୍ୟୋତି ନନ୍ଦ, ଏବିଭିପିର ଜିଲା ସଂଯୋଜକ ରାଜା ପଣ୍ଡା, ଡିଏଭି ମହାବିଦ୍ୟାଳୟ ଉପସଭାପତି ଜୟଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଜନଶୁଣାଣି

# ୧୦ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

କୋରାପୁଟ,୨।୬(ଅମିତାଭ ବେହେରା)

କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଏସ୍‌ପି ରୋହିତ ବର୍ମା, ଜିଲା ପରିଷଦ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, ସିଡିଏମ୍‌ଓ ଡ.ବରଦାକାନ୍ତ ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ଓ ସମସ୍ତ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଜିଲାପାଳ ୭ଟି ବ୍ୟକ୍ତିଗତ ଓ ୩ଟି ଦଳଗତ ଅଭିଯୋଗର ଶୁଣାଣି କରିଥିଲେ। କାର୍ଯ୍ୟକ୍ରମର ସମୟ ସକାଳ ୭ଟାରୁ ଆରମ୍ଭ ହୋଇଥିବାରୁ ଅଧିକାଂଶ ଲୋକେ ପୂର୍ବରୁ ଜାଣି ନ ପାରି ପୂର୍ବାହ୍ନ ୧୦ଟା ପରେ ଆସିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ନୂଆଁ ମାଳିଗୁଡ଼ା ଗ୍ରାମବାସୀ

ଜୟପୁର,୨।୬(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ୍ ଜାମୁଣ୍ଡା ପଞ୍ଚାୟତ ନୂଆଁ ମାଳିଗୁଡ଼ା ଗ୍ରାମବାସୀ ପାନୀୟ ଜଳ,ବିଦ୍ୟୁତ୍ ଓ ପକ୍କା ରାସ୍ତା ଆଦି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର ପ୍ରଶାସନିକ ଅଧିକାରୀମାନଙ୍କୁ ଗୁହାରିକରିବା ସତ୍ତ୍ୱେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ବ୍ୟତୀତ କୌଣସି ସୁବିଧା ମିଳି ନ ଥିବା ଅଭିଯୋଗ କରିଛନ୍ତି। ଜାମୁଣ୍ଡା ପଞ୍ଚାୟତଠାରୁ ୩ରୁ ୪କି.ମି. ଦୂରରେ ଏହି ଗ୍ରାମକୁ ମାଟି ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଗ୍ରାମରେ ୧୫ରୁ ଊର୍ଦ୍ଧ୍ୱ ପରିବାର ଥିବା ବେଳେ ଏକମାତ୍ର ନଳକୂପ ରହିଛି। ସେଥିରୁ ଦୂଷିତ ଆଇରନ୍ ପାଣି ବାହାରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମକୁ ବିଦ୍ୟୁତ୍ ସେବା ମିଳି ନ ଥିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ର ପଢ଼ିବାରେ ବ୍ୟାଘାତ ହେଉଛି। ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଗ୍ରାମରେ ବିଭିନ୍ନ ମୌଳିକ ସମସ୍ୟା ରହିଥିବାରୁ ପିଲାଙ୍କ ଭବିଷ୍ୟତ ନେଇ ସେମାନେ ଚିନ୍ତିତ ଥିବା ଗ୍ରାମର ପ୍ରହଲ୍ଲାଦ ମାଳି ଅଭିଯୋଗ କରିଛନ୍ତି। ଜାମୁଣ୍ଡା ମୁଖ୍ୟ ରାସ୍ତାଠାରୁ ୩ କି.ମି. ଦୂରରେ ଏହି ଗାଁ। ବର୍ଷାଦିନରେ ଗ୍ରାମବାସୀ ଏକପ୍ରକାର ବନ୍ଦୀ ଜୀବନ ବିତାଉଥିବା କହିଛନ୍ତି। ଗ୍ରାମର ଏହି ରାସ୍ତାରେ କେବଳ ଯାନବାହନ ନୁହେଁ ମଣିଷ ଯିବା ମଧ୍ୟ ସମ୍ଭବ ହୁଏ ନାହିଁ ବୋଲି କହିଛନ୍ତି। ଛାତ୍ରୀଛାତ୍ର ୪ କି.ମି. ଦୂର ଜଙ୍ଗଲ ରାସ୍ତା ଦେଇ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଯାଆନ୍ତି। ବିଦ୍ୟୁତ୍ ସେବା ନ ଥିବାରୁ ଛାତ୍ରୀଛାତ୍ରଙ୍କ ପଢ଼ାରେ ଅସୁବିଧା ହେବା ସହ ସେମାନଙ୍କ ଭବିଷ୍ୟତ ଅନ୍ଧାରରେ ଥିବା ଗ୍ରାମର ଧନମତି ମାଳି ଓ ଯସଦା ମାଳି କହିଛନ୍ତି।

ଏ ସମ୍ପର୍କରେ ଜୟପୁର ଏଡିଓ ମନୋଜ ନାୟକଙ୍କୁ ପଚାରିବାରୁ ଗ୍ରାମରେ ପ୍ରଶାସନ ପହଞ୍ଚି ରହିଥିବା ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।



ଗ୍ରାମର ମହିଳାମାନେ ନଳକୂପର ଦୂଷିତପାଣି ନେଉଛନ୍ତି।

# ଧାନ ରଖି ଲ୍ୟାମ୍ପସ୍‌ରେ ତାଲା ପକାଇଲେ ଚାଷୀ

- ଶୋଷଣ ଆଳରେ ଅଭିନୟ କରୁଛି ଯୋଗାଣ ବିଭାଗ
- ଚାଷୀଙ୍କୁ ହଇରାଣ କରିବାନେଇ ଜିଦ୍‌ରେ ସିଏସ୍‌ଓ

କୁନ୍ଦୁରା,୨।୬(ସନ୍ତୋଷ ପ୍ରହରାଜ)

ଜିଲାସ୍ତରୀୟ ପ୍ରୋକ୍ୟୁରମେଣ୍ଟ କମିଟି ବୈଠକରେ ଚଳିତ ରବି ଋତୁରେ ଧାନ ମଣ୍ଡିର ଶୁଭାରମ୍ଭ ମେ ୨୫ ରେ ହେବାର ଥିଲା। ଘୋଷଣାର ୭ ଦିନ ବିତିଯାଇଥିଲେ ସୁଦ୍ଧା ଏହା ହୋଇ ନ ଥିବାରୁ ସୋମବାର ଲ୍ୟାମ୍ପସ୍‌ରେ ଧାନ ରଖି ତାଲା ପକାଇଛନ୍ତି ଚାଷୀ। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମେ ୨୫ରେ ଘୋଷଣା ମୁତାବକ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ମଣ୍ଡି ଶୁଭାରମ୍ଭ କରି ନ ଥିବା ବେଳେ ମେ ୨୯ରେ କୋରାପୁଟ ଜିଲାର ସମସ୍ତ ଚାଷୀ ଜୟପୁରସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଥିଲେ। ଜୁନ ୧ ରେ ଧାନ ମଣ୍ଡି ଶୁଭାରମ୍ଭ ନେଇ ଜିଲା ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଫେରିଥିଲେ ଚାଷୀ। ଲ୍ୟାମ୍ପସ୍ ଏବଂ ଜୟପୁର ନିୟନ୍ତ୍ରିତ ବଜାର କମିଟି ଚାଷୀଙ୍କର ଗଦା ଧାନକୁ ଉଠାଇବା ନେଇ ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ସୋମବାର ଧାରଣାରୁ ଉଠିଥିବା ଜଣାପଡ଼ିଛି।



ଚାଷୀମାନେ ଧାନବସ୍ତା ରଖି ଧାରଣାରେ ବସିଛନ୍ତି ।

ସୂଚନାଯୋଗ୍ୟ, ଜୁନ ୧ ରେ ଘୋଷଣା ମୁତାବକ ମଣ୍ଡି ଖୋଲା ହୋଇନଥିବା ବେଳେ ଉତ୍ୟକ୍ତ ଚାଷୀ ସୋମବାର ସନ୍ଧ୍ୟାରେ ତାଲା ପକାଇବାକୁ ବାଧ ହୋଇଛନ୍ତି ବୋଲି ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ କହିଛନ୍ତି। ଚାଷୀ ନେତା ତଥା କୋରାପୁଟ ଜିଲା କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ନରେନ୍ଦ୍ର ପ୍ରଧାନଙ୍କ ସୂଚନା ପ୍ରକାରେ ଜିଲାପାଳଙ୍କୁ ରବି ଋତୁରେ ଧାନ ମଣ୍ଡି କରିବା ନେଇ ଜିଲା ଯୋଗାଣ ଅଧିକାରୀ ଚାଷୀଙ୍କୁ ଶୋଷଣ ଆଳରେ ଭୁଲ ରିପୋର୍ଟ ପ୍ରଦାନ କରିଥିବାରୁ ମଣ୍ଡି ଶୁଭାରମ୍ଭ ନେଇ ବିଳମ୍ବ ଘଟୁଛି। ଜୁନ ୧ ରେ ୭୮ ଚାଷୀଙ୍କର ଟୋକନ ବାହାରିଥିବା ବେଳେ ମଣ୍ଡି ଶୁଭାରମ୍ଭ କରୁ ନ ଥିବା ଫଳରେ ଦୟନୀୟ ଅବସ୍ଥାରେ ରହିଛନ୍ତି ଚାଷୀ। ଜାଣି ଶୁଣି କଟନୀ ଛଟନି ଆଳରେ ଜିଲା ଯୋଗାଣ ଅଧିକାରୀ ବାହାର ଜିଲାର ମିଲର୍ସଙ୍କ ସହିତ ସଲାସୁତୁରା ହୋଇ ମଣ୍ଡି ବିଳମ୍ବ କରାଯାଉଛି।

କୋରାପୁଟ ଜିଲାର ପ୍ରାୟ ୫୦ ପ୍ରତିଶତ ରବି ଧାନ ଅମଳ ହୋଇଥିବା ବେଳେ ଆଉ ସପ୍ତାହେ ମଧ୍ୟରେ ବଳକା ଧାନ ଅମଳ ସରିବ। କିନ୍ତୁ ଜିଲା ଯୋଗାଣ ଅଧିକାରୀ, ଜିଲାପାଳ ଏବଂ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗକୁ ଭୁଲ ରିପୋର୍ଟ ପ୍ରଦାନ କରୁଥିବା ଯୋଗୁ ମଣ୍ଡି ହେବାରେ ସମସ୍ୟା ଉପୁଜୁଛି। ଗତ ୨୯ ତାରିଖରେ ଜିଲା ଯୋଗାଣ ଅଧିକାରୀ ଚାଷୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବା ଓ ଶୋଷଣ କରିବା ମାହାଙ୍ଗା ପଡିବ ବୋଲି ଚାଷୀ ନେତା ରାଧାନାଥ ଭଟ୍ଟ କହିଛନ୍ତି। ଉତ୍ୟକ୍ତ ଚାଷୀଙ୍କ ନିକଟରେ ଅତିରିକ୍ତ ତହସିଲଦାର ପହଞ୍ଚି ବୁଝାଶୁଝା କରିଥିବା ବେଳେ ପୋଲିସ ଉପସ୍ଥିତିରେ ଚାଷୀ ଲ୍ୟାମ୍ପସ୍‌ରେ ତାଲା ପକାଇ ଧାନ ରଖି ଧାରଣାରେ ବସିଥିଲେ।

ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡିକ ମଧ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। –ଶ୍ରୀଅରବିନ୍ଦ



# ପର ପ୍ରୀତି

ପରକୀୟା ପ୍ରୀତିଜନିତ ହତ୍ୟାକାଣ୍ଡ ଦିନକୁ ଦିନ ବଢ଼ି ଚାଲିବା ଦେଖିବାକୁ ମିଳୁଛି। ନିଜ ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସହ ପ୍ରେମ ସମ୍ବନ୍ଧ ନିବିଡ଼ ହେବା ବା ଶାରୀରିକ ସମ୍ପର୍କ ଗଭୀର ହେବା ପରେ ବିବାହ ବନ୍ଧନରେ ଆବଦ୍ଧ କୌଣସି ପକ୍ଷ ଭୟଙ୍କର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ପାଟିତୁଣ୍ଡରେ ତାହା ସୀମିତ ନ ରହି ହତ୍ୟାକାଣ୍ଡଯାଏ କଥା ଯାଉଛି। ପୁଣି ହତ୍ୟାରେ ଏକାଧିକ ଲୋକଙ୍କୁ ସାମିଲ କରି ଦିଆଯାଉଛି। ଘରେ ପିଲାଛୁଆଙ୍କୁ ମତେଇ ତତେଇ ମା' ସେମାନଙ୍କ ପିତାଙ୍କୁ କିମ୍ବା ପିତା ସେମାନଙ୍କ ମାତାଙ୍କୁ ହତ୍ୟା କରୁଛନ୍ତି। ୩୧ ମେ'ରେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ୍‌ର ଫରେଷ୍ଟରଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ଜିଅନ୍ତା ଜାଳିଦେବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ସେହିପରି ସେହି ସମାନ ଦିନରେ ବିବାହ ବାହାର ସମ୍ପର୍କ ଯୋଗୁ ଅନୁଗୋଳ ଜିଲା କଣିହାଁ ଥାନା ମସୁରିହିତା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଗଳାକାଟି ହତ୍ୟା କରାଯାଇଛି। ପ୍ରାଣ ହରାଇଥିବା ବ୍ୟକ୍ତି ଅନ୍ୟ ଜଣଙ୍କ ସ୍ତ୍ରୀଙ୍କୁ ନେଇଆସି ୭ ମାସ ତଳେ ବିବାହ କରିଥିଲେ। ୨ ଜୁନ୍‌ରେ ଆଉ ଏକ ଘଟଣାରେ ଗଞ୍ଜାମ ଜିଲା ଗୋବିନ୍ଦପୁର ଗାଁରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ପରକୀୟା ପ୍ରୀତି ଯୋଗୁ ହତ୍ୟା କରିଛନ୍ତି। ଏଭଳି ଘଟଣାର ତାଲିକା ପ୍ରସ୍ତୁତ କଲେ ତାହା ଲମ୍ବିଲା ଭଳି ଲାଗୁଛି।

୨୦୨୦ରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ସେହି ବର୍ଷ ଘଟିଥିବା ମୋଟ ହତ୍ୟାରୁ ୧୦ ପ୍ରତିଶତରୁ ଅଧିକ ପ୍ରେମ ଓ ପରକୀୟା ପ୍ରୀତିଜନିତ କାରଣରୁ ହୋଇଥିଲା। ଏହି ଧରଣର କାର୍ଯ୍ୟକଳାପ ବଢ଼ିଚାଲୁଥିବାରୁ ହିଂସାକାଣ୍ଡ ବୃଦ୍ଧି ପାଉଥିବା ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ବୁଝାପଡ଼ିଯାଉଛି। ସାଧାରଣତଃ କ୍ରୋଧର ବଶବର୍ତ୍ତୀ ହୋଇ ତତ୍‌କ୍ଷଣାତ୍ ଜଣଙ୍କୁ ମାରିଦେବାର ନିଷ୍ପତ୍ତି ନେଉଥିବା ବ୍ୟକ୍ତିଙ୍କୁ ସାହିପଡ଼ିଶା କିମ୍ବା ପରିବାର ସହ ପରିଚିତ ବ୍ୟକ୍ତି 'ସେ ଠିକ୍ କରିଛି' ବୋଲି କହିବାକୁ ପଛାଇ ନ ଥାଆନ୍ତି। କାରଣ ସେମାନେ ଏଭଳି ସମ୍ପର୍କକୁ ଖରାପ ଦୃଷ୍ଟିରେ ଦେଖିଥାଆନ୍ତି। ଏମିତି ମଧ୍ୟ ହୋଇଥାଏ ଯେ ପରକୀୟା ପ୍ରୀତିରେ ଜଡ଼ିତ ବ୍ୟକ୍ତିଙ୍କୁ ମାରିଦେବା ଲାଗି ଅନେକେ ଉସ୍‌କାଇଥାଆନ୍ତି। ଏଭଳି କରାଗଲେ ସମସ୍ୟାର ସମାଧାନ ହୋଇଗଲା ବୋଲି ସାଧାରଣରେ ଧରିନିଆଯାଇଥାଏ। ହେଲେ ସେତେବେଳେ ସେମାନେ ପରିସ୍ଥିତିର ଭୟାବହତାକୁ ଦେଖି ବୁଝିପାରନ୍ତି ନାହିଁ। ଗରମ ମସ୍ତିଷ୍କରେ ନିଷ୍ପତ୍ତି ନେଇଥାଆନ୍ତି। ଜଣଙ୍କୁ ମାରିଦେଲେ ମୃତକଙ୍କ ଜୀବନରେ ପରିସମାପ୍ତି ଘଟିଗଲା। କିନ୍ତୁ କ୍ରୋଧରେ ଯିଏ ହିଂସାତ୍ମକ କାଣ୍ଡ ଭିଆଇଥାଆନ୍ତି, ତାଙ୍କୁ ଆଜୀବନ ଜେଲ ଜୀବନ ବିତାଇବାକୁ ପଡ଼ିଥାଏ। ଏହି ଯନ୍ତ୍ରଣା ସେହି ବ୍ୟକ୍ତିଙ୍କ ବାକିତକ ଆୟୁଷକୁ କୋରି ଖାଇଦେଇଥାଏ। ଏଥିସହିତ ସ୍ତ୍ରୀ ହୁଅନ୍ତୁ ବା ସ୍ୱାମୀ ତାଙ୍କ ପରିବାରକୁ ଜାଣତରେ ନଷ୍ଟ କରିଦେଇଥାଆନ୍ତି।

ପରକୀୟା ପ୍ରୀତି ଯୋଗୁ ଉପୁଜୁଥିବା ଏଭଳି ସାମାଜିକ ତଥା ପାରିବାରିକ ବିଶୃଙ୍ଖଳାର ଅନ୍ୟତମ ସମାଧାନ ବାଟ କହିଲେ ସମ୍ଭବତଃ ବିବାହ ବିଚ୍ଛେଦ ହୋଇପାରେ। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ। ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା। କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି।

ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ। ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା। କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି।

# ସ୍ୱହସ୍ତେ ଜିହ୍ୱା ଛେଦନ




ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଇତ୍ୟବସରରେ ବହୁ ବର୍ଷ ବିତିଗଲାଣି। ଆମେ ପାର୍ବତୀ ବିଷୟରେ ଜାଣି ନାହୁଁ। ସେ କେଉଁ ଅବସ୍ଥାରେ ଏବେ ଅଛି, ତା' ଜୀବନରେ ଆଉ କ'ଣ ଘଟିଛି, ତାହା ଜାଣିବା ପାଇଁ ମୁଁ ଆଗ୍ରହୀ ନୁହେଁ। କିନ୍ତୁ ଦେବଦାସ ପାଇଁ ମୋ ହୃଦୟ ଫାଟି ଯାଉଛି। ଯିଏ ଏହି ଉପନ୍ୟାସଟି ପଢ଼ିବ, ସେ ମୋ ପରି ଯନ୍ତ୍ରଣାଦଗ୍ଧ ହେବ। ତୁମେ ଯଦି କେବେ ଜାଣିବ ଯେ, ଏପରି ଜଣେ ଦୁର୍ଭାଗା ବ୍ୟକ୍ତି ଅଛି, ଯିଏ କି ଦେବଦାସ ପରି ଅପରିଣାମଦର୍ଶୀ, ଏକଜିଦିଆ, ଅନିୟନ୍ତ୍ରିତ ଓ ପାପୀ, ତେବେ ଈଶ୍ୱରଙ୍କୁ ପ୍ରାର୍ଥନା କର ଯେ, ଯେପରି କି ତା'ର ଯାହା ହେଉ ନା କାହିଁକି, ଅନ୍ତତଃ ଦେବଦାସ ପରି ତା'ର ମୃତ୍ୟୁ ନ ହେଉ। ମରଣ ତ ଅନିବାର୍ଯ୍ୟ। କିନ୍ତୁ ଶେଷ ନିଃଶ୍ୱାସ ବେଳକୁ ତା' ମୁଣ୍ଡ ଉପରେ କେହି ଆଦରର ସହ କୋମଳତାରେ କର ସଞ୍ଚାଳନ କରୁ, ଯଦ୍ୱାରା ସେ ସମ୍ମୁଖରେ ଲୁହ ଗଡ଼ାଉଥିବା ଜଣେ ଦୟାର୍ଦ୍ର ବ୍ୟକ୍ତିକୁ ଦେଖି ଶାନ୍ତିରେ ମରଣ ଲଭିବ।"

ଏହା ହେଉଛି ଶରତ ଚନ୍ଦ୍ରଙ୍କ ପ୍ରସିଦ୍ଧ ରୋମାଣ୍ଟିକ ଉପନ୍ୟାସିକା 'ଦେବଦାସ'ର ଶେଷ ଅନୁଚ୍ଛେଦ। ଏହି ବହିରେ ତିନୋଟି ମୁଖ୍ୟ ଚରିତ୍ର ହେଉଛି ପାରୋ (ପାର୍ବତୀ ଚକ୍ରବର୍ତ୍ତୀ ଚନ୍ଦ୍ରମୁଖୀ ଓ ନାୟକ ଦେବଦାସ ମୁଖାର୍ଜୀ)। ପାରୋ ଓ ଦେବଦାସ ବାଲ୍ୟକାଳରୁ ପରସ୍ପର ସହ ନିବିଡ଼ ଭାବେ ସଂପୃକ୍ତ। ବଡ଼ ହେବା ପରେ ସେମାନେ ବିବାହ କରିବାକୁ ଅତ୍ୟନ୍ତ ଆଗ୍ରହୀ ଥିଲେ। କିନ୍ତୁ ଉଭୟ ପରିବାରର ସାମାଜିକ ସ୍ଥିତି ମଧ୍ୟରେ ଏତେ ପାର୍ଥକ୍ୟ ଥିଲା ଯେ, ଏହା ଘଟିଲା ନାହିଁ। ପାରୋ ଘଟଣା ଚକ୍ରରେ ଗୋଟିଏ ଧନୀ ସନ୍ତାନ ଥିବା ବିପତ୍ନୀକ ବୟସ୍କ ଜମିଦାରକୁ ବିବାହ କଲା। ଦେବଦାସ ବିଫଳ ମନୋରଥରୁ ନିରାଶ ଓ ଦୁଃଖ–ଜର୍ଜରିତ ହୋଇ ମଦିରା ଏବଂ ବେଶ୍ୟାଳୟର ଆଶ୍ରୟ ନେଲା, ଅସହନୀୟ ମାନସିକ ବେଦନାରୁ ନିସ୍ତାର ପାଇଁ। ଏହି ସ୍ଥିତିରେ ଚନ୍ଦ୍ରମୁଖୀ ନାମ୍ନୀ ଗୋଟିଏ ହିତକାରିଣୀ, ସମ୍ବେଦନଶୀଳ ବେଶ୍ୟା ତା' ଜୀବନରେ ପ୍ରବେଶ କଲା ଏବଂ କୁପଥରୁ ତାକୁ ରକ୍ଷା କରିବାକୁ ପତ୍ନୀ ଭାବେ ଗ୍ରହଣ କରିବା ପାଇଁ ନିବେଦନ କଲା। ତେବେ ଏହି ପ୍ରସ୍ତାବ ଦେବଦାସ ପ୍ରତ୍ୟାଖ୍ୟାନ କଲା ପାରୋକୁ ତଥାପି ଭଲ ପାଉଥିବା ଯୋଗୁ। ପରିଶେଷରେ ସାଂଘାତିକ ଭାବେ ରୋଗାକ୍ରାନ୍ତ ହେବାରୁ ମରିବା ଆଗରୁ ପୂର୍ବ ପ୍ରତିଜ୍ଞା ଗୁଣବାନ ପାରୋକୁ ଦେଖିବ ବୋଲି ପାରୋର ଶ୍ୱଶୁର ଘର ଗାଁକୁ ବାହାରିଲା ଏବଂ ପାରୋର ଘର ପାଖରେ ପହଞ୍ଚିଲେ ସୁଦ୍ଧା ତାକୁ ଦେଖି ନ ପାରି ମୃତ୍ୟୁବରଣ କଲା। ଏପରି କି ପାରୋର ବ୍ୟାକୁଳ ଆଗ୍ରହ ସତ୍ତ୍ୱେ ଦେବଦାସକୁ ଶେଷ ଥର ଦେଖିବା ପାଇଁ ତା'ର ଶ୍ୱଶୁର ପକ୍ଷ କୌଣସି ସୁଯୋଗ ପାରୋକୁ ଦେଇ ନ ଥିଲେ। ସେହି ଅତିଶୟ ଥଣ୍ଡା ପାଗରେ ତା'ର ପରିତ୍ୟକ୍ତ ଶବ ଦୟନୀୟ ଭାବେ ରହିଥିଲା। ଏଣୁ ସମସ୍ତଙ୍କ ଘୃଣାର ପାତ୍ର ହୋଇ ମରିବା ଥିଲା ତା' କପାଳ ଲିଖନ।

ଏହି ଜନପ୍ରିୟ ଉପନ୍ୟାସର ବୈଶିଷ୍ଟ୍ୟତା ହେଉଛି: ତ୍ରିକୋଣ ପ୍ରେମ, ପ୍ରେମରେ ବ୍ୟର୍ଥତା,



ମଦିରା, ବେଶ୍ୟାଳୟରେ ଆଶ୍ରୟ ଓ ଅନ୍ତରେ ଅପବାଦିତ, ଶୋଚନୀୟ ମରଣ। ଏହା ଏକ ଢାଞ୍ଚା, ଯାହାକୁ ଅପରିବର୍ତ୍ତିତ ରଖି ବିଭିନ୍ନ ସ୍ରଷ୍ଟା ସ୍ୱକୀୟ ବିବରଣୀ ଦ୍ୱାରା ନୂତନ ସଂସ୍କରଣମାନ ସୃଷ୍ଟି କରିଛନ୍ତି। ଏହି ଉପନ୍ୟାସିକାରେ ପାରୋ ଲୋକପ୍ରିୟତା ସମ୍ପର୍କରେ ଧାରଣା ଜନ୍ମେ ଏବଂ ଏହାର ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ମୁଦ୍ରିତ ହୋଇଛି ଏବଂ ଭାରତ ବାହାରେ ମଧ୍ୟ ଆଦର ରହିଛି। ଯେମିତି ୨୦୧୮ରେ ଚେକ୍ ଭାଷାରେ ଅନୁବାଦ।

ଏହି ବହିଟି ସମ୍ପର୍କରେ କିଛି ତଥ୍ୟ ଉପସ୍ଥାପନ କରାଯାଇପାରେ। ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୯୦୧ରେ 'ଦେବଦାସ' ରଚନା କରିଥିଲେ। କିନ୍ତୁ ଏହାକୁ ତୁରନ୍ତ ପ୍ରକାଶ କରି ନ ଥିଲେ। ପରେ ପରେ ୧୯୦୩ରେ ତାଙ୍କର ପ୍ରଥମ ଉପନ୍ୟାସ 'ମନ୍ଦିର' ମୁକ୍ତିଲାଭ କଲା। ଏହି ବହିଟି ସେ ନିଜ ନାମରେ ନ ଲେଖି ତାଙ୍କ ମାମୁ ସୁରେନ୍ଦ୍ର ନାଥ ଗାଙ୍ଗୁଲିଙ୍କ ନାମରେ ପ୍ରକାଶ କରିଥିଲେ। ପ୍ରଶ୍ନ ଉଠିପାରେ ଦେବଦାସ କ୍ଷେତ୍ରରେ ଏମିତି ବ୍ୟତିକ୍ରମ କାହିଁକି ଦେଖାହେଲା? ତେବେ ଏହି ବିଳମ୍ବ ସମ୍ପର୍କରେ ଔପନ୍ୟାସିକଙ୍କ ଟିପ୍ପଣୀ ହେଉଛି ଯେ, ସେ ସେତେବେଳକୁ ଅପରିପକ୍ୱ ଥିଲେ। ପୁଣି ସେଥିରେ ସନ୍ନିବେଶିତ ଚରିତ୍ରମାନ, ବିଶେଷ ଭାବେ ଦେବଦାସ, ଅତ୍ୟଧିକ ଆବେଗର ବଶବର୍ତ୍ତୀ ହୋଇଥିବାରୁ ସେ ବହିଟି ଅଟକାଇ ରଖିଲେ। ସେ ଆଶଙ୍କା କରୁଥିଲେ ଯେ, ଏମିତି ଏକ ଅଭାବନୀୟ ପ୍ରତିକ୍ରିୟା ପାଠକମହଲରେ ଜାତ ହେବ, ଯେଉଁଥିପାଇଁ ତାଙ୍କୁ ଲଜ୍ଜିତ ହେବାକୁ ପଡ଼ିବ।

ବିଡ଼ମ୍ବନାର ବିଷୟ , ସେ ଯେଉଁ 'ଦେବଦାସ' ପୁସ୍ତକଟି ବଜାରରେ ଉପଲବ୍ଧ ହେବାକୁ ପଛଘୁଞ୍ଚା ଦେଇଥିଲେ, ପାଠକ ମହଲରେ ତାହା ଆଦୃତି ପାଇଲା। 'ଭାରତବର୍ଷ' ପତ୍ରିକାର ପ୍ରକାଶକ ଏବଂ ଶରତ ଚନ୍ଦ୍ରଙ୍କ ସାଙ୍ଗ ପ୍ରମଥନାଥ ଭଟ୍ଟ ପାଣ୍ଡୁଲିପିଟି ପଢ଼ିବା ପରେ ଶରତ ଚନ୍ଦ୍ରଙ୍କୁ ତାଙ୍କ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ କରିବା ସକାଶେ ପ୍ରବର୍ତ୍ତାଇଲେ। ଫଳରେ ୧୯୧୬ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଏହା ପାଠକ ମହଲରେ ପ୍ରବେଶ କଲା। ଏହାର ପ୍ରଭୂତ ଜନପ୍ରିୟତା ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ ଥିଲା। ତା' ପରବର୍ଷ ଏହା ବହି ଆକାରରେ ମୁଦ୍ରିତ ହେଲା।

'ଦେବଦାସ'ରେ ଗୋଟିଏ ଚରିତ୍ର ହେଉଛି 'ପାରୋ' (ପାର୍ବତୀ)। ସେ ହାତିପୋତା ଗ୍ରାମର ଜମିଦାର ଭୁବନ ମୋହନ ଚୌଧୁରୀଙ୍କ ଦ୍ୱିତୀୟ ପତ୍ନୀ, ଯାହାଙ୍କର ପ୍ରଥମ ପତ୍ନୀଠାରୁ ଜନ୍ମିତ ତିନୋଟି ସନ୍ତାନ ଥିଲେ। କଥିତ ଅଛି ଯେ, ଶରତ ଚନ୍ଦ୍ରଙ୍କ ଉପନ୍ୟାସ ପାଇଁ ଖୋରାକ ଯୋଗାଇଥିଲା ଉକ୍ତ ବିବାହିତା ପାରୋ। ଏଥିପାଇଁ ସେ ବହୁବାର ସେଇ ଗ୍ରାମକୁ ଯାଇଥିଲେ। କିନ୍ତୁ ବାସ୍ତବତା ସହ କେବଳ ଏହି ଘଟଣାଟି ସୀମିତ ନ ଥିଲା। ହରିୟାଣାରୁ ପ୍ରଥମ ସାହିତ୍ୟ ଏକାଡେମି ପୁରସ୍କାର ବିଜେତା ବିଷ୍ଣୁ ପ୍ରଭାକର 'ଆୱାରା ମସୀହା' ନାମକ ଗୋଟିଏ ପୁସ୍ତକ ଶରତ ଚନ୍ଦ୍ରଙ୍କ ଜୀବନୀ ସମ୍ପର୍କରେ ଲେଖିଛନ୍ତି। ଏଥିପାଇଁ ସେ ବଙ୍ଗଳା, ବିହାର, ବର୍ମା, ମଧ୍ୟପ୍ରଦେଶର ଜବଲପୁରକୁ ଉଣିଶ ବର୍ଷ ଧରି ଯାତ୍ରା କରିଥିଲେ ତଥ୍ୟ ସଂଗ୍ରହ କରିବାକୁ। ତାଙ୍କ ଅନୁସନ୍ଧାନ ଅନୁସାରେ ଶରତ ଚନ୍ଦ୍ରଙ୍କ କୈଶୋର ଓ ଆଦ୍ୟ ଯୌବନ ଭାଗଲପୁରରେ କଟିଥିଲା। ସେତେବେଳେ ଧୀରୁ ନାମ୍ନୀ ତାଙ୍କର ଗୋଟିଏ ବାଳିକା–ବନ୍ଧୁ ଥିଲା, ଯାହା ଉପନ୍ୟାସରେ ପାରୋ ଭାବେ ବର୍ଣ୍ଣିତ। ତା' ପ୍ରତି ତାଙ୍କର ଆକର୍ଷଣ ମାତ୍ରାତିରିକ୍ତ ଥିଲା। ତାକୁ ଦେଖିବା ପାଇଁ ତା' ଶ୍ୱଶୁର ଘର ଗାଁକୁ ଯାଇ ଦୀର୍ଘ ସମୟ ଅପେକ୍ଷା କରୁଥିଲେ। ଭାଗଲପୁର ଜିଲା (ସଂପ୍ରତି)ର ଜୋଗସର ଜନପଦରେ ରହୁଥିବା କାଳୀଦାସୀ ଉପନ୍ୟାସରେ ଚନ୍ଦ୍ରମୁଖୀ ଭାବେ ଅବତୀର୍ଣ୍ଣ ହୋଇଛି। ପ୍ରକାଶଥାଉ କି, ଆଠ ବର୍ଷ ବୟସରେ ଶରତ ଚନ୍ଦ୍ର ଭାଗଲପୁରସ୍ଥିତ ମାମୁ ଘରକୁ ଆସି ସେଠାରେ ଦୀର୍ଘ ପଚିଶ ବର୍ଷ କଟାଇଥିଲେ।

ଏହି ଦୃଷ୍ଟିରୁ 'ଦେବଦାସ' ସମ୍ପୂର୍ଣ୍ଣ ଭାବେ ଆତ୍ମଜୀବନୀମୂଳକ ଉପନ୍ୟାସ ନ ହେଲେ ସୁଦ୍ଧା, ଏହା ଅର୍ଦ୍ଧ–ଆତ୍ମଜୀବନୀ ସମ୍ବଳିତ ବୋଲି କୁହାଯାଇ ପାରିବ। ଏହି ଧାରାରେ ଅବଶ୍ୟ ଅନେକ ବିଶ୍ୱପ୍ରସିଦ୍ଧ କାହାଣୀ ରଚିତ ହୋଇଛି। ଏଥିରେ ବାସ୍ତବ ଜୀବନର ନାମଗୁଡ଼ିକୁ ପରିବର୍ତ୍ତନ କରି, କିଛି ଘଟଣାକୁ କଳ୍ପନା ମାଧ୍ୟମରେ ରଙ୍ଗିନ ଓ ବଳିଷ୍ଠ କରି ଉପସ୍ଥାପନ କରାଯାଇଥାଏ।

ତେବେ ଏମିତି କ୍ଷେତ୍ରରେ ଯେଉଁମାନେ ଲେଖନୀ ଚାଳନା କରନ୍ତି, ସେମାନେ ତ ଉପନ୍ୟାସଟିଏ ଜନସମାଜକୁ ଭେଟି ଦେଇଥାନ୍ତି। କିନ୍ତୁ ତତ୍ ସହ ନିଜ ଅଜ୍ଞାତସାରରେ ସୃଷ୍ଟି କରିଥାନ୍ତି ପ୍ରକୃତ ଜୀବନରୁ ସମ୍ଭୂତ ଗୋଟିଏ ଭସ୍ମାସୁର। ଯେତେ ଲୁଚାଇଲେ ମଧ ଗୋଡ଼ ଦି'ଟା ଲୁଚି ନ ଥାଏ। ଏହାର ଝଲକ ଲୋକେ ଦେଖିପାରନ୍ତି।

ପୁରାଣରେ ଶିବ ନିଜ ବର ଦ୍ୱାରା ଯେଉଁ ଭସ୍ମାସୁର ସୃଷ୍ଟି କଲେ, ସେ ତାଙ୍କୁ ଭସ୍ମ କରିବାକୁ ଗୋଡ଼ାଇ ଥିଲା ଓ ଶିବ ଧାଇଁ ଧାଇଁ ପ୍ରାଣରକ୍ଷା ପାଇଁ ଅଣନିଃଶ୍ୱାସୀ ହୋଇଯାଇଥିଲେ। କିନ୍ତୁ ଲେଖକଙ୍କ ଦ୍ୱାରା ସମ୍ଭୂତ ଭସ୍ମାସୁରଟି କେବଳ ପଛପଟୁ ଗୋଡ଼ାଇବ ବୋଲି ନିଶ୍ଚିତ ନୁହେଁ, ସେ ଯେଉଁ କୌଣସି ପଟରୁ, ଏପରି କି ଅଦୃଶ୍ୟ ବାୟୁମଣ୍ଡଳରୁ, ଅତର୍କିତ ଭାବେ ଲେଖକ ସାମନାରେ ଆବିର୍ଭୂତ ହୋଇ ତା' ମନରେ ଭୟ ଜାତ କରେ। ହୁଏତ ବିଚରା ଲେଖକଟି ପଳାୟନ ପରି କର୍ମରେ ଲିପ୍ତ ହୋଇ ନ ଥାଏ, ତା' ଶରୀର ଅବଶ ହୋଇ ନ ପାରେ। କିନ୍ତୁ ଘର ଭିତରେ ବସି ରହିଥିଲେ ମଧ ତା'ର ହୃତ୍‌ସ୍ପନ୍ଦନ ତୀବ୍ର ହୁଏ। ସେ ସେତେବେଳେ ଅନୁଶୋଚନା କରେ; ମୁଁ କାହିଁକି ଗୋଟିଏ ଆତ୍ମ–ଜୀବନୀମୂଳକ ଉପନ୍ୟାସ ଲେଖିଲି।

ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ
ବ୍ରହ୍ମପୁର, ମୋ: ୯୦୭୮୭୪୩୮୪୩

# ଗୃହଶତ୍ରୁ



ଲଳିତେନ୍ଦୁ ପଲାଉରୀ

ଇରାନର ଦକ୍ଷିଣ ପାର୍ଶ୍ୱ ଏବଂ ଆଫଗାନିସ୍ତାନର ଉତ୍ତର ପଶ୍ଚିମ ଭାଗରେ ଅବସ୍ଥିତ ପାକିସ୍ତାନର ସବୁଠୁ ବଡ଼ ପ୍ରଦେଶ ହେଉଛି ବେଲୁଚିସ୍ତାନ। ପାକିସ୍ତାନର ୪୪ ପ୍ରତିଶତ ଅଞ୍ଚଳ ପରିମିତ ବେଲୁଚିସ୍ତାନ ସୁନ୍ନି ମୁସଲମାନ ଓ ଆଦିବାସୀବହୁଳ। ବେଲୁଚିସ୍ତାନକୁ ଏକ ସ୍ୱତନ୍ତ୍ର ଦେଶ କରିବାକୁ ୧୯୪୭ ମସିହାରୁ ବେଲୁଚିବାସୀ ସଂଗ୍ରାମ କରୁଛନ୍ତି। ପାକିସ୍ତାନ ଏହି ଆନ୍ଦୋଳନକୁ ଭଣ୍ଡୁର କରିଚାଲିଛି। ଏହା ସହ ବେଲୁଚିସ୍ତାନରେ ପାକିସ୍ତାନ ସେନା ଓ ପୋଲିସର ଶୋଷଣ, ଦମନଲୀଳା, ମାନବାଧିକାର ଉଲ୍ଲଂଘନ ଜାରି ରହିଛି। ତେଣୁ ପାକିସ୍ତାନ ଭିତରେ ଥାଇ ମଧ୍ୟ ବେଲୁଚିବାସୀଙ୍କ ମନୋଭାବ ପାକିସ୍ତାନ ପ୍ରତି କଠୋର ରହିଆସିଛି। ପାକିସ୍ତାନ ଉପରେ ପ୍ରତିଶୋଧ ପାଇଁ ଏମାନେ ପାକିସ୍ତାନ ନେତା, ଆର୍ମି, ପୋଲିସ ଓ ଅଧିକାରୀଙ୍କ ଉପରେ ଆତ୍ମଘାତୀ ଆକ୍ରମଣ କରୁଛନ୍ତି। ଭାରତ ବିରୋଧରେ ପାକିସ୍ତାନର ପ୍ରାୟୋଜିତ ଆତଙ୍କବାଦକୁ ବିରୋଧ କରି ବେଲୁଚିବାସୀ ଭାରତକୁ ସମର୍ଥନ ଜଣାଇଛନ୍ତି। ପାକିସ୍ତାନ ତୁରନ୍ତ ପାକ୍ ଅଧିକୃତ କଶ୍ମୀର ଖାଲି କରୁ ଏନେଇ ଏମାନେ ଭାରତ ସହ ସ୍ୱର ମିଳାଇଛନ୍ତି। ସ୍ୱତନ୍ତ୍ର ବେଲୁଚିସ୍ତାନ ଗଠନ ପାଇଁ ଦୀର୍ଘ ବର୍ଷର ସଂଘର୍ଷ ସହ ଚଳିତ ବର୍ଷ ମେ ୯ରେ ବେଲୁଚିସ୍ତାନ ମୁକ୍ତିସେନା ବେଲୁଚିସ୍ତାନକୁ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିଛି। ଯଦିଓ ଏହାକୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିନି କିନ୍ତୁ ଆଗକୁ ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସହ ଭାରତ ସମେତ ଜାତିସଂଘ ଓ ପାକିସ୍ତାନ ବିରୋଧୀ ରାଷ୍ଟ୍ରକୁ ସମର୍ଥନ ମାଗିଛନ୍ତି। ନୂଆଦିଲ୍ଲୀରେ ବେଲୁଚିସ୍ତାନର ଦୂତାବାସ ଖୋଲିବା ପାଇଁ ଅନୁରୋଧ କରିଛି ବେଲୁଚି ଲିବରେଶନ ଆର୍ମି (ବିଏଲ୍‌ଏ)।

ପାକିସ୍ତାନ ୧୯୪୭ରୁ ବେଲୁଚିସ୍ତାନବାସୀଙ୍କ ସହ ଶଠତା କରିଛି। ୧୯୭୧ ଭାରତ–ପାକିସ୍ତାନ ଯୁଦ୍ଧ ଓ ବାଂଲାଦେଶ ଗଠନ ପରେ ଏମାନେ ମଧ୍ୟ ସେହି ମିଶନକୁ ଜୋରଦାର କରିଛନ୍ତି। ଏବେ ପାକିସ୍ତାନ ପାଇଁ ଭସ୍ମାସୁର ପାଲଟିଛନ୍ତି ବେଲୁଚିସ୍ତାନ ନିବାସୀ। ବେଲୁଚିସ୍ତାନ ପ୍ରାକୃତିକ ସମ୍ପଦ ଓ ଖଣିଜ ସମ୍ପଦରେ ଭରପୂର। ପାକିସ୍ତାନର ଅର୍ଥନୀତି ପାଇଁ ବେଲୁଚିସ୍ତାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପାକିସ୍ତାନ ଜାଣିଶୁଣି ଏହି ପ୍ରଦେଶକୁ ଅବହେଳିତ କରିରଖିଛି। ପାକିସ୍ତାନର ଅନ୍ୟ ୩ ପ୍ରଦେଶ ପଞ୍ଜାବ, ସିନ୍ଧ, ଖାଇବର ପଖତୁନଖ୍ୱା ପାକିସ୍ତାନ ଜାତୀୟ ରାଜନୀତିରେ ଗୁରୁତ୍ୱ ବହନ କରୁଥିବା ବେଳେ ବେଲୁଚିସ୍ତାନର ପ୍ରତିନିଧିତ୍ୱ ନଗଣ୍ୟ ରହିଛି। ଛୋଟ ପ୍ରଦେଶ ପଞ୍ଜାବ ପାକିସ୍ତାନ ରାଜନୀତିରେ ସର୍ବାଗ୍ରେ ରହିଛି। ପାକିସ୍ତାନର ପଞ୍ଜାବ ପ୍ରଦେଶରୁ ହିଁ ସର୍ବାଧିକ ରାଜନେତା ଏବଂ ସେନା ପ୍ରମୁଖ ପାକିସ୍ତାନକୁ ନିୟନ୍ତ୍ରଣ କରିଆସୁଛନ୍ତି। ଯାହାକି ବେଲୁଚିସ୍ତାନବାସୀଙ୍କୁ ଅସହ୍ୟ ହେଉଛି। ବେଲୁଚି ନେତା ତଥା ଲେଖକ ମୀର ୟାର ବଲୁଚ ବେଲୁଚିସ୍ତାନକୁ ସ୍ୱାଧୀନ ରାଷ୍ଟ୍ରଭାବେ ସ୍ୱୀକୃତି ଦେବାକୁ ବିଶ୍ୱବାସୀଙ୍କୁ ଅନୁରୋଧ କରିଛନ୍ତି। ବେଲୁଚିସ୍ତାନର ସ୍ୱତନ୍ତ୍ର ଜାତୀୟ ପତାକା ଓ ଏହାର ଭୌଗୋଳିକ ମ୍ୟାପ ଜାରି ହୋଇଛି। ମୀର ୟାର ବଲୁଚ କହିଛନ୍ତି ଆମକୁ ଆଉ କେହି ଅଟକାଇ ପାରିବେ ନାହିଁ।




ଏବେ ବିଶ୍ୱ ଚୁପ ନ ରହୁ। ବେଲୁଚିସ୍ତାନ ନାଗରିକଙ୍କୁ ପାକିସ୍ତାନୀ ନାଗରିକ କହିବା ବନ୍ଦ କରାଯାଉ। ବେଲୁଚିସ୍ତାନକୁ ଶାନ୍ତି ସେନା ପଠାଇବା ଲାଗି ଜାତିସଂଘ ପାଖରେ ଦାବି ରଖିଛନ୍ତି ବେଲୁଚିବାସୀ। ଏହା ସହ ପାକିସ୍ତାନୀ ସେନା ବେଲୁଚିସ୍ତାନ ଛାଡିବାକୁ ବିଏଲ୍‌ଏ ଚରମବାଣୀ ଶୁଣାଇଛି।

ବିଏଲ୍‌ଏ ବେଲୁଚିସ୍ତାନର ୬ଟି ଅଞ୍ଚଳକୁ ନିଜ ଦଖଲକୁ ନେଇଥିବା ଦାବି କରିଛି। ଏହା ସହ ବେଲୁଚିସ୍ତାନ ଛାଡ଼ି ଚାଲିଯାଅ ବୋଲି ଚାଇନାର ଯନ୍ତ୍ରୀ ଓ ପାକିସ୍ତାନ ସେନାକୁ ଚେତାବନୀ ଦେଇଛି। କିଛିଦିନ ପୂର୍ବେ ବିଏଲ୍‌ଏ ପାକିସ୍ତାନରେ ଟ୍ରେନ୍ ଅପହରଣଠାରୁ ଆରମ୍ଭ କରି ପାକିସ୍ତାନ ସେନା ଉପରେ ଆକ୍ରମଣ ଜାରିରଖିଛି। ପାକିସ୍ତାନର ୫୧ଟି ସ୍ଥାନରେ ୭୧ରୁ ଅଧିକ ଆକ୍ରମଣ କରିଥିଲା ବିଏଲ୍‌ଏ। ପାକିସ୍ତାନ ଅର୍ଦ୍ଧ ସାମରିକ ବାହିନୀ କେନ୍ଦ୍ର, ପୋଲିସ ଷ୍ଟେଶନ, ଖଣିଜ ପରିବହନ ମାର୍ଗ, ଜାତୀୟ ରାଜପଥକୁ ବିଏଲ୍‌ଏ ଟାର୍ଗେଟ୍ କରୁଛି। ଜାଣିଶୁଣି ପାକିସ୍ତାନ ଏହି ଅଞ୍ଚଳକୁ ଅଣବିକଶିତ କରି ରଖିଛି। ବେଲୁଚିବାସୀ ମଧ୍ୟ ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ ଆଲୋଚନା ଚାହୁଁନାହାନ୍ତି। ସେମାନଙ୍କର ଗୋଟିଏ ଉଦ୍ଦେଶ୍ୟ ରହିଛି ସ୍ୱତନ୍ତ୍ର ବେଲୁଚିସ୍ତାନ ଦେଶ। ଏହା ସହ ବେଲୁଚିସ୍ତାନର ସ୍ୱତନ୍ତ୍ର ମୁଦ୍ରା, ସରକାରୀ ପ୍ରତିଷ୍ଠାନ ପାଇଁ ସେମାନେ ଜାତିସଂଘକୁ ସହାୟତା ମାଗିଛନ୍ତି।

ବେଲୁଚିସ୍ତାନରେ ପାକିସ୍ତାନ ସେନା ଓ ପୋଲିସର ବର୍ବରତା ବିରୋଧରେ ଅନ୍ତର୍ଜାତୀୟ ହସ୍ତକ୍ଷେପ ଦାବି କରିଆସୁଛି ବିଏଲ୍‌ଏ। ପାକିସ୍ତାନ ବିରୋଧରେ ସେମାନଙ୍କ ଆକ୍ରମଣ ଓ ମିଶନକୁ ବିଏଲ୍‌ଏ ଅପରେଶନ ହେରୋଫର ନାଁ ଦେଇଛି। କେବଳ ସେତିକି ନୁହେଁ ଚାଇନା–ପାକିସ୍ତାନ ଅର୍ଥନୈତିକ କରିଡର, ୱାନ ବେଲ୍ଟ ୱାନ ରୋଡ ପରିଯୋଜନାରେ ଚାଇନାର ଜନ୍ତାରେ ଫସିଥିବା ପାକିସ୍ତାନ ଓ ଏହି ଅଞ୍ଚଳରେ ବିକାଶ ନାଁରେ ଦମନଲୀଳାରେ ସାମିଲ ଥିବା ଚାଇନା ସେନା ମଧ୍ୟ ବିଏଲ୍‌ଏ ଟାର୍ଗେଟ୍‌ରେ ରହିଛି। ବେଲୁଚିସ୍ତାନର ଚାଇନା ନିୟୋଜିତ କରିଥିବା ଯନ୍ତ୍ରୀମାନଙ୍କୁ ବେଲୁଚି ଲିବରେଶନ ଆର୍ମି ଖୋଜିଖୋଜି ହତ୍ୟା କରୁଛି। କାରଣ ଭିତ୍ତିଭୂମି ବିକାଶ ନାଁରେ ପାକିସ୍ତାନ ଚାଇନାକୁ ବେଲୁଚିସ୍ତାନ ଭିତରେ ପୂରାଇ ବେଲୁଚିମାନଙ୍କ ଦୀର୍ଘଦିନର ଦାବିକୁ ପାଣିଚିଆ କରିବାକୁ ଚେଷ୍ଟା କରୁଛି। କିନ୍ତୁ ଏସବୁକୁ ଖାତିର ନ କରି ବେଲୁଚିବାସୀ ଉଭୟ ପାକିସ୍ତାନ ଓ ଚାଇନାକୁ କଡ଼ା ଜବାବ ଦେଉଛନ୍ତି। ତେବେ ବିଶ୍ୱ ଦରବାରରେ ପାକିସ୍ତାନ ନିଜର ବଦନାମ୍‌କୁ ଲୁଚାଇବାକୁ ବେଲୁଚି ଆନ୍ଦୋଳନକୁ ଭାରତ ଦ୍ୱାରା ପ୍ରାୟୋଜିତ ବୋଲି କହିଆସୁଛି। କିନ୍ତୁ ପ୍ରକୃତ ପକ୍ଷେ ଆତଙ୍କବାଦୀଙ୍କୁ ପାଳିପୋଷି ଭାରତକୁ ପ୍ରରଣ କରୁଥିବା ପାକିସ୍ତାନ ପାଇଁ ବେଲୁଚିସ୍ତାନ ଏବେ ଗୃହଶତ୍ରୁ ପାଲଟିଛି ।

ବାଲିପନ୍ତାଳ,ନଗର, ଅସ୍ତରଙ୍ଗ, ପୁରୀ
ମୋ:୯୭୭୮୬୯୭୦୩୬

## ଏଇ ଭାରତରେ

ପ୍ରଥମେ ୧୦ଟି ଗାଈ ରଖି ତାଙ୍କ ଡାଏରି ବ୍ୟବସାୟରେ ସଫଳ ହୋଇପାରିଛନ୍ତି ଗୋଆ ଇବ୍ରାହମପୁରର ଅମିତା ନାୟକ। ଏ କ୍ଷେତ୍ରରେ ଅମିତାଙ୍କ ସ୍ୱାମୀ ତାଙ୍କୁ ସହଯୋଗ କରୁଛନ୍ତି। ଅମିତା ପ୍ରଥମେ ଫୁଲ ଚାଷ କରିଥିଲେ। କିନ୍ତୁ ସେଥିରେ ବିଫଳ ହେବାରୁ ୨୦୧୭ରେ ଗୋପାଳନ ଆରମ୍ଭ କରିଥିଲେ ଏବଂ ସ୍ଥାନୀୟ ଅଞ୍ଚଳରେ କ୍ଷୀର ବିକ୍ରି କରିବା ସହ ବଳକା କ୍ଷୀରକୁ ଗୋଆ ଡାଏରିକୁ ଦେଉଥିଲେ। ପରେ ଅମିତା ଲୁପିନ୍ ଫାଉଣ୍ଡେଶନରୁ ପ୍ରଶିକ୍ଷଣ ନେଇ ପନିର, ଘିଅ, ଲସି ପ୍ରସ୍ତୁତ କଲେ ଏବଂ ତାହାକୁ ପ୍ୟାକେଜିଂ କରି ବଜାରରେ ବିକ୍ରି କରିବା ପାଇଁ ବିଭିନ୍ନ ବିଭାଗ ସହ ପଞ୍ଚାୟତ ଓ ଫୁଡ୍ସ ଆଣ୍ଡ ଡ୍ରଗ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଡିଏ)ର ଅନୁମତି ହାସଲ କରିବା ପରେ ୨୦୨୩ରେ ବିଜନେସ୍ ବଢ଼ାଇଥିଲେ। ଏବେ ଗାଈ ସଂଖ୍ୟା ୨୦ରେ ପହଞ୍ଚିଛି। ଦିନକୁ ୧୫୦ ଲିଟର କ୍ଷୀର ଉତ୍ପାଦନ ହେଉଛି। ଏହା ସହ ସେଥିରୁ ଲସି ଓ ଦହି ତିଆରି କରି ଦୈନିକ ଏହି ଉତ୍ପାଦରୁ ୧୦୦୦ ଲିଟର ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ, ଅମିତା ଜିଆଖତ ପ୍ରସ୍ତୁତ କରି ମାସକୁ ୧୫,୦୦୦ ଆୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଜୁନ୍ ୧୯୭୬

- ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ପୁରୀଠାରେ ଜଗନ୍ନାଥ ଏକ୍ସପ୍ରେସ୍ ନାମକ ନୂତନ ରେଳଗାଡ଼ି ଚଳାଚଳ ଉଦ୍‌ଘାଟନ କରିଛନ୍ତି।
- ବିହାରରେ ପ୍ରବାହିତ ହେଉଥିବା ପ୍ରଚଣ୍ଡ ତାପ ପ୍ରବାହ ଫଳରେ ୩୧ ଜଣଙ୍କ ମୃତ୍ୟୁ।
- ଭାରତ ଓ ଆଲ୍‌ଜେରିଆ ମଧ୍ୟରେ ଅଧିକ ଘନିଷ୍ଠ ସହଯୋଗ ପାଇଁ ଏକ ସାଂସ୍କୃତିକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ବିରାଟ ଯେ ଆତ୍ମା ଏହି
ପାଷାଣେ ନିହିତ
ଉଦ୍ଦେଶ୍ୟେ ତାହାର ଆଜି
ନମ୍ର ମୋର ଚିତ୍ତ।
–(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | 7 | 5 | | |
| | 1 | | | | | | 4 | |
| | | 5 | 2 | | | | | |
| | 9 | | | | 8 | 2 | | 1 |
| | | | | 9 | | | | |
| | | 8 | | 2 | 6 | 7 | | |
| | 3 | | 7 | | 5 | | | |
| 5 | | 1 | | 4 | | 8 | | |
| | | 4 | | | | 3 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 6 | 7 | 5 | 3 | 2 | 4 | 9 |
| 4 | 5 | 9 | 2 | 6 | 8 | 1 | 7 | 3 |
| 7 | 2 | 3 | 1 | 4 | 9 | 5 | 6 | 8 |
| 3 | 4 | 7 | 5 | 1 | 2 | 8 | 9 | 6 |
| 5 | 1 | 8 | 9 | 7 | 6 | 3 | 2 | 4 |
| 6 | 9 | 2 | 8 | 3 | 4 | 7 | 5 | 1 |
| 2 | 6 | 4 | 3 | 8 | 7 | 9 | 1 | 5 |
| 9 | 3 | 5 | 6 | 2 | 1 | 4 | 8 | 7 |
| 8 | 7 | 1 | 4 | 9 | 5 | 6 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁ ଉଦ୍ୟାନ ଅବହେଳିତ

ମହାଶୟ,

ଓଡ଼ିଶା ରାଜ୍ୟର ଏକାଧିକ ସହରାଞ୍ଚଳ ମଧ୍ୟସ୍ଥଳରେ ଥିବା ନୂତନ ଓ ପୁରାତନ ଶିଶୁ ଉଦ୍ୟାନ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ସହିତ ଅବହେଳିତ ଓ ପ୍ରହେଳିକାରେ କ୍ଷତବିକ୍ଷତରେ ଦଣ୍ଡାୟମାନ। ସତେ ଯେମିତି ଦାୟିତ୍ୱହୀନତାର ଗତିଶୀଳ। ସୁତରାଂ ଜନସାଧାରଣଙ୍କ ମୁଖ୍ୟ ଆଲୋଚ୍ୟ ଓ ସମାଲୋଚନା ଉପରୋକ୍ତ ଶିଶୁ ଉଦ୍ୟାନ କାହା ପାଇଁ? କେଉଁଥି ପାଇଁ? ଶିଶୁ ଓ ବାଲ୍ୟଶିଶୁଙ୍କ ଉଦ୍ୟାନ ଏବଂ ଏକାଧିକ ପରିଦର୍ଶନ, ପର୍ଯ୍ୟଟକ ପାର୍କଗୁଡ଼ିକର ସୌନ୍ଦର୍ଯ୍ୟ ହାନି ସହିତ ନିମ୍ନତା ଦେଖିବାକୁ ମିଳିଲାଣି। ଛୁଟି ସମୟକୁ ଉପଭୋଗ ଓ ପାର୍କ ପରିଦର୍ଶନ ସହିତ ଚିତ୍ତବିନୋଦନ ଗୌରବମୟ ସ୍ଥଳ କେବଳ ମୂକସାକ୍ଷୀ ସଦୃଶ ସମାନ। ବିଭିନ୍ନ ଶିଶୁ ଉଦ୍ୟାନ ଏବଂ ମନୋରଞ୍ଜନର ଗୌରବ ଗରିମାଲୁପ୍ତ। ଏଣୁ ରାଜ୍ୟ ସରକାର ଓ ପ୍ରଶାସନିକ ସ୍ତରରେ ରାଜ୍ୟର ସମସ୍ତ ଶିଶୁ ଉଦ୍ୟାନ ଓ ପାର୍କଗୁଡ଼ିକର ନବୀକରଣ ସହିତ ଉପଯୁକ୍ତ ପଦକ୍ଷେପ ନିଆଗଲେ ଜନତାଙ୍କ ଆଲୋଚନା ସମାଲୋଚନା ଫିକା ପଡିଯିବ। ରାଜ୍ୟ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଶେଷ ଅନୁରୋଧ।

–ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

## ଚିହ୍ନଟ ହେବା ସତ୍ତ୍ୱେ ମିଳୁନି ଆବାସ କାର୍ଯ୍ୟାଦେଶ



କୋରାପୁଟ,୨।୬(ଅମିତାଭ ବେହେରା)

କୋରାପୁଟ ବ୍ଲକ୍ ଦେବୀଘାଟ ପଞ୍ଚାୟତ ଧଉଡ଼ା ପଦର ଗ୍ରାମର କେତେକ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ଚିହ୍ନଟ ହେବା ସତ୍ତ୍ୱେ କାର୍ଯ୍ୟାଦେଶ ମିଳୁ ନ ଥିବାରୁ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଶୁଣାଣିରେ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। କୋରାପୁଟ ବ୍ଲକ ଧଉଡ଼ାପଦର ଗ୍ରାମର ବିମଳା ପାଙ୍ଗୀ, ପ୍ରଭାକର ଜାନି, ହରି ଟାକ୍ରୀ, କୁମୁଦିନୀ ଟାକ୍ରୀ, ତୁଳସୀ ଖୋସଲା, କୁମେଶ୍ୱରୀ ଖୋସଲା ଓ ଶୁକଲ ଦେଇ ଟାକ୍ରୀ ପ୍ରମୁଖ ଦୀର୍ଘ ବର୍ଷ ହେବ ପିଏମ୍ ଆବାସ ଓ ବିଜୁ ପକା ଘର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ରହୁଥିବା ଜମି ପ୍ରମାଣପତ୍ର ନ ଥିବାରୁ କାର୍ଯ୍ୟାଦେଶ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି।

# ମତୁଆ ଧର୍ମ, ରୀତିନୀତିକୁ ବିରୋଧ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ମାଲକାନଗିରି, ୨।୬(ଦୁର୍ଯ୍ୟୋଧନ ପାତ୍ର)

ମତୁଆ ଧର୍ମ, ରୀତିନୀତିକୁ କେତେଜଣ ବ୍ୟକ୍ତି ବିରୋଧ କରିଥିବାରୁ ସେମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଭିନ୍ନ ସାମାଜିକ ସଂଗଠନ ଦାବି କରିଛନ୍ତି। ପ୍ରକାଶଯେ, କାଳିମେଳାର ନନିଗୋପାଳ ବିଶ୍ୱାସଙ୍କର ୧୬।୫।୨୫ରେ ମୃତ୍ୟୁ ହୋଇଥିଲା। ତାଙ୍କ ତିରୋଧାନ ପରେ ପରିବାରବର୍ଗ ଦୀକ୍ଷିତ ହୋଇଥିବା ମତୁଆ ଧର୍ମାନୁଯାୟୀ କ୍ରିୟାକର୍ମ ୩୦।୫।୨୫ରେ ଶ୍ରଦ୍ଧାଞ୍ଜଳି ଭୋଜି ଆୟୋଜନ କରିଥିଲେ। ସେହି ସମୟରେ ଏମ୍‌ପିଭି. ୧୨, କାଳିମେଳା ନିବାସୀ ଉତ୍ତମ ଓଝା ନାମକ ବ୍ୟକ୍ତି ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେଇ ଭୋଜିସ୍ଥଳକୁ ଯାଇ ଜବରଦସ୍ତି ଜିନିଷପତ୍ର ଫିଙ୍ଗା ଫୋପଡ଼ାକରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ ଅନିମେଶ ମଣ୍ଡଳ ଓ ମତୁଆ ଚାର୍ଯ୍ୟ ରବୀନ୍ଦ୍ରନାଥ ବିଶ୍ୱାସଙ୍କୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ସାମ୍ବିଧାନିକ ଅଧିକାରକୁ ହତ୍ୟାକରି ଆଇନକୁ ହାତକୁ ନେଇଥିବା ଉତ୍ତମ ଓ ଅନ୍ୟ ସହଯୋଗୀଙ୍କ ପ୍ରତି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ସାମାଜିକ ସଂଗଠନ ଦାବି କରିଛନ୍ତି। ଏଥିରେ ଭାରତୀୟ ମତୁଆ ଚାର୍ଯ୍ୟ ରବୀନ୍ଦ୍ରନାଥ ବିଶ୍ୱାସ, ସାରଥି ବିଶ୍ୱାସ, ଗୁରୁଚାନ୍ଦ ଆମ୍ବେଦକର ଚେତନା ମଞ୍ଚ ସଭାପତି ଲକ୍ଷ୍ମଣ ଚନ୍ଦ୍ର ଘରାମୀ, ଆଦିବାସୀ ନେତା ଘନଶ୍ୟାମ ମାଡକାମି, ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଜାରାଶବର ମାଢି, ମୁଖ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳ, ସଂଗଠନ ସମ୍ପାଦକ ଡମ୍ବରୁ ବାଘ, ରାଜରାୟ ମଣ୍ଡଳ ଓ ଶିଶିର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ମତୁଆ ସମାଜ କର୍ମକର୍ତ୍ତା ।

# ଗ୍ରୀଷ୍ମକାଳୀନ ଓଡ଼ିଶୀ ନୃତ୍ୟ କର୍ମଶାଳା




ପିଲାଙ୍କୁ ଓଡିଶୀ ପ୍ରଶିକ୍ଷଣ ଦିଆଯାଉଛି ।

ମାଲକାନଗିରି,୨।୬(ଦୁର୍ଯ୍ୟୋଧନ ପାତ୍ର)

ବାଣିଶ୍ରୀ କଳାନିକେତନର ଗ୍ରୀଷ୍ମକାଳୀନ ଓଡ଼ିଶୀ ନୃତ୍ୟ କର୍ମଶାଳା କରାଯାଉଛି। ଜୁନ୍ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଓ ବାଲିମେଳାଠାରେ ଆରମ୍ଭ ହେଉଛି। ପିଲାମାନଙ୍କୁ ନୃତ୍ୟ ଶିକ୍ଷା ଦେବା ନିମନ୍ତେ ଭୁବନେଶ୍ୱରର ନୃତ୍ୟ ଅନୁଷ୍ଠାନ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଗୁରୁ ବିନାୟକ ସାମପ ଉପସ୍ଥିତ ରହି ବାଣିଶ୍ରୀ କଳାନିକେତନ ଗୁରୁ ଜ୍ଞାନଦେବ ସାହୁଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳାରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ନୃତ୍ୟ ଶିଳ୍ପୀମାନେ କିପରି ଓଡିଶାର ଶାସ୍ତ୍ରୀୟ ନୃତ୍ୟକୁ ଜାଣିବେ। ଏହି ନୃତ୍ୟ ଉପରେ ପିଲାମାନଙ୍କର କିପରି ରୁଚି ଅଧିକ ରହିବ ଓ ରାଜ୍ୟ ଓ ବାହାରେ ନିଜର କଳା ପ୍ରଦର୍ଶନ କରାଯିବ। ପୂର୍ବରୁ ମଧ୍ୟ ମାଲକାନଗିରି ଜିଲାର ବହୁ ଛାତ୍ରୀଛାତ୍ର ବାଣୀଶ୍ରୀ କଳା ନିକେତନରେ ଓଡିଶୀ ନୃତ୍ୟ ଶିକ୍ଷା ଗ୍ରହଣକରି ଜିଲା ରାଜ୍ୟରେ କଳା ପ୍ରଦର୍ଶନ କରି ସୁନାମ ଅର୍ଜନ କରିଛନ୍ତି ।

# ପାଣିକୁଣ୍ଡରେ ପଡ଼ି ଶିଶୁ ମୃତ

ଗୋବିନ୍ଦପାଲି,୨।୬(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ଅଣ୍ଡରହଲ ପଞ୍ଚାୟତ କାଡାମୀଗୁଡ଼ା ଗାଁ ନିକଟ ଏକ ଝୁଆକୁ ଗାଧେଇବାକୁ ଯାଇ ସେଠାରେ ଥିବା ପାଣି କୁଣ୍ଡରେ ପଡି ୩ ବର୍ଷର ଶିଶୁ ସନ୍ତୋଷ ଚାଲାଣ ସୋମବାର ପ୍ରାଣ ହରାଇଛି। ପାଣି ଭିତରକୁ ଅନ୍ୟ ପିଲାମାନେ ନିୟମିତ ଯାଇ ସ୍ନାନ କରୁଥିବା ସନ୍ତୋଷ ଦେଖୁଥିଲା। ପ୍ରବଳ ଖରା ଯୋଗୁ ଗାଧେଇବାକୁ ଯାଇ କୁଣ୍ଡ ଭିତରେ ଖସି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଡାକ୍ତରୀ ଟିମ୍ ସହିତ ସ୍ଥାନୀୟ ମୁଦୁଲିପଡ଼ା ପୋଲିସ ପହଞ୍ଚିଛି।

# ଜିଲା ଦକ୍ଷତା ବିକାଶ, ନିଯୋଜନ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୨।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଦକ୍ଷତା ବିକାଶ ତଥା କର୍ମନିଯୋଜନ ଅଧିକାରୀ ମନସ୍ୱୀ ସେଠୀଙ୍କୁ ପ୍ରଶାସନ ତରଫରୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ଆଓମା ଗୁରୁକୁଳରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଉପେନ୍ଦ୍ର ଦୀପ, ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ଆଇପିଓ ଶୁଭଶ୍ରୀ ଦଣ୍ଡପାଟ, ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ଅବସରପ୍ରାପ୍ତ ତହସିଲଦାର ଶଶାଙ୍କ ମିଶ୍ର, ସାମାଜିକ କର୍ମୀ ବିକ୍ରମ ପାଢ଼ୀ ଓ ବିନାଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମନସ୍ୱୀ ସେଠୀ ଜିଲାର ବିକାଶ ଏବଂ ଯୁବ ସମାଜ କିପରି କର୍ମକ୍ଷେତ୍ରରେ ନିୟୋଜିତ ହୋଇପାରିବେ ତାଙ୍କ ପ୍ରଚେଷ୍ଟାକୁ ଅଧିକାରୀମାନେ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା ।



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଜୟପୁର,୨।୬(ପବନ ପାଣିଗ୍ରାହୀ)

ଜୟପୁର ଆରଏମ୍‌ସି ଅଫିସ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତକ ହେଲେ କଳାହାଣ୍ଡିର ଗୋବିନ୍ଦ ପାଣିଗ୍ରାହୀ। ସୂଚନା ଅନୁଯାୟୀ, ଗୋବିନ୍ଦ ଜୟପୁରରୁ ନବରଙ୍ଗପୁର ଅଭିମୁଖେ ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ସହ ଧକ୍କା ହୋଇଥିଲେ। ଉଭୟ ବାଇକ୍ ଓ କାର ରାସ୍ତାକଡକୁ ଖସିଯିବାରୁ ଗୋବିନ୍ଦ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। କାରରେ ଥିବା ଲୋକଙ୍କ ଅବସ୍ଥା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନ ଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଗୋବିନ୍ଦ ନବରଙ୍ଗପୁର ସିଏସ୍ଓ ଅଫିସରେ କ୍ୱାଲିଟି ଆନାଲିଜର ଭାବେ କାମ କରୁଥିଲେ।

# ଆମ୍ବାଗୁଡ଼ାରେ ଜନଶୁଣାଣି ଶିବିର

ଜୟପୁର,୨।୬(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ ଆମ୍ବାଗୁଡାଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍.ନିଶା, ଏପିଓ ସନ୍ତୋଷୀ ମହାପାତ୍ର ଓ ଅନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୁଣାଣିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଭିନ୍ନ ସରକାରୀ ଯୋଜନା ନେଇ ଅଧିକାରୀମାନେ ଲୋକଙ୍କୁ ସଚେତନ କରିଥିଲେ।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ/ସିଏନ୍/ଏକ୍ସ୍ୟୁ/ଗାର୍ଡେନ ରିଚ୍ – ୭୦୦୦୪୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ଏନ୍‌ଆଇଟି ନଂ.: ଏସ୍‌ଟି-ସିଏନ୍-ଆରୱ୍ୟୁ-ଟିଏଟିଆଇ-କେଏନ୍‌ଆରଏନ୍-ଏଏଲ୍‌ଟି ସମାପ୍ତି ତାରିଖ/ସମୟ: ୨୫।୦୬।୨୦୨୫, ୧୫.୦୦; କାର୍ଯ୍ୟର ନାମ: ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ଡିଭିଜନରେ ହାଟିଆ (ଏଚ୍‌ଟିଇ) – ଓର୍ଗା (ଓଆରଜିଏ) ସେକ୍ସନରେ କେଏନ୍‌ଆରଏନ୍-ଟିଏଟିଆଇ-ପିବିବି ମଧ୍ୟରେ ଦୋହରୀକରଣ ସଂକ୍ରାନ୍ତରେ ୟାର୍ଡ ରିମଡେଲିଂ କାର୍ଯ୍ୟ ସମେତ କନରୋଆଁ (କେଏନ୍‌ଆରଏନ୍), ଟାଟି (ଟିଏଟିଆଇ) ଏବଂ ପରବାଟୋନିଆ (ପିବିବି) ଷ୍ଟେଶନଠାରେ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମରେ ଉଭୟ ଇନ୍‌ଡୋର୍ ଓ ଆଉଟ୍‌ଡୋର୍ ଏସ୍ ଆଣ୍ଡ ଟି କାର୍ଯ୍ୟର ଡିଜାଇନ, ଯୋଗାଣ, ସ୍ଥାପନ, ନିର୍ବାହ, ପରୀକ୍ଷଣ ଏବଂ କମିଶନିଂ । ଟେଣ୍ଡରର ବିଜ୍ଞାପିତ ମୂଲ୍ୟ: ₹୭,୨୪,୪୯,୦୬୦.୯୪; ଅମାନତ ରାଶି: ₹୫,୧୨,୩୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦.୦୦; ଟେଣ୍ଡର ପ୍ରକାର: ଖୋଲା; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୫।୦୬।୨୦୨୫, ୧୫.୦୦ । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ । (PR-224)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ; ଇଏମ୍‌ଡି ମୂଲ୍ୟ; [୧]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୩୬-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ ଏଲ୍‌ଏଡି ଅଧୀନରେ ଅନ୍ୟାନ୍ୟ ଭିତ୍ତିଭୂମିଗତ ସୁବିଧା ସହିତ ବିଭିନ୍ନ ୟାର୍ଡଗୁଡ଼ିକର ୟାର୍ଡ ଉନ୍ନତୀକରଣ/ଅପ୍‌ଗ୍ରେଡେଶନ୍ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ ସାଇଡିଂର ବିକାଶ; ₹୯,୦୦,୪୨,୬୫୬.୩୮; ₹୬,୦୦,୨୦୦.୦୦; ୨୩।୦୬।୨୦୨୫, ୧୫.୦୦ ଘଟିକାରେ । [୨]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୩୭-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ ଜିବିଏକ୍ସ ଅଧୀନରେ ଅନ୍ୟାନ୍ୟ ଭିତ୍ତିଭୂମିଗତ ସୁବିଧା ସହିତ ବିଭିନ୍ନ ୟାର୍ଡଗୁଡ଼ିକର ୟାର୍ଡ ଉନ୍ନତୀକରଣ/ଅପ୍‌ଗ୍ରେଡେଶନ୍ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ ସାଇଡିଂର ବିକାଶ; ₹୮,୯୬,୩୧,୩୨୬.୯୪; ₹୫,୯୮,୨୦୦.୦୦; ୨୩।୦୬।୨୦୨୫, ୧୫.୦୦ ଘଟିକାରେ । ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ । (PR-226)

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.12-SBP-TRD-OT-2025-26 ତା.28.05.2025ରିଖ

କାର୍ଯ୍ୟର ନାମ : (1) ସମ୍ବଲପୁର ମଣ୍ଡଳର ସରଳା-ଦେଓଗାଁ ରୋଡ଼ ସେକ୍ସନରେ PSC ସ୍ଲାବ୍ ଦ୍ୱାରା 12.20 ମିଟର ସ୍ପାନ୍ ବିଶିଷ୍ଟ 13 ଗୋଟି ଷ୍ଟିଲ୍ ଗର୍ଡର ପୋଲଗୁଡ଼ିକର ସ୍ଥାନାନ୍ତରଣ। (2) ସମ୍ବଲପୁର ମଣ୍ଡଳରେ ଅତାବିରା-ଦେବାହାଲ ମଧ୍ୟରେ କି.ମି.587/37-39 ଠାରେ JT-36, ଖଲିଆପାଲି-ଲୋଇସିଂହା ମଧ୍ୟରେ କି.ମି.658/13-14 ଠାରେ JT-80, ସରଳା-ସମ୍ବଲପୁର ମଧ୍ୟରେ କି.ମି.557/20-22 ଠାରେ JT-24, ଦେବାହାଲ-ବରଗଡ଼ ରୋଡ଼ ମଧ୍ୟରେ କି.ମି.619/32-34 ଠାରେ JT-56, ଅତାବିରା-ଦେବାହାଲ ମଧ୍ୟରେ କି.ମି.592/3-5 ଠାରେ JT-39, ଅତାବିରା-ଦେବାହାଲ ମଧ୍ୟରେ କି.ମି.588/28-30 ଠାରେ JT-37, ଦେବାହାଲ-ବରଗଡ଼ ରୋଡ଼ ମଧ୍ୟରେ କି.ମି. 595/05-07 ଠାରେ JT-41, ହୀରାକୁଦ-ଗୋଡ଼ଭଗା ମଧ୍ୟରେ କି.ମି.572/08-10 ଠାରେ JT-29, ବରପାଲି-ଡୁଙ୍ଗୁରିପାଲି ମଧ୍ୟରେ କି.ମି.637/10-11 ଠାରେ JT-69, ବରଗଡ଼ ରୋଡ଼-ବରପାଲି ମଧ୍ୟରେ କି.ମି.609/13-14 ଠାରେ JT-51 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 42,87,202.20, EMD (ଟଙ୍କାରେ) : 85,800/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.06.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-189/Q/25-26

## OFFICE OF THE NODAL PRINCIPAL, ODISHA ADARSHA VIDYALAYA, GONDHIPALLY, MALKANGIRI

DIST: MALKANGIRI, ODISHA, PIN CODE - 764045
Email - oavgondhipally@gmail.com

Advertisement No.- 01/2025, Dt: 02.06.2025

EMPANELMENT OF PART-TIME CONTRACTUAL TEACHERS

Applications from eligible candidates are invited for the empanelment of TGTs/PGTs in all subjects for different OAVs of Malkangiri district, on purely part-time contractual basis for the academic session 2025-26. Interested candidates can apply to this Office by registered post/ speed post. The last date for receiving the application forms is 16.06.2025. For details about (Eligibility, Qualification, Age, Remuneration, Application Form etc.), please visit the district website: www.malkangiri.odisha.gov.in. Selection will be done in accordance with the revised guidelines as given by OAVS. Candidates are instructed to be present in the vidyalaya on 20.06.2025 at 11.00 A.M. with all their original documents for document verification . No TA/DA will be given for attending the document verification.

Sd./- NODAL PRINCIPAL
OAV, Gondhipally, Malkangiri

## भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
I.C.A.R-Central Institute of Freshwater Aquaculture
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No. 10/2025-26 Date of Insertion : 02.06.2025

वॉक-इंन-इंटरव्यू

भा.कृ.अनु.प-केंद्रीय मीठाजल जीवपालन अनुसंधान संस्थान सीफ, कौशल्यागंग, भुवनेश्वर, ओडिशा में 01((एक)) यंग प्रोफेशनल-I पद भर्ती के लिए दिनांक 18.06.2025 को पू.10.00 बजे चल-साक्षात्कार आयोजित किया जायेगा। अधिक जानकारी हेतु कृपया भा.कृ.अनु.प- सीफा वेबसाइट http://www.cifa.nic.in पर जाएं।

WALK-IN INTERVIEW

A Walk-in-Interview will be held on 18.06.2025 at ICAR-CIFA, Bhubaneswar at 10.00 A.M for 01 (One) no. of Young Professional -I (YP-I), (purely on contractual basis) to work under the TSP project at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: http://www.cifa.nic.in

Coordinator

## भारतीय रिज़र्व बैंक
पर्यवेक्षण विभाग
पं. जवाहरलाल नेहरु मार्ग, भुवनेश्वर – 751 001
www.rbi.org.in

सार्वजनिक सूचना

अधिकार माइक्रोफाइनेंस प्राइवेट लिमिटेड को जारी पंजीकरण प्रमाणपत्र (सीओआर) रद्द किया जाना

भारतीय रिज़र्व बैंक अधिनियम, 1934 (अधिनियम) की धारा 45-IA (6) के तहत प्रदत्त शक्तियों का प्रयोग करते हुए, भारतीय रिज़र्व बैंक ने 20 मई, 2025 के अपने आदेश द्वारा भारतीय रिज़र्व बैंक अधिनियम की धारा 45-I(a) के तहत परिभाषित गैर-बैंकिंग वित्तीय संस्थान के कारोबार को निष्पादित करने के लिए 'अधिकार माइक्रोफाइनेंस प्राइवेट लिमिटेड' (CIN No: U65923OR1997PTC010452) जिसका पंजीकृत कार्यालय प्लॉट नंबर-77/180/970, सुबुद्धिपुर, टोमांडो, भुवनेश्वर, ओडिशा, भारत, 752054 में स्थित है, को जारी पंजीकरण प्रमाणपत्र (सीओआर) संख्या 04.00021 दिनांकित 22 अक्टूबर, 2013 को रद्द कर दिया है। इसके परिणामस्वरुप उक्त अधिनियम के तहत यह कंपनी गैर-बैंकिंग वित्तीय संस्थान का कारोबार नहीं कर सकती है।

यह सूचना जनहित में जारी की गई है।

स्थान: भुवनेश्वर
दिनांक: 03 जून, 2025

हस्ता/-
(सीमा बेहेरा)
महाप्रबंधक

## GOVT. OF ODISHA No.A-240
DEPARTMENT OF WATER RESOURCES
OFFICE OF THE CHIEF ENGINEER, DRAINAGE
CUTTACK, GANDARPUR-753003

E-PROCUREMENT NOTICE NO.CE-DR-CTC-02/2025-26
email Id : cedrainage@gmail.com

| | | | |
|---|---|---|---|
| 1. | Name of Works | : | Clearing of water way and Construction of river training wall with associated structure in Bahadanalla near Haripur |
| 2. | Total number of Packages | : | 1No. individual package. |
| 3. | Estimated Cost | : | Rs.5955.91 Lakh |
| 4. | Bid Identification No. | : | CE-DR-CTC/DD-BAM-02/2025-26 |
| 5. | Period of completion | : | 30(Thirty) Calendar months |
| 6. | Availability of Tender On-Line | : | 05.06.2025, 16.30 hours to 04.07.2025, 17.00 hours. |
| 7. | Date of Opening of Technical Bid | : | 05.07.2025 at 11.30 hours in the O/o the Chief Engineer, Drainage, Cuttack |
| 8. | Class of Contractor | : | Super Class |
| 9. | Bid Security/EMD | : | Rs.59,56,000/- (To be remitted online) |
| 10. | Cost of Tender paper | : | Rs.10,000/- |
| 11. | Procurement Officer | : | Chief Engineer, Drainage, Cuttack, Gandarpur-753003 |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in

Sd./- Chief Engineer, Drainage Cuttack

OIPR-32174/11/0027/2526

## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
ସୁନା ନିଲାମ ବିକ୍ରୟ ବିଜ୍ଞପ୍ତି

କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨/(ପଶ୍ଚିମ) ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍-୦୬୭୪-୨୫୪୧୪୦୬/୨୫୪୦୦୩୨/୨୫୪୬୧୬୮

ନିମ୍ନଲିଖିତ ଋଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଋଣଗ୍ରହୀତାମାନେ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି। ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଋଣଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ସୁନା ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ତତ୍‌ପରବର୍ତ୍ତୀ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ସହିତ ପରିଶୋଧ ନ କରନ୍ତି ତେବେ ସେମାନେ ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ସ୍ଥିର କରାଯାଇଥିବା ନିମ୍ନ ଦର୍ଶିତ ତାରିଖରେ ସର୍ବସାଧାରଣରେ ନିଲାମ କରାଯିବ ଏବଂ ବ୍ୟାଙ୍କ ଏ ସମ୍ବନ୍ଧୀୟ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ଦାୟୀ ହେବନାହିଁ ଏବଂ ଯଦି କିଛି ବକେୟା ରହିଯାଏ ତାହା ଆଇନ ଅନୁସାରେ ଋଣଗ୍ରହୀତାଙ୍କ ଠାରୁ ଆଦାୟ କରାଯିବ।

| କ୍ର. ନଂ. | ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. | ଏନ୍‌ପିଏ ତାରିଖ | ଋଣଗ୍ରହୀତାମାନଙ୍କ ନାମ | ବର୍ତ୍ତମାନ ବକେୟା ରାଶି | ସୁନା ମୋଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|---|
| ୧. ସତ୍ୟ ନଗର ଶାଖା, ଫୋନ: ୮୯୨୫୯୫୧୦୬୦ | | | | | |
| ୧ | ୧୦୬୦୦୩୪୬୨୦୦୦୫୭୩ | ୧୪.୦୩.୨୦୨୫ | ମୀରା ଦାଶ | ଟ.୨,୮୧,୩୯୭.୪୨ | ୭୩.୮୦୦ |
| ୨ | ୧୦୬୦୦୩୪୬୨୦୦୦୫୭୪ | ୧୫.୦୩.୨୦୨୫ | ମନୋଜ କୁମାର ସାହୁ | ଟ.୧୬,୮୯୯.୯୯ | ୫.୪୦୦ |
| ୨. କଣ୍ଟୋଳ ଶାଖା, ଫୋନ: ୮୯୨୫୯୫୧୦୯୫ | | | | | |
| ୧ | ୧୦୯୫୦୩୨୧୪୦୦୦୮୫୨ | ୧୩.୧୦.୨୦୨୪ | ପ୍ରଶାନ୍ତ ସାହୁ | ଟ.୬୨,୧୩୫/- | ୧୩.୧୦୦ |
| ୨ | ୧୦୯୫୦୩୨୧୪୦୦୧୨୨୦ | ୨୭.୦୭.୨୦୨୪ | ସୁଧୀର କୁମାର ସ୍ୱାଇଁ | ଟ.୫୫,୦୦୦/- | ୧୨.୪୦୦ |
| ୩. ମୁଳି ସିଂହ ଶାଖା, ଫୋନ: ୮୯୨୫୯୫୩୪୭୮ | | | | | |
| ୧ | ୩୪୭୮୦୩୨୧୪୦୦୨୦୬୮ | ୨୪.୦୬.୨୦୨୪ | ହରପ୍ରିୟା ମହାନ୍ତି | ଟ.୫୩,୧୬୧/- | ୧୨.୨୦୦ |
| ୪. ଯୋଡା ଶାଖା, ଫୋନ: ୮୯୨୫୯୫୨୬୨୧ | | | | | |
| ୧ | ୨୬୨୧୦୩୧୩୨୦୦୦୦୮୮ | ୦୨.୦୬.୨୦୨୩ | ଲିପୁ ଦାସ | ଟ.୧୦,୪୭୦/- | ୨.୮୫୦ |
| ୨ | ୨୬୨୧୦୩୧୩୨୦୦୦୧୯୦ | ୦୨.୦୯.୨୦୨୨ | ସୁନୀତା କରୁଆଁ | ଟ.୧୧,୧୨୯/- | ୪.୧୬୦ |
| ୩ | ୨୬୨୧୦୩୧୩୨୦୦୦୩୫୮ | ୦୬.୦୮.୨୦୨୪ | ଜୟ ବଦେଇ | ଟ.୧୬,୦୯୪/- | ୪.୮୧୦ |
| ୪ | ୨୬୨୧୦୩୪୬୨୦୦୦୭୨୨ | ୧୪.୦୨.୨୦୨୫ | ଅନୀକେତ ବରୁଆ | ଟ.୧୩,୮୦୯/- | ୫.୦୯୦ |
| ୫ | ୨୬୨୧୦୩୪୬୨୦୦୦୫୩୪ | ୧୧.୦୩.୨୦୨୪ | କୌଶଲ୍ୟା ପାତ୍ର | ଟ.୭,୭୫୬/- | ୨.୭୨୦ |
| ୫. ଯାଜପୁର ରୋଡ୍ ଶାଖା, ଫୋନ: ୮୯୨୫୯୫୧୨୮୬ | | | | | |
| ୧ | ୧୨୮୬୦୩୧୩୨୦୦୦୩୩୩ | ୧୮.୧୨.୨୦୨୨ | ସିଲୁ ରାଉତ | ଟ.୩୬,୧୨୨/- | ୮.୬୨୦ |
| ୬. ଧୁରୁକୁଡିଆ ଶାଖା, ଫୋନ: ୮୯୨୫୯୫୧୧୨୪ | | | | | |
| ୧ | ୧୧୨୪୦୩୨୧୪୦୦୦୫୫୮ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୨୪,୭୨୪/- | ୨୮.୪୦୦ |
| ୨ | ୧୧୨୪୦୩୨୧୪୦୦୦୮୩୭ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୮୨,୦୦୦/- | ୩୯.୧୦୦ |
| ୩ | ୧୧୨୪୦୩୨୧୪୦୦୦୮୩୯ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୨୭,୦୦୦/- | ୨୭.୪୦୦ |
| ୪ | ୧୧୨୪୦୩୨୧୪୦୦୦୮୪୧ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୬୪,୦୦୦/- | ୧୩.୬୦୦ |
| ୫ | ୧୧୨୪୦୩୨୧୪୦୦୦୮୪୪ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୩୮,୦୦୦/- | ୮.୨୦୦ |
| ୬ | ୧୧୨୪୦୩୨୧୪୦୦୦୯୭୯ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୫୪,୦୦୦/- | ୧୧.୪୦୦ |
| ୭ | ୧୧୨୪୦୩୨୧୪୦୦୦୯୮୦ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୬୭,୦୦୦/- | ୧୫.୬୦୦ |
| ୮ | ୧୧୨୪୦୩୨୫୭୦୦୧୦୮୧ | ୦୧.୦୫.୨୦୨୫ | ହରେକୃଷ୍ଣ ସାହୁ | ଟ.୧,୧୮,୦୦୦/- | ୨୪.୧୦୦ |
| ୭. ବାଲୁଗାଁ ଶାଖା, ଫୋନ: ୮୯୨୫୯୫୦୯୨୭ | | | | | |
| ୧ | ୦୯୨୭୦୩୧୩୨୦୦୦୫୪୧ | ୧୮.୦୨.୨୦୨୪ | ଶୁଭାଶିଷ ପ୍ରଧାନ | ଟ.୧୯,୩୩୧/- | ୫.୪୦୦ |
| ୮. କଣାସ ଶାଖା, ଫୋନ: ୮୯୨୫୯୫୧୧୯୪ | | | | | |
| ୧ | ୧୧୯୪୦୩୧୩୨୦୦୦୪୬୫ | ୨୧.୦୩.୨୦୨୫ | ରମେଶ ଚନ୍ଦ୍ର ମଣ୍ଡଳ | ଟ.୬୬,୫୨୭/- | ୧୯.୩୫୦ |
| ୨ | ୧୧୯୪୦୩୪୬୨୦୦୩୪୪୭ | ୨୧.୦୩.୨୦୨୫ | ରମେଶ ଚନ୍ଦ୍ର ମଣ୍ଡଳ | ଟ.୭୩,୬୮୮/- | ୧୯.୯୫୦ |
| ୯. ଖୋର୍ଦ୍ଧା ଶାଖା, ଫୋନ: ୮୯୨୫୯୫୨୨୯୧ | | | | | |
| ୧ | ୨୨୯୧୦୩୧୩୨୦୦୧୫୬୨ | ୦୯.୦୪.୨୦୨୫ | ମନୋଜ କୁମାର ସେଠୀ | ଟ.୫୦,୫୩୨/- | ୧୪.୩୦୦ |

ନିଲାମ ତାରିଖ : ୨୦.୦୬.୨୦୨୫
ନିଲାମ ସ୍ଥାନ: ସମ୍ପୃକ୍ତ ଶାଖା ପରିସରରେ | ସମୟ : ଅପରାହ୍ନ ୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା

୧. ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। ୨. ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ଅଭିଯୋଗ/ଦାବି ନିଲାମ ପରେ ପ୍ରଶୟ ଦିଆଯିବ ନାହିଁ। ୩. ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା) କ୍ୟାସ/ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। ୪. ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୫. ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। ୬. ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। ୭. ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ୭ ଦିନ ମଧ୍ୟରେ ଅଳଙ୍କାର ହସ୍ତାନ୍ତରିତ କରାଯିବ। ୮. ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି/ ଅଭିଯୋଗ/ ବିବାଦକୁ ପ୍ରଶୟ ଦିଆଯିବ ନାହିଁ। ୯. ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। ୧୦. ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ।୧୧. ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। ୧୨. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ/ବାତିଲ/ସ୍ଥଗିତ/ରଦ୍ଦ/ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। ୧୩. ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। ୧୪. ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। ୧୫. ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖା କିମ୍ବା କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୨.୦୬.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## झारखण्ड सरकार
पेयजल एवं स्वच्छता विभाग

अल्पकालीन ई–प्रोक्योरमेन्ट सूचना

निविदा सूचना संख्या – DHN-1/12/2025-26 दिनांक – 02.06.2025

| Name of Work | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रूपये में) | कार्य पूर्ण करने की अवधि |
|---|---|---|---|---|
| SUPPLYING AND LAYING OF DIFFERENT DIA D.I PIPE K-9 FROM WTP BHELATAND TO EXISTING SUMP AT IIT ISM DHANABD UNDER D.W. & S. DIVISION NO.1, DHANBAD | 496.19932 | 4.97 | 10000.00 | 6 माह |

| | | |
|---|---|---|
| 2 | वेबसाइट पर निविदा प्रकाशन की तिथि | 06.06.2025 समय 04.00 बजे अपराहन् तक |
| 3 | प्री बीड मीटिंग की तिथि एवं समय | 11.06.2025, 11.30 बजे पूर्वाहन क्षेत्रीय मुख्य अभियन्ता का कार्यालय, पेयजल एवं स्वच्छता विभाग, दुमका प्रक्षेत्र, दुमका |
| 4 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 21.06.2025 समय 05.00 बजे अपराहन् तक |
| 5 | सरकार के सचिव, सूचना प्रौद्योगिकी एवं ई– गवर्नेस, झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 21.06.2025 समय 05.00 बजे अपराहन् तक |
| 6 | तकनीकी बिड खोलने की तिथि एवं समय | 23.06.2025 समय 05.00 बजे अपराहन् |
| 7 | तकनीकी बिड खोलने का स्थान | कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद |
| 8 | निविदा आमंत्रित करने वाले पदाधिकारी का नाम/पदनाम :- रणजीत कुमार ठाकुर, कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद | |
| 9 | निविदा आमंत्रित करने वाले कार्यालय का टेलिफोन नं0 : 0326-3148874 | |
| 10 | ई– प्रोक्यूरमेन्ट सेल का हेल्प लाईन सं0 : 0651-2480345 | |

नोट – (1) केवल ई निविदा ही स्वीकार किये जायेंगे।
(2) प्राक्कलित राशि घट–बढ़ सकती है तदनुसार अग्रधन की राशि एवं परिमाण विपत्र का मूल्य भुगतेय होगी।
अधिक जानकारी के लिए वेवसाईट http://jharkhandtenders.gov.in पर देखा जा सकता है।

PR 354103 (Drinking Water and Sanitation) 25-26 (D)

कार्यपालक अभियन्ता
पेयजल एवं स्वचछता प्रमंडल सं.1, धनबाद

# ପୋଲିସ, ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ଉଦ୍‌ବେଗ

### ରଥଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

ଗୁଣପୁର,୨।୬(ପ୍ରଦୀପ କୁମାର ପାଢ଼ୀ)


ବୈଠକରେ ଉପଜିଲାପାଳଙ୍କ, ବିଧାୟକଙ୍କ ସହ ଅନ୍ୟମାନେ ଆଲୋଚନା କରୁଛନ୍ତି ।

ରାୟଗଡ଼ା ଜିଲା ଗୁଣପୁରର ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ସୋମବାର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୁଣପୁର ଉପ ଜିଲାପାଳ ତଥା ଦେବୋତ୍ତର ବିଭାଗର ଅଧକ୍ଷ କିରନ ଦୀପ କୌର ସହୋତା ଅଧକ୍ଷତା କରିଥିଲେ । ବୈଠକରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ପୋଲିସ ଏବଂ ବିଦ୍ୟୁତ୍ କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ବିଧାୟକ ସତ୍ୟଜିତ ଗମାଙ୍ଗ ଉଦ୍‌ବେଗ ପ୍ରକାଶ କରିଥିଲେ । ୨୭ ତାରିଖରେ ରଥଯାତ୍ରା ହେବାକୁ ଥିବାବେଳେ ବୈଠକ ତୁରନ୍ତ କରାଯିବା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା । ଶେଷରେ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଯାତ୍ରା ସମୟରେ ବିଦ୍ୟୁତ୍ ଏବଂ ପୋଲିସର ପ୍ରମୁଖ ଭୂମିକା ରହିଥିବାବେଳେ ସେମାନଙ୍କ ଅନୁପସ୍ଥିତି ଯୋଗୁ ଉକ୍ତ ଦୁଇ ବିଭାଗର ବିଭିନ୍ନ କାର୍ଯ୍ୟ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇପାରି ନ ଥିଲା ।

ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଧାୟକ ସତ୍ୟଜିତ ଗମାଙ୍ଗ, ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟନାରାୟଣ ପଣ୍ଡା, ସମ୍ପାଦକ ନିରଞ୍ଜନ ପାଢ଼ୀ ପ୍ରମୁଖ ମଞ୍ଚାସୀନ ରହିଥିଲେ । ବୈଠକରେ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ ସେ ନେଇ ଆଲୋଚନା ହୋଇଥିଲା । ଜଗନ୍ନାଥଙ୍କ ବିଭିନ୍ନ ପୂଜାପାର୍ବଣ ସହ ଅନ୍ୟାନ୍ୟ କାର୍ଯ୍ୟ ଏବଂ ନୀତିକାନ୍ତି ସକାଶେ ଅର୍ଥର ଅଭାବ ରହୁଥିବାବେଳେ ଦେବୋତ୍ତର ବିଭାଗ ଅର୍ଥ ପ୍ରଦାନରେ ସକ୍ଷମ ହେଉନାହିଁ । ଏପରି ସ୍ଥଳେ ଯାତ୍ରା ସମୟରେ ମିନା ବଜାର ବାବଦକୁ ସଂଗ୍ରହ ହେଉଥିବା ଅର୍ଥକୁ ମନ୍ଦିରର ଉନ୍ନତି ସହ ଅନ୍ୟାନ୍ୟ କାର୍ଯ୍ୟ ସକାଶେ ବିନିଯୋଗ କରାଯିବାକୁ ସମସ୍ତଙ୍କ ପକ୍ଷରୁ ଦାବି ହୋଇଥିଲା । ଦେବୋତ୍ତର ଆଇନ ଅନୁସାରେ ସମସ୍ତ କାର୍ଯ୍ୟ ହେବ ବୋଲି ଉପ ଜିଲାପାଳ କହିଥିଲେ । ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ସକାଶେ ବୈଠକରେ ଆଲୋଚନା ହୋଇଥିଲା । ରିତିନିତି, ରଥ ନିର୍ମାଣ ଏବଂ ମରାମତି, ଭିତିଭୂମିର ନିର୍ମାଣ, ଜନ ଗହଳି ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଓ ସଫେଇ, ଆଇନ ଶୃଙ୍ଖଳା, ପାର୍କିଂ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାର, ଆଲୋକୀକରଣ ଏବଂ ଧ୍ୱନି ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଦେବୋତ୍ତର ବିଭାଗ ପକ୍ଷରୁ ଗତ ବର୍ଷ ମୀନା ବଜାର ସହ ଅନ୍ୟାନ୍ୟ ବାବଦରେ ୨୮ ଲକ୍ଷ ୪୩ ହଜାର ୧୫୯ ଟଙ୍କା ଆଦାୟ ହୋଇଥିବାବେଳେ ୮ ଲକ୍ଷ ୯୯ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଥିଲା ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଦାସ, ତ୍ରିପତି ମହାନ୍ତି, ଭାରପ୍ରାପ୍ତ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ.ପ୍ରଦୀପ ପଣ୍ଡା, ରେଞ୍ଜର ଗଙ୍ଗାଧର ମିଶ୍ର, ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ସୁଦାମ ରଥଶର୍ମା, ଝୁଲେଶ୍ୱର ରଥଶର୍ମା, ଟୁକୁନା ରଥ, ରଥ ମହାରଣା ଗଙ୍ଗାରାଜୁ ଶବର, ପୂଜକ ମନୋଜ ପାଢ଼ୀ, ଉମା ଦାସ, ଡ. ପ୍ରଶାନ୍ତ ହୋତା, ଅତିରିକ୍ତ ତହସିଲଦାର ଗୟା ଡମ୍ବରୁଧର ବେହେରା ଉପସ୍ଥିତ ଥିଲେ । ସେହିପରି ରାଜସ୍ୱ ସହାୟକ ଗୁପ୍ତେଶ୍ୱର ପାଣିଗ୍ରାହୀ, ରାଜସ୍ୱ ପରିଦର୍ଶକ ସରୋଜ ନିମାଇଲପୁରୀ, ରାଜସ୍ୱ ନିରୀକ୍ଷକ କେ.ଶ୍ରୀନୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବିଭିନ୍ନ ବିଭାଗର ଅଧିକାରୀ ବୈଠକରେ ସାମିଲ ଥିଲେ ।

# ଘୋଷଯାତ୍ରା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ବଣ୍ଟନ


ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

ରାୟଗଡ଼ା,୨।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରଠାରେ ଆୟୋଜିତ ହେବାକୁ ଥିବା ଘୋଷଯାତ୍ରା ଓ ବାହୁଡ଼ାଯାତ୍ରା ପାଇଁ ସୋମବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନା, ତହସିଲଦାର ତଥା ଦେବୋତ୍ତର ବିଭାଗ ଅଧିକାରୀ ପ୍ରିୟଦର୍ଶିନୀ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଘୋଷଯାତ୍ରାକୁ ମହାସମାରୋହରେ ଓ ସୁରୁଖୁରୁରେ ଆୟୋଜନ ପାଇଁ ସମସ୍ତେ ସକ୍ରିୟ ସହଯୋଗ କରିବାକୁ ଅତିରିକ୍ତ ଜିଲାପାଳ ନାୟକ ଅନୁରୋଧ କରିଥିଲେ । ଏହାପରେ ତହସିଲଦାର ସ୍ୱାଇଁ ପୂର୍ବ ବର୍ଷର ଆୟବ୍ୟୟ ଉପସ୍ଥାପନ କରିବା ସହ ଚଳିତ ବର୍ଷ ଯାତ୍ରା ପାଇଁ ଆବଶ୍ୟକ ପାଣ୍ଠି ଉପରେ ଆଲୋଚନା କରିଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ବିଭାଗର ସହଯୋଗ ପୂର୍ବକ ଏମ୍ଆଇ ଡିଭିଜନ ତରଫରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଥରେ ରଙ୍ଗ କରିବା, ପୂର୍ତ୍ତ ବିଭାଗ ପକ୍ଷରୁ ରଥ ନିର୍ମାଣ ଓ ଫିଟ୍‌ନେସ୍ ସାର୍ଟିଫିକେଟ ଦେବା, ଜଗନ୍ନାଥ ମନ୍ଦିର ରଙ୍ଗ କରିବା, ପୌର ପରିଷଦ ତରଫରୁ ପରିମଳ ବ୍ୟବସ୍ଥା ତଦାରଖ କରିବା ଏବଂ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ, ଗାଡ଼ି ପାର୍କିଂ ଏବଂ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ସେହିଭଳି ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ପାଇଁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ନିର୍ଦ୍ଦେଶ ଦିଆଯିବା ସହ ପାନୀୟ ଜଳ ବ୍ୟବସ୍ଥା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ଉପ ଆରକ୍ଷୀ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ପାଢ଼ୀଙ୍କ ସମେତ ଆଞ୍ଚଳିକ ପରିବହନ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ସେହିପରି ରାଜପୁରୋହିତ ବିରଞ୍ଚି ନାରାୟଣ ଦାଶ, ସୁନୀଲ ଚନ୍ଦ୍ର ପଣ୍ଡା, ବଚନିକା ସେବାୟତ ରଞ୍ଜନ ରଥ, ସତ୍ୟବାଦୀ ପତି, ସୁଜିତ ପଣ୍ଡା, ମହେନ୍ଦ୍ର ରଥ, ସଚ୍ଚିଦାନନ୍ଦ ଖାଡଙ୍ଗା, ସୁରେଶ ଚନ୍ଦ୍ର ପଣ୍ଡା, ବିନାୟକ କର, ପ୍ରଭାକର ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା, ସ୍ୱାମୀ ଗିରଫ

ଅମ୍ବାଦଳା,୨।୬ (ରବୀନ୍ଦ୍ର ପଣ୍ଡା)

ପାରିବାରିକ କଳହକୁ ନେଇ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ନିର୍ମମ ଭାବେ ହତ୍ୟା କରାଯାଇଛି । ସ୍ତ୍ରୀଙ୍କ ମୃତ୍ୟୁ ପରେ ସ୍ୱାମୀ ଫେରାର ହେଉଥିବାବେଳେ ଅଧା ବାଟରେ ମାଡ଼ି ବସିଲା ପୋଲିସ । ରାୟଗଡ଼ା ଜିଲା ଅମ୍ବାଦଳା ଥାନା ଅନ୍ତର୍ଗତ ରଘୁବାରୀ ପଞ୍ଚାୟତ ମାତାବାରୁ ଗ୍ରାମରେ ଏଭଳି ହତ୍ୟାକାଣ୍ଡ ଘଟିଛି । ମୃତକ ହେଲେ ସବିତା ମାଝୀ । ବିଷମକଟକ ପୋଲିସ ଅଭିଯୁକ୍ତ ସ୍ୱାମୀ ଚିତ୍ର ମାଝୀଙ୍କୁ ସୋମବାର ଗିରଫ କରିଛି ।

ପୋଲିସ ସୂଚନା ଅନୁଯାୟୀ, ରଘୁବାରି ପଞ୍ଚାୟତ ବିଲାଙ୍ଗଦୁନି ଗ୍ରାମର ଡୁଡୁ ମାଝୀଙ୍କ ଝିଅ ସବିତା ମାଝୀ ଉକ୍ତ ପଞ୍ଚାୟତର ମାତାରୁ ଗ୍ରାମର ଚିତ୍ର ମାଝୀଙ୍କୁ ବିବାହ କରିଥିଲେ । ଗତ ରବିବାର ସନ୍ଧ୍ୟା ପ୍ରାୟ ୬ ଟାରେ ସ୍ୱାମୀ ସ୍ତ୍ରୀ ଉଭୟ ମଦ୍ୟପାନ କରିଥିଲେ । ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ସ୍ତ୍ରୀ ସବିତା ପ୍ରଥମେ ସ୍ୱାମୀ ଚିତ୍ରଙ୍କୁ ମାଡ ମାରିଥିଲେ । ପରେ ଚିତ୍ର ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ ଧକ୍କା ମାରି ତଳେ ପକାଇ ଏକ ଠେଙ୍ଗା ସାହାଯ୍ୟରେ ସବିତାଙ୍କ ମୁଣ୍ଡରେ ଆଘାତ କରିଥିଲେ । ଫଳରେ ଘଟଣାସ୍ଥଳରେ ସବିତାଙ୍କ ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ଖବରପାଇ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ସମେତ ଅମ୍ବାଦଳା ଆଇଆଇସି କଳ୍ପନା ବେହେରା, ଏଏସ୍ଆଇ ପ୍ରଶାନ୍ତ ପାଢ଼ୀ, ମନୋଜ କୁମାର ମାଝୀଙ୍କ ସହ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି । ଅଭିଯୁକ୍ତ ଚିତ୍ର ମାଝୀଙ୍କୁ ଗିରଫ କରିବା ସହ ଅଧିକ ପଚରା ଉଚରା କରୁଛି ପୋଲିସ । ଅମ୍ବାଦଳା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ପୋଲିସ କହିଛି ।

# ୫୫ ଅଭିଯୋଗ ଶୁଣିଲେ ଜିଲାପାଳ

ରାୟଗଡ଼ା,୨।୬((ଆଶିଷ ରଞ୍ଜନ ପଣ୍ଡା)


ଜିଲାପାଳ ଅଭିଯୋଗ ପତ୍ର ଗ୍ରହଣ କରୁଛନ୍ତି ।

ଜିଲା ପ୍ରଶାସନ ତରଫରୁ ରାୟଗଡା ସଦର ମହକୁମାସ୍ଥିତ ଜିଲା ପରିଷଦ ସଦ୍‌ଭାବନା ସଭାଗୃହରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ସ୍ୱାଥୀ ଏସ୍. କୁମାର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ପାଢ଼ୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଜିଲାପାଳ ମୋଟ ୫୫ଟି ଅଭିଯୋଗ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୪୩ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ରହିଥିଲା । ଏହି ଅବସରରେ ଜିଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୧ଜଣଙ୍କୁ ୧ ଲକ୍ଷ ୧୮ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ବିଶେଷକରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନୱାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଅଭିଯୋଗ ପାଇବା ପରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

# ଟ୍ରକ୍ ଚାପାରେ କନ୍‌ଷ୍ଟେବଲ ଗୁରୁତର

ରାୟଗଡ଼ା,୨।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ରାମକୃଷ୍ଣନଗର ଛକରେ ସୋମବାର ସକାଳେ ଟ୍ରକ୍ ମାଡ଼ିଯିବାରୁ ଜଣେ ପୋଲିସ କନ୍‌ଷ୍ଟେବଲ ଗୁରୁତର ଆହତ ହୋଇଛନ୍ତି । ଆହତ କନ୍‌ଷ୍ଟେବଲ ହେଲେ ଶରତ ଚନ୍ଦ୍ର ବିଶିମାଝି (୪୫) । ସେ ରାୟଗଡ଼ା ଅଦାଲତରେ ନିୟୋଜିତ ଥିଲେ । ସକାଳ ୭ ଟାରେ ଶରତ ଅଦାଲତକୁ ଡ୍ୟୁଟି ପାଇଁ ଯାଉଥିବା ସମୟରେ ଆନ୍ଧ୍ରପ୍ରଦେଶ ଆଡକୁ ଯାଉଥିବା ଟ୍ରକ୍ ନମ୍ବର (ଏପି -୩୯-ଟିବି-୧୧୬୬) ନିୟନ୍ତ୍ରଣ ହରାଇ ତାଙ୍କ ଉପରେ ମାଡ଼ିଯାଇଥିଲା । ଶରତ ଯାଉଥିବା ବାଇକ୍ (ଓଡି-୧୮-୮୯୪୯) ଟ୍ରକ୍ ତଳକୁ ପଶିଯାଇଥିବାବେଳେ ଗାଡିରୁ ଛିଟକି ପଡ଼ିଥିଲେ । ସେହି ରାସ୍ତାରେ ଯାଉଥିବା କିଛି ଲୋକେ ଶରତଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଅପରପକ୍ଷେ ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଥିଲେ । ଫଳରେ ରାସ୍ତା ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ ହୋଇ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ପରେ ପୋଲିସ ପହଞ୍ଚି ଟ୍ରକ୍‌କୁ ଜବତକରି ଥାନାକୁ ନେଇଥିଲେ ।

# କାରରୁ ଗଞ୍ଜେଇ ଜବତ ମାମଲା, ୨ ଅଭିଯୁକ୍ତ ଖଲାସ

ଗୁଣପୁର,୨।୬ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ଏଡିଜେଙ୍କ କୋର୍ଟରେ ସୋମବାର ଗଞ୍ଜେଇ ଚୋରା ଚାଲାଣ ମାମଲାରେ ରାୟ ପ୍ରକାଶ ପାଇଛି । ଏହି ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ଏଡିଜେ ଦେବଦତ୍ତ ପଟ୍ଟନାୟକ ଖଲାସ କରିଛନ୍ତି । ଖଲାସ ହୋଇଥିବା ଅଭିଯୁକ୍ତ ହେଲେ କେରଳର ରେବିନ ରେଜି ଏବଂ ପଦ୍ମପୁର ଥାନା ଅଧୀନ ନାଦ୍ରା ଅଞ୍ଚଳର ଥମାସ ମାଝୀ । ରେବିନଙ୍କ ପାଇଁ ଉମା ଚରଣ ପଟ୍ଟନାୟକ, ଥମାସଙ୍କ ପାଇଁ ଗଣେଷ ସାହୁ ଏବଂ ସରକାରଙ୍କ ପକ୍ଷରୁ କୃଷ୍ଣଚନ୍ଦ୍ର ସେନାପତି ମାମଲା ପରିଚାଳନା କରିଥିଲେ । ମାମଲାର ଜଣାଯାଏ, ୨୦୨୪ ମାର୍ଚ୍ଚ ୧୭ ତାରିଖରେ ପଦ୍ମପୁର ଅଞ୍ଚଳରୁ ଏକ କାରରେ ପାରଳାଖେମୁଣ୍ଡି ଦେଇ କେରଳକୁ ଗଞ୍ଜେଇ ଚାଲାଣ ହେଉଥିଲା । ଏହି ସମୟରେ ଗୁଣପୁର ଥାନା ସମ୍ମୁଖରେ କାରକୁ ଅଟକାଇ ସେଥିରେ ଥିବା ୨୧୦.୭୦୦ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଘଟଣାରେ ୨ ଅଭିଯୁକ୍ତ ଗିରଫ ହୋଇଥିଲେ । ଗିରଫ ଠାରୁ ରେବିନ ରେଜି ବିଚାରାଧୀନ କଏଦି ଭାବେ ଗୁଣପୁର ଜେଲ ହାଜତରେ ରହିଥିଲେ । ଅପରପକ୍ଷେ ଥମାସ ଏକ ମାସ ପାଇଁ ମଧ୍ୟବର୍ତ୍ତୀ ଜାମିନ ପାଇଥିଲେ । ଏହାର ଅବଧି ୬ ତାରିଖରେ ସରିବାକୁ ଥିବାବେଳେ ସେ ମାମଲାରୁ ଖଲାସ ହୋଇଛନ୍ତି ।

# ସନାତନ ବୟସ ଦଳ ଚାମ୍ପିୟନ

### ସରିଲା ପୁରୁଣା ଗୁଣପୁର ପ୍ରିମିୟର ଲିଗ୍

ଗୁଣପୁର,୨।୬(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ପୁରୁଣା ଗୁଣପୁରରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ପିପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ଲାଡିଏଟର ୬୯ ଦଳକୁ ହରାଇ ସନାତନ ବୟସ ଦଳ ଚାମ୍ପିୟନ ହୋଇଛି । ସନାତନ ବୟସ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ । ନିର୍ଦ୍ଧାରିତ ୧୨ ଓଭରରେ ୮ଟି ଉଇକେଟ ହରାଇ ୧୦୧ ରନ କରିଥିଲେ । ୧୦୨ ରନର ଲକ୍ଷ୍ୟ ରଖି ଖେଳ ଆରମ୍ଭ କରିଥିବା ଗ୍ଲାଡିଏଟର ୬୯ ଦଳ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲେ । ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବରେ ସୁରେଶ ଶବରଙ୍କ ପୁରସ୍କୃତ କେରାଯାଇଛି । କିରଣ ପାଣିଗ୍ରାହୀ ଶେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପାର ନଗର ସଭାପତି ବଦ୍ରି ମହାନ୍ତି ଏବଂ କୀର୍ତ୍ତି କୁମାର ପଣ୍ଡା ଉପସ୍ଥିତ ରହି ଚାମ୍ପିୟନ ଏବଂ ରନର ଦଳଙ୍କୁ ପୁରସ୍କୃତ କରିଥିଲେ । ଏଥିରେ ସମୁଦାୟ ୪ଟି ଦଳ ଭାଗ ନେଇଥିଲେ । ପୁରୁଣା ଗୁଣପୁର ପ୍ରିମିୟର ଲିଗ୍‌ର ଯୁବ ଖେଳାଳି ସିନ୍ଧୁ ଶବର, ଯୋନାଲି ଶବର, ସୁଗୁନୁ ଶବର, ରବି ଶବର ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।


ଟ୍ରଫି ସହ ବିଜୟୀ ଦଳ ।

# ରାୟଗଡ଼ା ମହିଳା ମହାବିଦ୍ୟାଳୟ ଛାତ୍ରୀ ପୁରସ୍କୃତ

### ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ରାୟଗଡା,୨।୬ (ଭାଗ୍ୟଶ୍ରୀ ମିଶ୍ର)

ପୂଣ୍ୟଶ୍ଳୋକା ମହାରାଣୀ ଅହଲ୍ୟା ବାଈ ହୋଲକରଙ୍କ ୩୦୦ତମ ଜୟନ୍ତୀ ପାଳନ ଅବସରରେ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ମୌନିକା ବୁଦ୍ଧି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଅହଲ୍ୟା ବାଈ ହୋଲକରଙ୍କ ଜୀବନୀ ଓ ସୁଶାନ ସମ୍ପର୍କରେ ମୌନିକା ଆଲୋକପାତ କରି ପୁରସ୍କୃତ ହୋଇଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ, ଭାଷା, ସାହିତ୍ୟ, ସଂସ୍କୃତି ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ ।


ଛାତ୍ରୀ ମୌନିକା ବୁଦ୍ଧିଙ୍କୁ ପୁରସ୍କୃତ କରାଯାଉଛି ।

ସୂଚନାଯୋଗ୍ୟ, ପୂର୍ବରୁ ଜିଲା ୱାରୀ ଚୟନ ପରେ ମୌନିକା ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ । ତାଙ୍କର ଏହି କୃତିତ୍ୱ ପାଇଁ ରାୟଗଡା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି ।

# ପାଣିରୁ ଉଦ୍ଧାର କରିବାକୁ ପ୍ରଶିକ୍ଷଣ

ରାୟଗଡା,୨।୬ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ସଦର ମହକୁମାସ୍ଥିତ ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ସୋମବାର 'ସ୍ନାନ ଏବଂ ପାଣିରେ ବୁଡି ଯାଉଥିବାବେଳେ ଉଦ୍ଧାର କୌଶଳ' ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲାପାଳ ପାରୁଲ ପଟାୱରୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।



କାର୍ଯ୍ୟକ୍ରମରେ ଜିଲାପାଳ ସୂଚନା ଦେଉଛନ୍ତି ।

ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକ, ଜିଲା ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହାକ, ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୋଶ ରଞ୍ଜନ ଜେନା, ଓଡ୍ରାଫ ଦଳ ଓ ପ୍ରଶିକ୍ଷଣାର୍ଥୀ ଉପସ୍ଥିତ ଥିଲେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣାର୍ଥୀଙ୍କୁ ଓଡ୍ରାଫ ଟିମ୍ ବିଭିନ୍ନ ବିଷୟରେ ଶିକ୍ଷା ଦେବେ । ଜିଲାରେ ହେଉଥିବା ଅଘଟଣରୁ ଲୋକଙ୍କୁ ଉଦ୍ଧାର କରିବାରେ ଏହା ସହାୟତା ହୋଇପାରିବ ବୋଲି ଜିଲାପାଳ କହିଥିଲେ । ପ୍ରଥମ ବ୍ୟାଚରେ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୩୦ ଜଣ ଏନ୍‌ସିସି କ୍ୟାଡେଟ ରହିଛନ୍ତି । ଏହିପରି ଭାବେ ୭ ଦିନରେ ଜିଲାରୁ ୩୦୦ ଜଣ ପ୍ରାପ୍ତ ବୟସ୍କ ପ୍ରଶିକ୍ଷଣ ନେବେ ବୋଲି ପ୍ରଶାସନ ସୂଚନା ଦେଇଛି । ଏହି ପ୍ରଶିକ୍ଷଣ ଶେଷ ହେବା ପରେ ଟ୍ରେନିଂ ନେଉଥିବା ପ୍ରଶିକ୍ଷଣାର୍ଥୀମାନେ ଦକ୍ଷତା ଅର୍ଜନ କରିପାରିବା ସହ ପାଣି ସମ୍ପର୍କିତ ବିପଦ ବା ଆପଦ ପରିସ୍ଥିତିରେ ଆବଶ୍ୟକତା ଓ ପ୍ରଭାବ ସମ୍ପର୍କରେ ଅବଗତ ହୋଇ ଜୀବନ ରକ୍ଷାରେ ସହାୟକ ହୋଇପାରିବେ । ବନ୍ୟା ପରିସ୍ଥିତିରେ ଜଳମଗ୍ନ ଅଞ୍ଚଳରେ ମଧ୍ୟ ଏହି ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯିବ । ଜରୁରୀକାଳୀନ ପରିସ୍ଥିତିରେ ଧନଜୀବନ ରକ୍ଷା ନିମନ୍ତେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି ଜରୁରୀକାଳୀନ ଅଧିକାରୀ ମନୋଜ ନାହାକ ପ୍ରକାଶ କରିଛନ୍ତି ।

# ଗାଁ ଆମ୍ବ ପସରା ଉଦ୍‌ଘାଟନକଲେ ଜିଲାପାଳ

ରାୟଗଡ଼ା, ୨।୬ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜନଜାତି ଜଗତ କେନ୍ଦ୍ରରେ ଆରମ୍ଭ ହୋଇଥିବା ଗାଁ ଆମ୍ବ ପସରାକୁ ସୋମବାର ଜିଲାପାଳ ପାରୁଲ ପଟାୱରି ଉଦ୍‌ଘାଟନ କରିଛନ୍ତି । ଗାଁ ଆମ୍ବ ପସରା ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବା ନେଇ ଓରମାସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବନଖଣ୍ଡୀୟ ଅଧିକାରୀ ସଚିନ ଆନ୍ନା ସାହେବ ଓହେଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ କୁମାର ଜେନା, ସମ୍ପୃକ୍ତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ ପ୍ରମୁଖ ଯୋଗଦାନ କରିଥିଲେ । ଏହି ମେଳାର ପ୍ରଚାର ପ୍ରସାର ପାଇଁ ଏକ ରଥକୁ ମଧ୍ୟ ଜିଲାପାଳ ପାରୁଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ରାୟଗଡା ଜିଲା ଆମ୍ବ ରାଜ୍ୟ ତଥା ଆର୍ନ୍ତଜାତୀୟ ବଜାରରେ ଢେର ଚାହିଦା ରହିଛି ବୋଲି ଜିଲାପାଳ କହିଥିଲେ ।



ଧରଣୀପେନୁ ଷ୍ଟଲରୁ ଲୋକେ ଆମ୍ବ କିଣୁଛନ୍ତି ।

ରାୟଗଡା ଜିଲାର କାଶୀପୁର, ବିଷମକଟକ, ମୁନିଗୁଡା, ରାୟଗଡା, କୋଲନରା, ଗୁଣପୁର ଆଦି ବ୍ଲକ୍‌ରେ ବିଭିନ୍ନ କୃଷକ ଉତ୍ପାଦକ ସଂସ୍ଥା, ଏସ୍ଏଚଜି ଗ୍ରୁପ, ଉତ୍ପାଦକ ସଂସ୍ଥା କମ୍ପାନୀ ଧରଣୀପେନୁ ସଂସ୍ଥା ଚାଷୀଙ୍କ ଠାରୁ ଆମ୍ବ ସଂଗ୍ରହ କରି ସୁଲଭ ମୂଲ୍ୟରେ ଏହି ଆମ୍ବ ମେଳାରେ ବିକ୍ରି କରୁଛନ୍ତି । ସେହିପରି ଭାକୁରଗୁଡାଠାରେ ଉଦ୍ୟାନ କୃଷି ବିଭାଗର ପାର୍କ ପରିସରରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ଆମ୍ବ ହବ୍‌କୁ ପୁନଃ କାର୍ଯ୍ୟକ୍ଷମ ଦିଗରେ ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବ ବୋଲି ଜିଲାପାଳ ପାରୁଲ କହିଛନ୍ତି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ ଓ ଓର୍‌ମାସ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ସନ୍ତୋଷୀ ମନ୍ଦିରରେ ୧୦୦୮ ଦୀପ ପ୍ରଜ୍ୱଳନ



ଉମରକୋଟ, ୨।୬ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହର ଡିଏନ୍‌କେରେ ଥିବା ମା’ ସନ୍ତୋଷୀଙ୍କ ମନ୍ଦିରରେ ଅଖଣ୍ଡ ଦୀପକୁ ୧୨ବର୍ଷ ପୂର୍ତ୍ତି ଅବସରରେ ରବିବାର ୧୦୦୮ ଦୀପ ପ୍ରଜ୍ୱଳନ କରାଯାଇଛି। ଗାୟତ୍ରୀ ପରିବାର ଜିଲା ମୁଖ୍ୟ ମନୋଜ କୁମାର ପଟ୍ଟନାୟକ ଓ ମନ୍ଦିର କମିଟି ପକ୍ଷରୁ ଜଗତ ମଙ୍ଗଳ କାମନା କରି ଦୀପ ଲଗାଯାଇଥିବା ମା’ଙ୍କ ମୁଖ୍ୟ ସେବକ ବାବୁ ଦଳେଇ କହିଛନ୍ତି। ମନ୍ଦିର କମିଟି ସଭାପତି ବାବୁ ଦଳେଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ସୁଶୀଲ ପଣ୍ଡା, କୋଷାଧ୍ୟକ୍ଷ ଉଦୟ ଘୋଷ, ଆଇନ ପରାମର୍ଶଦାତା ଝଡ଼େଶ୍ୱର ମହାନ୍ତି ଉପସ୍ଥିତ ଥିଲେ। ମନ୍ଦିର ପୂଜକ ଶ୍ରୀକାନ୍ତ ପଣ୍ଡା, ସହଯୋଗୀ ରବି ପଣ୍ଡା, ପ୍ରଶାନ୍ତ ଦାଶ, ତ୍ରିପତି ନାୟକ, ଶିବ ପ୍ରଧାନ, ସତୀଶ ମଣ୍ଡଳ, ପ୍ରଶାନ୍ତ ସ୍ୱାଇଁ, ପୂର୍ଣ୍ଣିମା ମହନ୍ତ, ଉର୍ମିଳା ବିଷୋୟୀ, ସୌଦାମିନୀ ମିଶ୍ର ସମସ୍ତେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଯେ ମା’ଙ୍କ ମନ୍ଦିର ଅର୍ଦ୍ଧନିର୍ମିତ ହୋଇ ରହିଛି। ମା’ଙ୍କ ସେବକ ଶାନ୍ତିଲତା ପାତ୍ରଙ୍କୁ ୧୨ ବର୍ଷ ପୂର୍ବେ ଏଠାରେ ଏକ ଅଖଣ୍ଡ ଲଗାଇବାକୁ ସ୍ୱପ୍ନାଦେଶ ହୋଇଥିଲା। ୨୦୧୩ ଜୁନ ୧ରେ ମାଙ୍କ ମନ୍ଦିରରେ ଅଖଣ୍ଡ ଦୀପ ଲଗାଯାଇଛି। ତାହା ୧୨ ହେବ ଜଳୁଛି।

### କାର୍ଯ୍ୟରେ ଯୋଗଦେଲେ ନୂତନ ତହସିଲଦାର

ଡାବୁଗାଁ, ୨।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାରଭାବେ ଗୀତା ମୁର୍ମୁ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ବାଲେଶ୍ୱର ଡେପୁଟି




ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବତନ ତହସିଲଦାର ହରିଓମ ଭୋଇ ତାଲିମ ପାଇଁ ଭୁବନେଶ୍ୱର ଯିବା ପରେ ଉକ୍ତ ପଦବୀ ଖାଲି ପଡିଥିଲା। ବର୍ତ୍ତମାନ ପୂର୍ବତନ ତହସିଲଦାର ହରିଓମ ଭୋଇଙ୍କର ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନରଭାବେ ନିଯୁକ୍ତି ହୋଇଥିବା ସୂଚନା ମିଳିଛି।

# ଦାବି ପୂରଣ ନ ହେଲେ ସମୂହ ଇସ୍ତଫା ଚେତାବନୀ

## ଭାରପ୍ରାପ୍ତ ସରପଞ୍ଚ ପଦବୀ ରଦ୍ଦ ଦାବି

■ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଜଣାଇଲେ ୱାର୍ଡ ମେମ୍ବର

ନବରଙ୍ଗପୁର, ୨।୬(ସଦାଶିବ ପ୍ରହରାଜ)



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ୱାର୍ଡସଭ୍ୟମାନେ।

ଜଣେ ୱାର୍ଡ ସଭ୍ୟଙ୍କୁ ଦିଆଯାଇଥିବା ଭାରପ୍ରାପ୍ତ ସରପଞ୍ଚ ପଦବୀ ରଦ୍ଦ କରିବାକୁ ସୋମବାର ନବରଙ୍ଗପୁରଠାରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ତେନ୍ତୁଳିଖୁଣ୍ଟି ବ୍ଲକ୍ ମଞ୍ଚାଗାଁ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବରମାନେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଭାରପ୍ରାପ୍ତ ସରପଞ୍ଚ ଚୟନ ବା ପ୍ୟାନେଲ ଲିଷ୍ଟ ତିଆରି କରିବା ନେଇ ମଧ୍ୟ ସେମାନେ ଜଣାଇଛନ୍ତି।

ମଞ୍ଚାଗାଁ ସରପଞ୍ଚ ସବା ସାନ୍ତାଙ୍କ ପରଲୋକ ଓ ନାଏବ ସରପଞ୍ଚ ସରକାରୀ ଚାକିରି ପାଇବା ପରେ ଏହି ୨ଟି ସ୍ଥାନ ଖାଲି ପଡ଼ିଥିଲା। ଉକ୍ତ ପଦବୀ ନିମନ୍ତେ ଓଡ଼ିଶା ଗ୍ରାମପଞ୍ଚାୟତ ନିର୍ବାଚନ ଆଇନ ୧୯୬୪ ଧାରା ୨୧ (୪) ପ୍ରକାରେ ଉପଜିଲାପାଳ, ଗ୍ରାମପଞ୍ଚାୟତ ଅଧିକାରୀ, ବିଡିଓ, ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ହିଁ ଭାରପ୍ରାପ୍ତ ସରପଞ୍ଚ କିମ୍ବା ପ୍ୟାନେଲ ଲିଷ୍ଟ ତିଆରି କରିବା କଥା। କିନ୍ତୁ ସେପରି ନ କରାଯାଇ ଜଣେ ୱାର୍ଡ ସଭ୍ୟଙ୍କୁ ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ଭାବେ ମନୋନୀତ କରାଯାଇଛି। ଏହାକୁ ଅନ୍ୟ ୱାର୍ଡସଭ୍ୟମାନେ ବିରୋଧ କରୁଥିବା ଜିଲାପାଳଙ୍କଠାରେ ଲିଖିତଭାବେ ଅଭିଯୋଗ କରାଯାଇଛି। ଏ ବିଷୟରେ ୱାର୍ଡ ସଭ୍ୟାସଭ୍ୟ ଜାଣିବାର ବା ଚୟନ କରିବାର କୌଣସି ଅଧିକାର ନାହିଁ କି ବୋଲି ପ୍ରଶ୍ନ କରିଛନ୍ତି। ୨୦୧୫-୧୬ରେ ପୂର୍ବତନ ସରପଞ୍ଚ ଓ ନାଏବ ସରପଞ୍ଚ ଅନାସ୍ଥା ପ୍ରସ୍ତାବରେ ହାରିଗଲେ। ପରେ ପୂର୍ବତନ ଜିଲାପାଳ, ଉପଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ, ବିଡିଓ ସମସ୍ତେ ଗୋଟିଏ ସପ୍ତାହ ଆଗରୁ ନୋଟିସ ଦେଇ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ହିଁ ଭାରପ୍ରାପ୍ତ ସରପଞ୍ଚ ଓ ପ୍ୟାନେଲ ଲିଷ୍ଟ ତିଆରି କଲେ। ଏବେ କାହିଁକି ସମସ୍ତ ୱାର୍ଡମେମ୍ବରଙ୍କ ମୌଳିକ ଅଧିକାରକୁ ଅମାନ୍ୟ କରାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୱାର୍ଡ ସଭ୍ୟାସଭ୍ୟଙ୍କ ଦାବି ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏପରି କରା ନ ଗଲେ ଆଇନର ଆଶ୍ରୟ ନିଆଯିବା ସହ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ନିଜ ପଦରୁ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି।

## ୨୧ ବ୍ୟକ୍ତିଗତ, ୧୫ ସାମୂହିକ ଅଭିଯୋଗର ଶୁଣାଣି

ନବରଙ୍ଗପୁର, ୨।୬(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ପୂର୍ବାହ୍ନରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ (ସାଧାରଣ)ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୬ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୧ ବ୍ୟକ୍ତିଗତ ଓ ୧୫ ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୁଖ୍ୟତଃ ରାଶନ କାର୍ଡ, ଆବାସ ଗୃହ,ପାନୀୟ ଜଳ,ଆୟୁଷ୍ମାନ କାର୍ଡ, ବିଦ୍ୟୁତ୍ ଉପରେ ଥିଲା। ଏ ପର୍ଯ୍ୟନ୍ତ ପୂର୍ବ ସମସ୍ୟାର ସମାଧାନ ହୋଇ ନ ଥିବାରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ତାଗିଦ କରିଥିଲେ। ସମସ୍ୟା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ଜିଲାରେ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳାରେ ବିଭାଗୀୟ ପ୍ରଦର୍ଶନୀ ଓ ଅନ୍ୟ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି।



ଜିଲାପାଳ ଏକ ଅଭିଯୋଗ ଶୁଣୁଛନ୍ତି।

# ଘଟ ବାହାରିଲେ ହୁଏ ଭଲ ବର୍ଷା, ଫସଲ

## ମା ବୁଢ଼ୀ ଠାକୁରାଣୀଙ୍କ ଘଣ୍ଟଯାତ୍ରା ଆରମ୍ଭ

ପାପଡ଼ାହାଣ୍ଡି, ୨।୬ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ସୋମବାର ଆରମ୍ଭ ହୋଇଛି। ବାଦ୍ୟ ନୃତ୍ୟର ତାଳେ ତାଳେ ମାଙ୍କ ତିନୋଟି ଘଟ ବାହାରିଥିଲା। ନଅ ଦିନ ଧରି ଏହା ବିଭିନ୍ନ ଗ୍ରାମ ପରିକ୍ରମା କରିବ। ଏହି ଅସରରେ ଗ୍ରାମର ଲୋକମାନେ ଦୀପ, ଧୂପ ଓ ନୈବେଦ୍ୟ ଦେଇ ମା’ଙ୍କ ଘଟ ପୂଜାର୍ଚ୍ଚନା କରାଯାଇଥିଲା। ମାଙ୍କ ଘଟ ବାହାରିଲେ ଭଲ ବର୍ଷା ଓ ଫସଲ ଅମଳ ହେବ। ଲୋକ ମାନେ ନିରୋଗ ରହିବା ବିଶ୍ୱାସ ରହିଛି। ଶେଷ ଦିନରେ ଘଟ ମାଝୀଗୁଡା ପହଞ୍ଚିବା ପରେ ମାଙ୍କ ଘଟ ବିସର୍ଜନ ହେବ। ପ୍ରତ୍ୟେକ ଅଞ୍ଚଳରେ ଚୈତ୍ର ମାସରେ ଘଟ ଯାତ୍ରା ହେଉଥିବା ବେଳେ ପାପଡ଼ାହାଣ୍ଡିରେ ଜ୍ୟୋଷ୍ଠ ମାସରେ ଘଟ ଯାତ୍ରା ହେଉଥିବାରୁ ପ୍ରବଳ ଜନ ସମାଗମ ହୋଇଥାଏ। ସ୍ଥାନୀୟ ପୂଜା କମିଟି ପକ୍ଷରୁ ମନ୍ଦିର ସହ ତୋରଣ ଓ ଆଲୋକିକରଣ କରାଯାଇଛି। ପ୍ରତେକ ଦିନ ସନ୍ଧ୍ୟାରେ ମାଙ୍କ ଘଟ ଫେରିବା ବେଳେ ମହିଳା ଓ ପୁରୁଷ ମାନେ ଢେମସା ନାଚ ଓ ବାଦ୍ୟ ବଜାଇ ଆଣିଥାନ୍ତି।



ମା’ଙ୍କ ଘଟ ପୂଜାର୍ଚ୍ଚନା କରାଯାଉଛି।

## ବିଦ୍ୟୁତ୍ ସମସ୍ୟା ନେଇ ତଣ୍ଡାଗୁଡ଼ାବାସୀଙ୍କ ପ୍ରତିବାଦ

ପାପଡ଼ାହାଣ୍ଡି, ୨।୬ (ସ୍ୱପ୍ନଜିତ ପଟ୍ଟନାୟକ)

ପବନ ହେଲେ କରେଣ୍ଟ କଟାଯାଉଛି। ୨ ମାସ ହେଲା ରାତିରେ ବିଦ୍ୟୁତ୍ କାଟ ହେଉଛି। ଏହାର ପ୍ରତିବାଦ କରି ସୋମବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତଣ୍ଡାଗୁଡ଼ାବାସୀ ସ୍ଥାନୀୟ ଗ୍ରୀଡ୍ କାର୍ଯ୍ୟଳୟ ସମ୍ମୁଖରେ ହୋହଲ୍ଲା କରି ପ୍ରତିବାଦ ଜଣାଇଛନ୍ତି। ଘଟଣା ସ୍ଥଳରେ ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା ପହଞ୍ଚି ସମସ୍ୟା ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରିଥିଲେ।

ସୂଚନାନୁଯାୟୀ ତଣ୍ଡାଗୁଡ଼ାରେ ୨୦୦ ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଉପଭକ୍ତା ରହନ୍ତି। ପ୍ରତେକ ମାସରେ ବିଦ୍ୟୁତ ବିଲ ପୈଠ କରାଯାଉଥିବା ସତ୍ତ୍ୱେ ଦିନକୁ ୨ ଘଣ୍ଟା ମଧ୍ୟ ସେବା ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କରେଣ୍ଟ ନ ରହିବା ଫଳରେ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ, ପିଲାଙ୍କ ପାଠପଢ଼ା ଆଦିରେ ବାଧା ହେଉଛି। ରାତ୍ରିରେ ହିଂସ୍ର, ସରିସୃପ ଜନ୍ତୁଙ୍କ ଭୟ ରହୁଛି। ବହୁ ସମୟରେ ତଣ୍ଡାଗୁଡ଼ା ଗ୍ରାମରେ ଭାଲୁ ବୁଲିବା ଭୟ ରହୁଛି। ଏ ନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ସମାଧାନ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିବାଦ ପରେ ଘଟଣାସ୍ଥଳରେ କୌଣସି ବିଭାଗୀୟ ଅଧିକାରୀ ପହଞ୍ଚି ନ ଥିଲେ। ଘଟଣାସ୍ଥଳରେ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବା ସହ ଟେଲିଫୋନ୍‌ରେ ପାପଡାହାଣ୍ଡି ଏସ୍‌ଡିଓ ବ୍ରହ୍ମାନନ୍ଦ ସାହୁଙ୍କ ସହ ଯୋଗାଯୋଗ କରିଥିଲେ। ଗ୍ରାମବାସୀ ଲିଖିତ ଅଭିଯୋଗ ଦେବା ପରେ ତୁରନ୍ତ ସାମଧାନ କରାଯିବ ବୋଲି ଏସ୍‌ଡିଓ କହିଥିଲେ। ଉପାଧକ୍ଷ ନିଜସ୍ୱ ପ୍ରଚେଷ୍ଟାରେ ତୁରନ୍ତ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରିଥିଲେ।

## ରେଜାଙ୍ଗାଲା କଳସକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ପାପଡ଼ାହାଣ୍ଡି, ୨।୬(ସ୍ୱପ୍ନଜିତ ପଟ୍ଟନାୟକ)

୧୯୬୨ରେ ଚାଇନା ସହ ଯୁଦ୍ଧକରି ଶହୀଦ ହୋଇଥିବା ଅହୀର ଯାଦବଙ୍କ ଉଦ୍ଦେଶ୍ୟରେ ବାହାରିଥିବା ରେଜାଙ୍ଗାଲା କଳସକୁ ନବରଙ୍ଗପୁର ଜିଲା ପାପଡାହାଣ୍ଡିସ୍ଥିତ ଶହୀଦ ମିନାରଠାରେ ସୋମବାର ଯାଦବ ସମାଜ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଏକ ସୁସଜ୍ଜିତ ରଥ ଗ୍ରାମ ପରିକ୍ରମା କରିଥିଲା। ଶହୀଦ ମିନାରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ମାଟି ସଂଗ୍ରହ କରାଯାଇଥିଲା। ଅଖିଳ ଭାରତ ଯାଦବ ମହାସଭା, ଉତ୍କଳ ଯାଦବ ମହାସଭା ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିଶନ ଅହୀର ଯାଦବ ରେଜିମେଣ୍ଟ କରିବା ନେଇ ସମସ୍ତେ ଆହ୍ୱାନ କରିଥିଲେ। ୧୯୬୨ ଚାଇନା ସହ ଯୁଦ୍ଧ ହୋଇଥିଲା। ମିଶନ ଅହୀର ଯାଦବ ରେଜିମେଣ୍ଟ ୧୨୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହୋଇଥିଲେ। ଏହି ଶହୀଦ ମାଟି କଳସ ଭାରତ ପରିଭ୍ରମଣକରି ନଭେମ୍ବର ୧୮ ତାରିଖରେ ନୂଆଦିଲ୍ଲୀରେ ପହଞ୍ଚି ରେଜିମେଣ୍ଟ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପନା କରିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଜିଲା ପରିଷଦ ସଭ୍ୟା ଲିପିକା ମାଝୀ, ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ର, ଉମରକୋଟ ବିଧାୟକ ପ୍ରାର୍ଥୀ ସନରାଜ ଗଣ୍ଡ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ବି.ବିକାଶ ରାଓ, ଉତ୍କଳ ଯାଦବ ମହାସଭା ସଭାପତି ମନୋଜ ମହାକୁଡ, ଅବିଭକ୍ତ କୋରାପୁଟ ଜିଲା ସମ୍ପାଦକ ମୋତିରାମ ନାୟକ, ଯାଦବ ସମାଜ ସଦସ୍ୟଙ୍କ ସହ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।




ଶହୀଦ ମିନାରରେ ରେଜାଙ୍ଗାଲା କଳସ।

# ୭ ଲକ୍ଷ ଟଙ୍କାର ଧାନ ବିହନ ଜବତ

## ବିଭିନ୍ନ ଦୋକାନରେ କୃଷି ବିଭାଗର ଚଢ଼ାଉ

ନବରଙ୍ଗପୁର, ୨।୬(ସଦାଶିବ ପ୍ରହରାଜ)

ଜିଲାପାଳ ଶୁଭଙ୍କର ମହାପାତ୍ର ନିର୍ଦ୍ଦେଶରେ କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ନିରୀକ୍ଷଣ ଟିମ୍ ନବରଙ୍ଗପୁର ବ୍ଲକର ବିକ୍ରମପୁର, ସିନ୍ଧିଗାଁ, ବଡ଼ମସିଗାଁ, ଅଗ୍ନିପୁର, ତାରାଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ବିହନ ଓ ସାର ବ୍ୟବସାୟୀଙ୍କ ଦୋକାନରେ ସୋମବାର ଯାଞ୍ଚ କରିଛନ୍ତି। ନବରଙ୍ଗପୁର ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ, ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, କୃଷି ଜିଲା ଅଧିକାରୀ ଅନୀଲ କୁମାର ପ୍ରହରାଜ, ବ୍ଲକ କୃଷି ଅଧିକାରୀ ଅଭିଜିତ ପ୍ରଧାନ, ବିହନ ନୀରିକ୍ଷକ ପ୍ରଜ୍ଞାଲିପି ପୂଜାରୀ ପ୍ରମୁଖ ୧୦ ଟି ସାର ଓ ବିହନ ବ୍ୟବସାୟୀଙ୍କ ଦୋକାନରେ ଯାଞ୍ଚ କରିଥିଲେ। ନବରଙ୍ଗପୁର ନୀଳକଣ୍ଠେଶ୍ୱର ଟ୍ରେଡିଂ କମ୍ପାନୀ ପ୍ରୋପ୍ରାଇଟର ରାବଣା ରେଡ୍ଡୀଙ୍କ ଦୋକାନରୁ ଉଇଲଗ୍ରୋ କମ୍ପାନୀ ମକା ୫୦ ବ୍ୟାଗ ଓ ଧାନ ୨୦ ବ୍ୟାଗ, ଅସେନ ଆଗ୍ରିସାଇନ୍ସ ପ୍ରାଇଭେଟ୍ ଲିମିଟେଡର ଶଙ୍କର ଧାନ ୫ ବ୍ୟାଗ, ମୋଟ ୭୭ ବ୍ୟାଗ ଧାନ ବିହନ ଜବତ କରାଯାଇଛି। ଯାହାର ଅନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ। ୩ଟି ସାର ଆଉ ଗୋଟିଏ ବିହନ ଦୋକାନ ଲାଇସେନ୍ସ ରଦ୍ଦ ପାଇଁ ମଧ୍ୟ ଚିଠି କରାଯାଇଛି। ଯେକୌଣସି କମ୍ପାନୀର ବିହନକୁ ବିନା ଉତ୍ସ ପ୍ରମାଣପତ୍ରରେ ରଖିବାକୁ ଅନୁମତି ନଥିବା ସମସ୍ତ ବ୍ୟବସାୟୀଙ୍କୁ କୁହାଯାଇଛି।

## ଭୋଗରେ ବିଷ ମିଶାଇ ବଣ୍ଟାଯାଇଥିବା ଅଭିଯୋଗ

ନନ୍ଦାହାଣ୍ଡି, ୨।୬, (ପ୍ରତୀପ କୁମାର ଦାଶ)

ଗତ ୨୧ ତାରିଖରେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଏକମ୍ବା ଗ୍ରାମରେ ହୋଇଥିବା ବାଲିଯାତ୍ରାରେ ବିଷ ମିଶା ଭୋଗ ବଣ୍ଟା ଯାଇଥିଲା। ଫଳରେ ୩ ଜଣ ଗୁରୁତର ଥିବା ଅଭିଯୋଗ ନେଇ ଗାଁର ମାଧବ ଭତ୍ରା ସୋମବାର ଏକ ଲିଖିତ ଅଭିଯୋଗ ପତ୍ର ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ଏହାକୁ ଗ୍ରହଣ କରି ଅଭିଯୋଗର ତଦନ୍ତ କରିବେ ବୋଲି କହିଛନ୍ତି। ଅଭିଯୋଗକାରୀଙ୍କ ସୂଚନାନୁଯାୟୀ ବାଲିଯାତ୍ରାରେ ହୋଇଥିବା ଭୋଗରେ ଗାଁର ୫ ଜଣ ବିଷ ମିଶାଇଥିଲେ। ଉକ୍ତ ଭୋଗକୁ ମାଧବ ତାଙ୍କ ବାପା ଶିବ ଓ ଅନ୍ୟ ଜଣେ ବ୍ୟକ୍ତି କୃଷ୍ଣଙ୍କୁ ଦେଇଥିଲେ। ଭୋଗ ଖାଇବା ପରେ ସେମାନଙ୍କୁ ସ୍ୱାସ୍ଥ୍ୟ ଜନିତ ସମସ୍ୟା ହୋଇଥିଲା। ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ୨୮ ତାରିଖରେ ଡଙ୍ଗରଭେଜା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ମାରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ୬ ଅଭିଯୋଗକାରୀ ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି।

# କୃତ୍ରିମ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟ

■ ଅନାବାଦୀ ଜାଗା ଚିହ୍ନଟ କରି ଚାରାରୋପଣ ଅନୁମତି ଦେବା ଦାବି

■ ତହସିଲଦାରଙ୍କୁ ସରୁଗୁଡ଼ା ଗ୍ରାମବାସୀଙ୍କ ଦାବିପତ୍ର

ନନ୍ଦାହାଣ୍ଡି, ୨।୬, (ପ୍ରତୀପ କୁମାର ଦାଶ)

କୃତ୍ରିମ ଜଙ୍ଗଲ ସୃଷ୍ଟି ନେଇ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ପଞ୍ଚାୟତ ସରୁଗୁଡ଼ା ଗ୍ରାମବାସୀ ସୋମବାର ନନ୍ଦାହାଣ୍ଡି ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରୁଗୁଡ଼ା ମଉଜା ଅଧୀନ ସରକାରୀ ଆବାଦୀ, ଅନାବାଦୀ ଜାଗା ଚିହ୍ନଟକରି ସେଥିରେ ଚାରାରୋପଣ ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି।

ବର୍ତ୍ତମାନ ପ୍ରାୟ ସମସ୍ତ ସରକାରୀ ଜାଗା ଉପରେ କେତେଜଣ ଜମି ମାଫିଆଙ୍କ ଦୃଷ୍ଟି ରହିଛି। କିଛି ଜାଗାକୁ କବ୍‌ଜାକରି ଅପବ୍ୟବହାର କରାଯାଉଛି। ତେଣୁ ଗ୍ରାମ୍ୟ କମିଟିର ସଦସ୍ୟ ଆଲୋଚନାକରି ସମସ୍ତ ଜମିକୁ ଚିହ୍ନଟକରି କୃତ୍ରିମ ଜଙ୍ଗଲ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇ ତହସିଲଦାରଙ୍କୁ ଆବେଦନ କରାଯାଇଛି। ଏହି ପ୍ରୟାସ ଦ୍ୱାରା ହରିତ, ସୁସ୍ଥ ଓ ସୁନ୍ଦର ଗ୍ରାମ୍ୟ ପରିବେଶ ଗଠିତ ହେବା ସହ ଅନଧିକୃତ ବ୍ୟବହାର ବନ୍ଦ ହୋଇ ସରକାରୀ ରେକର୍ଡ ଅନୁଯାୟୀ ସମସ୍ତ ଜାଗା ସୁରକ୍ଷିତ ରହିପାରିବ ବୋଲି ଗ୍ରାମବାସୀ କହିଛନ୍ତି। ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନବେଳେ ଗ୍ରାମବାସୀ କୃଷ୍ଣଚନ୍ଦ୍ର ନାୟକ, ଦେବୀପ୍ରସାଦ ମହାପାତ୍ର, ଈଶ୍ୱର ଗୌଡ଼, ଦୟାନିଧି ମାଳି, ଅର୍ଜୁନ ଗୌଡ଼, ଗୋବିନ୍ଦ ନାୟକ, ଭୁବନେଶ୍ୱର ଦାସ, ଦିବାକର ମାଳି, ଚନ୍ଦ୍ର ମାଳି ଉପସ୍ଥିତ ଥିଲେ।



ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

# ୩୦୦ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍‌ର ତାଲିମ

## ଉମରକୋଟରେ ସନ୍ତରଣ ପ୍ରଶିକ୍ଷଣ ଶିବିର

ନବରଙ୍ଗପୁର, ୨।୬(ସଦାଶିବ ପ୍ରହରାଜ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର ଜିଲା ଉମରକୋଟ ସ୍ଥିତ ଏଜିଆର୍ ପ୍ରତିରକ୍ଷା ଓ ଶାରୀରିକ ଏକାଡେମୀରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯୁବପିଢ଼ିଙ୍କ ପାଇଁ ସନ୍ତରଣ ଓ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏମ୍‌ପିଙ୍କ ପ୍ରତିନିଧି ରାମ ନାୟକ, ଉମରକୋଟ ପୌରାଧକ୍ଷା ରାଧା ଭାତ୍ରା, ଏସ୍‌ଡିପିଓ ଶୁଭେନ୍ଦୁ ଶବର ପ୍ରମୁଖ ଉପସ୍ଥିତ ଥିଲେ। ପାଣିରେ ବୁଡ଼ି କୌଣସି ପ୍ରାଣହାନୀ ଜନିତ ଦୁର୍ଘଟଣାକୁ ଏଡାଇବା ନିମନ୍ତେ ରାଜ୍ୟ ସରକାରଙ୍କର ଏହି ପ୍ରୟାସ ଯୁବପିଢ଼ିଙ୍କ ପାଇଁ ଉପଯୋଗୀ ହେବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଜିଲା ପ୍ରକଳ୍ପ ଅଧିକାରୀ ଜରୁରୀକାଳୀନ ବିଭାଗ ହିମାଂଶୁ ଶେଖର ପଟନାୟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଝରିଗାଁ ତହସିଲଦାର ସୁମନ୍ତ ପାତ୍ର, ଡଃ ଅହମ୍ମଦ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୨ରୁ ୭ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ୧୦ ଦଳ, ମୋଟ ୩୦୦ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ଦେବେ। ଉମରକୋଟରେ ପୂର୍ବତନ ଅବସରପ୍ରାପ୍ତ ନୌସେନା ଅଧିକାରୀ ୩୪ ବର୍ଷୀୟ ଜି. ଗୋଲ୍ଡ ସ୍ମିଥ, ନିଜସ୍ୱ ଉଦ୍ୟମରେ ଏକ ସନ୍ତରଣ ଜଳାଶୟ ପ୍ରତିଷ୍ଠା କରି ବର୍ତ୍ତମାନ ପର୍ଯ୍ୟନ୍ତ ୧୪୪ ଛାତ୍ରୀଛାତ୍ରଙ୍କୁ ସନ୍ତରଣ ତାଲିମ ପ୍ରଦାନ କରିଛନ୍ତି। ଏହି ଅବସରରେ ସେନା ବାହିନୀରୁ ସଦ୍ୟ ଅବସର ଗ୍ରହଣ କରିଥିବା ସୁବେଦାର ମେଜର ସୁକାନ୍ତ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଜରୁରୀକାଳିନ ବିଭାଗୀୟ ଉପ ଅଧିକାରୀ ତ୍ରିପତି ବାଲାଜି ସାହୁଙ୍କ ସହ ଶାରୀରିକ ପ୍ରଶିକ୍ଷକ ଶିକ୍ଷକ ଏମ୍. ବିଜୟ କୁମାର, ପ୍ରଭାତ କୁମାର ପଟ୍ଟନାୟକ, ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ସାହୁ, ସପ୍ତମ ଭାରତୀୟ ସଂରକ୍ଷଣ ବାହିନୀ ଓଡ୍ରାଫ ଦଳ ହାବିଲଦାର ମହେଶ୍ୱର କଟ୍ରି, ମଙ୍ଗରାଜ ମହାଲି, ତପନ କୁମାର ସ୍ୱାଇଁ, ବାପିନା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବାପାଙ୍କ ସହ ମିଶି ସ୍ୱାମୀଙ୍କୁ ଛୁରି ଭୁସି ହତ୍ୟା କଲେ ସ୍ତ୍ରୀ

**ବଢ଼ିବାରେ ଲାଗିଛି ପାରିବାରିକ ହିଂସା। କୌଣସି ଘଟଣାକୁ ସହ୍ୟ କରିବାର ମାନସିକତା ଲୋକଙ୍କ ମଧ୍ୟରେ ଆଉ ଦେଖିବାକୁ ମିଳୁନାହିଁ। ଯାହାଫଳରେ ନିଜର ସମ୍ପର୍କୀୟଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି। ଗତ ୩ ଦିନ ତଳେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ଫରେଷ୍ଟର ଶିଶିର କୁମାର ସାହୁଙ୍କୁ ସ୍ତ୍ରୀ ଏବଂ ପୁଅ ପେଟ୍ରୋଲ୍ ଢାଳି ଜିଅନ୍ତା ଜାଳି ଦେଇଥିଲେ। ସୋମବାର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ରବିବାର ରାତିରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ସ୍ତ୍ରୀ ଓ ଶ୍ୱଶୁର(ବାପଝିଅ) ମିଶି ତାଙ୍କୁ ଏପରି ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ କାଳିଆ ସେଠୀ। ପୋଲିସ ମୃତଦେହ ଜବତ କରିଛି। ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ୱାମୀଙ୍କୁ ହତ୍ୟା କରିବାକୁ ସ୍ତ୍ରୀ ପଛାଇଲେ ନାହିଁ ବୋଲି ଅଭିଯୋଗ ହୋଇଛି।**

## ପରକୀୟା ପ୍ରୀତିକୁ ବିରୋଧ କରିବାରୁ ହତ୍ୟାକାଣ୍ଡ


ପୋଲିସ ତଦନ୍ତ କରୁଥିବା ବେଳେ ଅଭିମନ୍ୟୁ ଏତଲାପତ୍ର ଦେଉଛନ୍ତି।

କବିସୂର୍ଯ୍ୟନଗର, ୨।୬(କୃପାସିନ୍ଧୁ ସ୍ୱାଇଁ)

ଗୋବିନ୍ଦପୁର ଗ୍ରାମର କାଳିଆ ସେଠୀ ଗତ ୧୩ ବର୍ଷ ତଳେ ପୋଲସରା ଥାନା ଡିମ୍ବିରିଆ ଗ୍ରାମର ମୋଚିରାମ ସେଠୀଙ୍କ ଝିଅ ପୂଜା ସେଠୀଙ୍କୁ ଭଲ ପାଇ ବିବାହ କରିଥିଲେ । କିଛି ଦିନ ଭଲରେ ଚଳିବା ପରେ ଉଭୟଙ୍କ ମଧ୍ୟରେ ଅଶାନ୍ତି ଆରମ୍ଭ ହୋଇଥିଲା। ସ୍ୱାମୀ କାମ କରିବାକୁ ଯିବା ପରେ ପୂଜା ଅନ୍ୟ କାହା ସହ ଫୋନରେ ଦୀର୍ଘ ସମୟ ଧରି କଥା ହେଉଥିବା ଜାଣି କାଳିଆ ବାରଣ କରିଥିଲେ। ଏହାକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହୋଇଥିଲା। ଏପରି କି ଦୁଇଥର ବାଲିଛାଇ ଫାଣ୍ଡିରେ ଘଟଣା ପହଞ୍ଚି ସମାଧାନ ମଧ୍ୟ ହୋଇଥିଲା। ତଥାପି କଥା ସେତିକିରେ ସରି ନ ଥିଲା। ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଚିନ୍ତା କରିଥିଲେ ସ୍ତ୍ରୀ ଏବଂ ଶ୍ୱଶୁର। ଶେଷରେ କାଳିଆଙ୍କ ସ୍ତ୍ରୀ ପୂଜା ଓ ଶ୍ୱଶୁର ମୋଚିରାମ ପୁଅକୁ ହତ୍ୟା କରିଥିବା ବାପା ଅଭିମନ୍ୟୁ ସେଠୀ କହିଛନ୍ତି।

ଅଭିମନ୍ୟୁଙ୍କ ଅଭିଯୋଗ ଅନୁସାରେ, ଗତ ଫେବୃଆରୀ ମାସରେ ପୂଜା ବାପଘରକୁ ଯାଇ ଆଉ ଶାଶୁଘରକୁ ଫେରି ନ ଥିଲେ। ସେ ବାରମ୍ବାର ଫୋନରେ କାଳିଆଙ୍କୁ ଧମକଚମକ ଦେଉଥିଲେ। ଗତ ରବିବାର ରାତିରେ କାଳିଆ ଘରେ ଶୋଇଥିଲେ। ଘରର କବାଟ ଆଉଜା ହୋଇଥିଲା। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ପୂଜା ଓ ତାଙ୍କ ବାପା ଆସି ଛୁରିରେ କାଳିଆଙ୍କ ଛାତି ଏବଂ ହାତକୁ ଭୁସି ଫେରାର ହୋଇଯାଇଥିଲେ। ଖବର ପାଇ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଅଭିମନ୍ୟୁଙ୍କ ଅଭିଯୋଗ ଆଧାରରେ ପୋଲିସ ବିଏନ୍ଏସ୍ ଦଫା ୧୦୩(ହତ୍ୟା) ର ଏକ ମାମଲା(ନଂ. ୩୯୫/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବାପା ନିଜ ଝିଅର ସିନ୍ଦୂର ପୋଛିଦେବା ପରି ସ୍ୱର୍ଶକାତର ଘଟଣା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ମୃତ କାଳିଆଙ୍କ ୧୦ ବର୍ଷର ଏକ ପୁଅ ରହିଛି।

# ୫୦ ଲକ୍ଷ ଟଙ୍କାର ୨ ହାତୀଦାନ୍ତ ଜବତ, ଜଣେ ଗିରଫ

ବୌଦ୍ଧ,(ଅଜିତ କୁମାର ବାରିକ)/ ଭୁବନେଶ୍ୱର,୨।୬ (ସତ୍ୟଜିତ୍ ରାଉତ)


ଅଭିଯୁକ୍ତ ପ୍ରମୋଦ ପରିଡ଼ା ଧରିଥିବା ହାତୀ ଦାନ୍ତ।

## ବୌଦ୍ଧରେ ଏସ୍‌ଟିଏଫ୍ ଚଢ଼ାଉ

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ବୌଦ୍ଧରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କଠାରୁ ୫୦ଲକ୍ଷ ଟଙ୍କାର ଦୁଇଟି ହାତୀଦାନ୍ତ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ଚରଦା ଗ୍ରାମର ପ୍ରମୋଦ ପରିଡ଼ା (୪୫)। ଜବତ ହାତୀଦାନ୍ତ ମଧ୍ୟରେ ଗୋଟିଏ ୪୨ ଇଞ୍ଚ ଓ ଅନ୍ୟଟି ୪୮ ଇଞ୍ଚ ବୋଲି ଜଣାପଡ଼ିଛି। ବୌଦ୍ଧ-ସୋନପୁର ରୋଡ(ଜାତୀୟ ରାଜପଥ-୫୭)ର ତେଲିବନ୍ଧ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏସ୍‌ଟିଏଫ୍ ଟିମ୍ ବୌଦ୍ଧ ଫରେଷ୍ଟ ରେଞ୍ଜ ଅଧିକାରୀଙ୍କ ସହ ମିଳିତ ଚଢ଼ାଉରେ ଏହି ସଫଳତା ପାଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ବୌଦ୍ଧ ବନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ବନ ବିଭାଗ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରମୋଦ କିଛିଦିନ ହେଲା ହାତୀଦାନ୍ତ ଦୁଇଟିକୁ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିଲେ। ଏନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ପ୍ରମୋଦ ହାତୀଦାନ୍ତକୁ ନେଇ ଜାତୀୟ ରାଜପଥ ପାର୍ଶ୍ୱରେ ଯାଉଥିବାବେଳେ ମିଳିତ ଟିମ୍ ଚଢ଼ାଉ କରିଥିଲା। ତେବେ ହାତୀଦାନ୍ତ ଦୁଇଟି କେତେବର୍ଷ ହାତୀର ଓ କେଉଁ ହାତୀର ଦାନ୍ତ ତାହା ଜଣାପଡ଼ିନାହିଁ। ଏପରିକି ବହୁ ପୁରୁଣା ଦାନ୍ତ ବୋଲି ସନ୍ଦେହ କରାଯାଉଛି। ଏନେଇ ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର କହିଛନ୍ତି, ଜବତ ହାତୀଦାନ୍ତକୁ ଫରେନ୍‌ସିକ୍ ଲ୍ୟାବକୁ ପଠାଯାଇ ତଥ୍ୟ ହାସଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଲିଙ୍କ୍‌ରେ ଅନ୍ୟ କାହାର ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ ହେବାପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ହତ୍ୟାର ଡେମୋ ଦେଖାଇଲେ ଅଭିଯୁକ୍ତ ବୁଲୁ

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)

## ବିଲ୍ଡର ସସ୍ମିତ ବିଶ୍ୱାଳ ହତ୍ୟା ଘଟଣା

ଜମି ବିବାଦକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୧୧ରେ ଏୟାରଫିଲ୍ଡ ଥାନା ଅଞ୍ଚଳ ପ୍ରଧାନସାହି ନିକଟ କାଜୁ ଜଙ୍ଗଲରେ ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଚିନୁ(୪୭)ଙ୍କୁ ହତ୍ୟା ଘଟଣାରେ ପୋଲିସ ଅଧିକ ଖୋଳତାଡ଼ କରୁଛି। ଏହି ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଦେବଦତ୍ତ ପରିଡ଼ା ଓରଫ ବୁଲୁଙ୍କୁ ପୋଲିସ ହତ୍ୟାକାଣ୍ଡସ୍ଥଳକୁ ନେଇ ସୋମବାର କ୍ରାଇମ୍ ସିନ୍ ରିକ୍ରିଏଟ୍ କରିଛି। ବୁଲୁ ହତ୍ୟାକାଣ୍ଡ ପରେ ଫେରାର ହୋଇଯାଇଥିଲେ। ସେ ଗତ ୨୭ ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପୋଲିସ ତାଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାରେ ଲାଗିଛି। ବୁଲୁଙ୍କୁ ପୋଲିସ ଟିମ୍ କାଜୁଜଙ୍ଗଲକୁ ନେଇଥିଲା। ବୁଲୁ ହାତଠାରି ହତ୍ୟାର ଡେମୋ ଦେଖାଇଥିଲେ। ଏଥିସହ ହତ୍ୟାରେ ବ୍ୟବହୃତ ବାଡ଼ିକୁ ସେ ଯେଉଁଠି ଫିଙ୍ଗିଥିଲେ, ଉକ୍ତ ସ୍ଥାନ ଚିହ୍ନାଇଥିଲେ। ପୋଲିସ ସେଠାରୁ ଉକ୍ତ ବାଡ଼ିକୁ ଜବତ କରିଛି।

ଏୟାରଫିଲ୍ଡ ଥାନାଧିକାରୀ ଶଶିକାନ୍ତ ରାଉତ କହିଛନ୍ତି, କେମିକାଲ୍ ଟେଷ୍ଟ ପାଇଁ ଜବତ ବାଡ଼ିକୁ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଯିବ। ଏହି ମାମଲାରେ ଗତ ମାର୍ଚ୍ଚ ୧୨ରେ ହୋମଗାର୍ଡ ସୁକାନ୍ତ ବେହେରାଙ୍କ ସମେତ ୪ଜଣ ଗିରଫ ହୋଇ ଜେଲରେ ଥିବାବେଳେ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ତେବେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଟୁଲୁ ମହାନ୍ତିଙ୍କ ସମେତ ୮ରୁ ୯ ଜଣ ଅଦ୍ୟାବଧି ଫେରାର ଅଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଜମି ବ୍ୟବସାୟରେ ସସ୍ମିତଙ୍କ ପାର୍ଟନର ଥିଲେ ଟୁଲୁ। କିଛିମାସ ତଳେ ପ୍ରଧାନସାହି ମୌଜାରେ ସସ୍ମିତ ଏକ ବଡ଼ ଜମି କିଣିଥିଲେ। ଉକ୍ତ ଜମିକୁ ଲାଗି ହୋମଗାର୍ଡ ସୁକାନ୍ତଙ୍କ ଏକ ପ୍ଲଟ୍ ଥିବା ବେଳେ ସେଥିରୁ ସସ୍ମିତଙ୍କୁ ରାସ୍ତା ଦେବେ ବୋଲି ଏଗ୍ରିମେଣ୍ଟ ହୋଇଥିଲା। ଏଥିପାଇଁ ସୁକାନ୍ତ ଲକ୍ଷାଧିକ ଟଙ୍କା ଦାବି କରି ନେଇଥିଲେ। ହେଲେ ଟୁଲୁଙ୍କ କଥାରେ ପଡ଼ି ସୁକାନ୍ତ ଆଉ ଧରା ଛୁଆଁ ଦେଇ ନ ଥିଲେ। ସସ୍ମିତ ସେଠାରେ ରାସ୍ତା ସହ ପାଚେରି କରିବା ବେଳେ ସୁକାନ୍ତ ଓ ଟୁଲୁ ବିରୋଧ କରିଥିଲେ। ଘଟଣା ଦିନ ସକାଳେ ସସ୍ମିତ ସ୍କୁଟି ଯୋଗେ ସେଠାକୁ ଯାଇଥିବାବେଳେ ସୁକାନ୍ତ, ଟୁଲୁ, ବୁଲୁ ଓ ଅନ୍ୟମାନେ ତାଙ୍କୁ ପିଟି ହତ୍ୟା କରିଥିଲେ।

## ଡକାୟତି ଯୋଜନା ବେଳେ ଚଢ଼ାଉ

# ୬ ଆନ୍ତଃରାଜ୍ୟ ଡକାୟତ ଗିରଫ

ବନ୍ଧମୁଣ୍ଡା/ରାଉରକେଲା,୨।୬ (ସୁବ୍ରତ ଡେ/ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବନ୍ଧମୁଣ୍ଡା ମଶାଣି ନିକଟସ୍ଥ ପ୍ରେମନଗର ଖେଳପଡ଼ିଆରେ ରବିବାର ବିଳମ୍ବିତ ରାତିରେ ଡକାୟତିଯୋଜନା କରୁଥିବାବେଳେ ପୋଲିସ ଏକ ଡକାୟତ ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଟୁ ତନ୍ତି (୨୬), ଅଂଶୁ କୁମାର (୨୧), ୱାଇ. କ୍ରିଷ୍ଣା(୨୬), ଅଜୟ ପଟ୍ଟନାୟକ(୩୦), ବିବେକ ମୋଦକ(୩୬) ଏବଂ ଅତନୁ ମୁଖୀ(୪୩)। ଏ ନେଇ ବନ୍ଧମୁଣ୍ଡା ଥାନାରେ ଏକ ମାମଲା (ନଂ.୧୨୫/୨୫) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କଠାରୁ ୪ଟି ଦେଶୀ ପିସ୍ତଲ, ଗୋଟିଏ ଦେଶୀ ରିଭଲବର, ୪ଟି ଖାଲି ମାଗାଜିନ୍, ୧୫ ଜୀବନ୍ତ ଗୁଳି, ଦୁଇଟି ଖଣ୍ଡା, ଗୋଟିଏ ରଡ୍, ଗୋଟିଏ ଟର୍ଚ୍ଚ, ୫ଟି ମୋବାଇଲ୍ ଫୋନ୍ ଏବଂ ୬ଟି ଖାଲି ବିୟର ବୋତଲ ଜବତ କରାଯାଇଛି। ଏ ନେଇ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ବନ୍ଧମୁଣ୍ଡା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

ଅତିରିକ୍ତ ଏସ୍‌ପି ମିଶ୍ର ସୂଚନା ଦେଇ କହିଲେ, ରବିବାର ବିଳମ୍ବିତ ରାତିରେ ବନ୍ଧମୁଣ୍ଡା ମଶାଣି ନିକଟସ୍ଥ ପ୍ରେମନଗର ଖେଳପଡ଼ିଆରେ ଅଭିଯୁକ୍ତମାନେ ସଶସ୍ତ୍ର ଡକାୟତିପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ବନ୍ଧମୁଣ୍ଡା ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିଥିଲା। ଡକାୟତ ଗ୍ୟାଙ୍ଗ୍‌ର ମୁଖ୍ୟ ବିଟୁ ଚୋରି, ଡକାୟତି, ହତ୍ୟା, ଆକ୍ରମଣ ଏବଂ ମହିଳା ବିରୋଧୀ ଅପରାଧ ସମେତ ମୋଟ ୩୪ରୁ ଅଧିକ ମାମଲାରେ ଜଡ଼ିତ ଅଛନ୍ତି। ସେହିପରି ପୂର୍ବରୁ ଅଂଶୁଙ୍କ ନାଁରେ ବ୍ରାହ୍ମଣୀତରଙ୍ଗ ଥାନାରେ ଗୋଟିଏ, ଅଜୟଙ୍କ ନାଁରେ ବନ୍ଧମୁଣ୍ଡା ଥାନାରେ ୨ଟି, ଅତନୁଙ୍କ ନାଁରେ ବିସ୍ରା ଥାନାରେ ଗୋଟିଏ ଆପରାଧିକ ମାମଲା ରହିଛି। ଏହି ଡକାୟତ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଝାଡ଼ଖଣ୍ଡ ଏବଂ ବିହାରରୁ ବେଆଇନ ଅସ୍ତ୍ରଶସ୍ତ୍ର କିଣି ବନ୍ଧମୁଣ୍ଡା ଏବଂ ରାଉରକେଲା ଅଞ୍ଚଳକୁ ଚୋରାଚାଲାଣ କରୁଥିଲେ। ଦୀର୍ଘଦିନ ଧରି ଅଞ୍ଚଳରେ ସକ୍ରିୟ ରହି ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିଲେ। ଏହି ଚଢ଼ାଉରେ ଏସ୍‌ଆଇ ମନୋଜ ବାରା, ସିଦ୍ଧାର୍ଥ ପ୍ରଧାନ, ଅର୍ଜୁନ ସେଠୀ, ଏଏସଆଇ ରତ୍ନାକର ମୁଣ୍ଡା ପ୍ରମୁଖ ସାମିଲ ଥିଲେ। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ଉପସ୍ଥିତ ଥିଲେ।

## BUSINESS

# ଦୁଇଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

**୨୦୨୫-୨୬ ଆର୍ଥିକବର୍ଷରେ ୪ରୁ ୭% ବୃଦ୍ଧି ଆକଳନ**

ନୂଆଦିଲ୍ଲୀ,୨।୬:



କ୍ରମାଗତ ଭାବେ ଘରୋଇ ବଜାରରେ ଦୁଇଚକିଆ ଯାନ ବିକ୍ରିରେ ବୃଦ୍ଧି ପରିଲକ୍ଷିତ କରାଯାଉଛି। ଏପରି କି ୨୦୨୪ ପାର୍ବଣଠାରୁ ଦୁଇ ଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ବିଶେଷ କରି ଦେଶର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନର ବିକ୍ରି ପରିମାଣ ଅଟୋ ଶିଳ୍ପର ମାସିକ ଯାନ ବିକ୍ରି ଫଳାଫଳରୁ ସ୍ପଷ୍ଟ ଜଣାପଡିଛି। ଅପରପକ୍ଷରେ ଦୁଇ ଚକିଆ ଯାନ ବ୍ରାଣ୍ଡ ବଜାଜ, ଟିଭିଏସ, ହିରୋ, ହୋଣ୍ଡା, ସୁଜୁକି, ରୟାଲ ଏନ୍‌ଫିଲ୍ଡ, ୟାମାହା ଏବଂ ଅନ୍ୟ ପ୍ରମୁଖ ଦୁଇ ଚକିଆ ଗାଡ଼ିର ଚାହିଦା ଓ ବଜାର ଆବଶ୍ୟକତା ବୃଦ୍ଧି ପାଇଛି। ସେହିଭଳି ଦୁଇ ଚକିଆର ଦର ଓ ଅଫର ସାଙ୍ଗକୁ ଆବଶ୍ୟକ ସୁବିଧା ଓ ସରଞ୍ଜାମ ସହଜରେ ଉପଲବ୍ଧ ହେଉଥିବାରୁ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଗ୍ରାହକ ଦୁଇ ଚକିଆ ଯାନର ବ୍ୟବହାର ଓ କ୍ରୟକୁ ସର୍ବାଧିକ ପସନ୍ଦ କରୁଛନ୍ତି। ଏପରି କି ଗାଡି ବିକ୍ରି ପରବର୍ତ୍ତୀ ସେବା ଓ ସହଜରେ ଗାଡିର ଆବଶ୍ୟକ ସେବା ଓ ସୁବିଧା ଉପଲବ୍ଧ ହେଉଥିବାରୁ ଗ୍ରାହକ ଦୁଇ ଚକିଆ ଯାନକୁ ବେଶି ପସନ୍ଦ କରୁଥିବାବେଳେ ଉପଭୋକ୍ତ (ଗ୍ରାହକ)ଙ୍କର ଆବଶ୍ୟକତା ମଧ୍ୟ ପୂରଣ ହୋଇପାରୁଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଚକିଆ ଯାନର ଚାହିଦା ବୃଦ୍ଧି ସାଙ୍ଗକୁ ଏହି ଅବଧି ମଧ୍ୟରେ ୪ରୁ ୭% ଗାଡି ବିକ୍ରି ବୃଦ୍ଧିର ଆକଳନ ଶିଳ୍ପ ପକ୍ଷରୁ କରାଯାଉଛି। ଏପରି କି ଆଉ କିଛି ମାସ ପରେ ପାର୍ବଣ ଋତୁ ସାଙ୍ଗକୁ ଅନ୍ୟାନ୍ୟ ମହୋତ୍ସବ ଆସିବ। ଅପରପକ୍ଷରେ ୨୦୨୫-୨୬ରେ ଉପରୋକ୍ତ ବ୍ରାଣ୍ଡର ନୂଆ ମଡେଲ ବଜାର ପ୍ରବେଶ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶିଳ୍ପ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୭ (୭୭.୨୬) ପଏଣ୍ଟ ହ୍ରାସ ଘଟି ୮୧,୩୭୪ (୮୧,୩୭୩.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୪ (୩୪.୧୦) ପଏଣ୍ଟ କମି ୨୪,୭୧୭ (୨୪,୭୧୬.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଶୈଲେଶ ଏଫ୍ଏଆଇର ନୂଆ ଅଧ୍ୟକ୍ଷ

ଭୁବନେଶ୍ୱର,୨।୬


ଶୈଲେଶ ସି. ମେହଟା

ଫର୍ଟିଲାଇଜର ଆସୋସିଏଶନ ଅଫ୍ ଇଣ୍ଡିଆ(ଏଫଏଆଇ)ର ନୂଆ ଅଧ୍ୟକ୍ଷ ଭାବେ ଉଦ୍ୟୋଗପତି ଶୈଲେଶ ସି. ମେହଟା ନିର୍ବାଚିତ ହୋଇଛନ୍ତି। ଏପରିକି ଏହି ଶିଳ୍ପରେ ଚାରି ଦଶନ୍ଧିରୁ ଅଧିକ କାଳ ଅଭିଜ୍ଞତା ଥିବା ମେହଟା ମଧ୍ୟ ଫର୍ଟିଲାଇଜର ଆସୋସିଏଶନ ଅଫ ଇଣ୍ଡିଆ(ପଶ୍ଚିମାଞ୍ଚଳ)ର ଚେୟାରମ୍ୟାନ ଭାବେ ୫ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ସେହିଭଳି ଦୀପକ ଫର୍ଟିଲାଇଜର୍ସ ଆଣ୍ଡ ପେଟ୍ରୋକେମିକାଲ୍ସ କର୍ପୋରେଶନ ଲିମିଟେଡ ଏବଂ ମହାଧନ ଏଗ୍ରିଟେକ ଲିମିଟେଡର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଶୈଲେଶ ସି. ମେହଟାଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି।

ଏହି ପରିପ୍ରେକ୍ଷୀରେ ମେହଟା କହିଥିଲେ, ଭାରତର ଖାଦ୍ୟ ନିଅଣ୍ଟିଆ ସ୍ଥିତିରୁ ବୈଶ୍ୱିକ କୃଷି ରପ୍ତାନିକାରୀ ଭାବେ ଯାତ୍ରା ଉଲ୍ଲେଖନୀୟ ହୋଇଛି। ଏହି ଯାତ୍ରାରେ ସାର ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ନିରନ୍ତର ଜାରି ରଖିଛି ଏବଂ ସମ୍ପ୍ରତି ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଅଧିକ ସନ୍ତୁଳିତ ଏବଂ ପୋଷକ-ଭରପୂର ସାର ଉପରେ ଦୃଷ୍ଟିନିବଦ୍ଧ କରୁଛି। ସରକାର, ଶିଳ୍ପ ଏବଂ ଆମ କୃଷକଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟକରିବାକୁ ନେଇ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ବିଶେଷକରି ବିଶ୍ୱ ମାନଚିତ୍ରରେ ଭାରତୀୟ କୃଷକ ଏବଂ କୃଷି ଉତ୍ପାଦିକତାକୁ ଉଚ୍ଚତର ସୋପାନକୁ ନେଇଯିବାରେ ଏକ ରୂପାନ୍ତରଣକାରୀ ଭୂମିକା ନିର୍ବାହ କରୁଛି। ଗତ ଦୁଇ ଦଶନ୍ଧିରେ ଭାରତର କୃଷି ଉତ୍ପାଦନ ଅଭିବୃଦ୍ଧିରେ ୬୦% ଏବଂ ଉଦ୍ୟାନକୃଷି ଉତ୍ପାଦନରେ ୪୦% ଅଭିବୃଦ୍ଧି ହାସଲ କରିବାରେ ସାର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ପୁରୀ ରଥଯାତ୍ରା ସେବାରେ ଭାରତୀୟ ବ୍ରାଣ୍ଡ୍‌ର ସମର୍ଥନ

ଭୁବନେଶ୍ୱର,୨।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୁରୀ ରଥଯାତ୍ରାରେ ଚାଏପାନି ସାମିଲ ହେଉଛି। ଏପରିକି ଜିଲା ପ୍ରଶାସନ ନିର୍ଦ୍ଦେଶରେ ଚାଏପାନିକୁ ବ୍ରାଣ୍ଡ୍-ନେତୃତ୍ୱ ଏବଂ ସାମାଜିକ ପଦକ୍ଷେପଗୁଡ଼ିକର ସମନ୍ୱୟ ପାଇଁ ନିଯୁକ୍ତ କରାଯାଇଛି। ଅପରପକ୍ଷରେ ଚଳିତ ବର୍ଷର ପୁରୀ ରଥଯାତ୍ରା ବିଶ୍ୱାସ ଏବଂ କର୍ପୋରେଟ୍ ସଦ୍ଭାବନାର ଏକ ଅନନ୍ୟ ସଙ୍ଗମ ଦେଖିବାକୁ ଯାଉଛି। ପୁରୀ ଜିଲା ପ୍ରଶାସନ ଦ୍ୱାରା ଉତ୍ସାହିତ ହୋଇ ଅନେକ ଭାରତୀୟ ବ୍ରାଣ୍ଡ୍ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା କାର୍ଯ୍ୟରେ ସାମିଲହୋଇ ପବିତ୍ର ପୁରୀ ସହରକୁ ସେମାନଙ୍କର ସମର୍ଥନ ପ୍ରଦାନ କରୁଛନ୍ତି। ଏପରିକି ଭିତ୍ତିଭୂମି, ଡିଜିଟାଲ୍ ଏବଂ ସାର୍ବଜନୀନ ସେବା ସହାୟତାଠାରୁ ଆରମ୍ଭକରି ବହୁ ଲକ୍ଷ ଭକ୍ତଙ୍କ ପାଇଁ ଏକ ସୁଗମ ବ୍ୟବସ୍ଥା ଆୟୋଜନ କରାଯାଉଛି। ସେହିଭଳି ଆଧ୍ୟାତ୍ମିକ ସମୃଦ୍ଧ ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ବ୍ରାଣ୍ଡଗୁଡ଼ିକ ସେମାନଙ୍କର ସେବା ଏବଂ ସମ୍ବଳ ମଧ୍ୟ ପ୍ରଦାନ କରୁଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଉତ୍ତମ ଭିଡ଼ ପରିଚାଳନା ବ୍ୟବସ୍ଥା, ପାନୀୟ ଜଳ ଏବଂ ଛାଇ ଆଦିର ଉପଲବ୍ଧତାକୁ ଉନ୍ନତ କରିବା ସହିତ ଡିଜିଟାଲ୍ ସେବାଗୁଡ଼ିକୁ ସକ୍ଷମ କରିବା ଏବଂ ପୁରୀ ରଥଯାତ୍ରାରେ ସ୍ୱଚ୍ଛତା ଓ ସାମାଜିକ ସମ୍ପର୍କକୁ ଯୋଗଦାନ ଦେବା। ଏ ସମ୍ପର୍କରେ ଚାଏପାନିର ପ୍ରତିଷ୍ଠାତା ଶ୍ରୁତି ଚତୁର୍ବେଦୀ କହିଛନ୍ତି, ପୁରୀ ରଥଯାତ୍ରା ଏକ ଜୀବନ୍ତ ପରମ୍ପରା, ଯାହା ବହୁ ଲକ୍ଷ ଲୋକଙ୍କୁ ଭାବପ୍ରବଣ କରିଦିଏ। ଆମେ ପ୍ରତ୍ୟେକ ବ୍ରାଣ୍ଡ ଏବଂ କର୍ପୋରେଟ୍ ଉପସ୍ଥିତିକୁ ପ୍ରକୃତ ତୀର୍ଥ ମୂଲ୍ୟରେ ପରିଣତ କରିବା ଏବଂ ହିନ୍ଦୁ ଧର୍ମର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରୁଛୁ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଏପରି ବ୍ରାଣ୍ଡ ସହଭାଗିତା ଆଣିବା ଯାହା ରଥଯାତ୍ରାକୁ ଭକ୍ତମାନଙ୍କ ପାଇଁ ଏକ ଉତ୍ତମ ଅଭିଜ୍ଞତାରେ ପରିଣତ କରିଥାଏ।

ଏହି ସହଯୋଗିତାଗୁଡ଼ିକୁ ଉଦ୍ଦେଶ୍ୟମୂଳକ କରିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଚାଏପାନିକୁ ବ୍ରାଣ୍ଡ-ନେତୃତ୍ୱ ଏବଂ ସାମାଜିକ ପଦକ୍ଷେପଗୁଡ଼ିକର ସମନ୍ୱୟ ପାଇଁ ନିଯୁକ୍ତ କରାଯାଇଛି।

## ଜେଇଇ-ଆଡ୍‌ଭାନ୍ସଡ୍‌ରେ ଆଲେନର ବାଜିମାତ




ଭୁବନେଶ୍ୱର,୨।୬ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଲେନ (ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟ ପ୍ରାଇଭେଟ ଲିମିଟେଡ୍)ର ଛାତ୍ରୀଛାତ୍ରମାନେ ଜେଇଇ-ଆଡ୍‌ଭାନ୍ସଡ୍ ୨୦୨୫ର ଫଳାଫଳରେ ବାଜିମାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଆଇଟି କାନପୁର ପକ୍ଷରୁ ସୋମବାର ଜେଇଇ-ଆଡ୍‌ଭାନ୍ସଡ୍ ୨୦୨୫ର ଫଳାଫଳ ଘୋଷଣା କରାଯାଇଛି। ଏହି ଫଳାଫଳ ଅନୁଯାୟୀ ଆଲେନ ଉଭୟ ସର୍ବଭାରତୀୟସ୍ତର ଓ ଭୁବନେଶ୍ୱର ଓଡ଼ିଶାରେ ଉତ୍କୃଷ୍ଟ ଫଳାଫଳ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଆଲେନ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ସେଣ୍ଟର ଏବଂ ଷ୍ଟେଟ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ନେଇ ଆଲେନ ଭୁବନେଶ୍ୱରର କେନ୍ଦ୍ର ମୁଖ୍ୟ ରଜନୀଶ ଶ୍ରୀବାସ୍ତବ କହିଛନ୍ତି, ଆମେ ଆମର ଶ୍ରେଷ୍ଠ ଫଳାଫଳ ହାସଲ କରି ବେଶ୍ ଉତ୍ସାହିତ ଅଛୁ। ଆଲେନ ଭୁବନେଶ୍ୱର କେନ୍ଦ୍ରର ହଂସ ଦାରୁକା ଜେଇଇ-ଆଡ୍‌ଭାନ୍ସଡ୍ ୨୦୨୫ ଫଳାଫଳରେ ଅଲ୍ ଇଣ୍ଡିଆ ର୍‍ୟାଙ୍କ (ଏଆଇଆର) ୩୯ ହାସଲ କରିଛନ୍ତି। ସେହିପରି ଏହି କେନ୍ଦ୍ରରୁ ନବନୀତ ପ୍ରିୟଦର୍ଶୀ ଏଆଇଆର-୯୭, ସମନ ପୋଦ୍ଦାର ଏଆଇଆର-୭୧୧ ଏବଂ ଶ୍ରେୟସ ସାମନ୍ତରୀ ଏଆଇଆର-୧୦୦୦ ହାସଲ କରିଛନ୍ତି। ସେହିଭଳି ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟର ସିଇଓ ନୀତିନ କୁକ୍ରେଜା କହିଛନ୍ତି, ଆଲେନ କେବଳ ଅଲ୍ ଇଣ୍ଡିଆ ଟପ୍ପର୍ ସୃଷ୍ଟି କରିନାହିଁ ବରଂ ଟପ୍-୧୦ରେ ମଧ୍ୟ ୪ଟି ସ୍ଥାନ ହାସଲ କରିଛି। ଅପରପକ୍ଷରେ ଆଲେନର କୋଟା ସେଣ୍ଟର ଛାତ୍ର ଲଗାତର ୨ୟ ବର୍ଷ ପାଇଁ ଅଲ୍ ଇଣ୍ଡିଆ ଟପ୍ପର ତାଲିକାରେ ସାମିଲ ହୋଇଛନ୍ତି।

## ଏଏସ୍‌ଆଇଏର ୪ର୍ଥ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର,୨।୬

ଇନ୍‌ଫୋସିସ୍ ଫାଉଣ୍ଡେଶନର ବହୁ ପ୍ରତୀକ୍ଷିତ ପ୍ରତିଯୋଗିତା ଓ ଅଭିନବ କାର୍ଯ୍ୟକ୍ରମ ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡ୍ସ (ଏଏସ୍‌ଆଇଏ)ର ୪ର୍ଥ ସଂସ୍କରଣ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଇନ୍‌ଫୋସିସ୍‌ର ଜନହିତକାରୀ ଓ ସିଏସ୍‌ଆର୍ ଶାଖା 'ଇନ୍‌ଫୋସିସ୍ ଫାଉଣ୍ଡେଶନ' ପକ୍ଷରୁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଓ ଏଏସ୍‌ଆଇଏର ୪ର୍ଥ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭାରତରେ ସାମାଜିକ ଉଦ୍ଭାବନକୁ ତ୍ୱରାନ୍ୱିତ କରିବା ପ୍ରତି ଏହାର ପ୍ରତିଶ୍ରୁତିବଦ୍ଧତାକୁ ବଜାୟ ରଖି ଇନ୍‌ଫୋସିସ୍ ଫାଉଣ୍ଡେଶନ ଦେଶବ୍ୟାପୀ ଉଦ୍ଭାବନକାରୀ ଓ ସାମାଜିକ ଉଦ୍ୟୋଗୀମାନଙ୍କୁ ଏହି ଆୱାର୍ଡରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରିଛି। ସେହିଭଳି ଏଏସ୍‌ଆଇଏ-୨୦୨୫ ଭାରତ ଓ ବ୍ୟାପକସ୍ତରରେ ବଞ୍ଚିତ ସମୁଦାୟଗୁଡିକ ଉପରେ ଏକ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ଟେକ୍ନୋଲୋଜି-ଆଧାରିତ ସମାଧାନ ବିକଶିତ କରିଥିବା ବ୍ୟକ୍ତିବିଶେଷ, ଟିମ, ଏନ୍‌ଜିଓ ଓ ସାମାଜିକ ଉଦ୍ୟୋଗଗୁଡିକୁ ସ୍ୱୀକୃତି ଓ ପୁରସ୍କୃତ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଇନ୍‌ଫୋସିସ୍ ଫାଉଣ୍ଡେଶନ ମୋଟ ୨ କୋଟି ଟଙ୍କାର ପୁରସ୍କାର ରାଶି ସହିତ ପ୍ରତ୍ୟେକ ବିଜେତାଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛି। ଏ ସମ୍ପର୍କରେ ଇନ୍‌ଫୋସିସ୍ ଫାଉଣ୍ଡେଶନର ଟ୍ରଷ୍ଟି ସୁମିତ ବିରମାନି କହିଛନ୍ତି, ଏଏସ୍‌ଆଇଏ ମାଧ୍ୟମରେ ଆମେ ପରିବର୍ତ୍ତନକାରୀଙ୍କୁ ଚିହ୍ନଟ ଓ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନଗୁଡିକୁ ପରିଚାଳନା କରୁଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଘାଟିରେ ବସ୍ ଦୁର୍ଘଟଣା, ୩୦ ଆହତ




**ମାଲକାନଗିରି, ୨।୬(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସଦର ବ୍ଲକ ପାଣ୍ଡ୍ରିପାଣି ପଞ୍ଚାୟତ ବିଜାଘାଟି ଗ୍ରାମ ନିକଟରେ ଏକ ଘରୋଇ ବସ୍ ସୋମବାର ଦୁର୍ଘଟଣାଗ୍ରସ୍ତ ହୋଇ ୩୦ ଯାତ୍ରୀ ଆହତ ହୋଇଛନ୍ତି। ସକାଳ ପ୍ରାୟ ୯ଟାରେ ଶ୍ରୀ ବାଲାଜୀ ନାମକ ଏକ ଘରୋଇ ବସ୍ ହାଇଦ୍ରାବାଦ୍‌ରୁ ଭବାନୀପାଟଣାକୁ ମାଲକାନଗିରି ଦେଇ ଫେରୁଥିବା ବେଳେ ମାଲକାନଗିରିଠାରୁ ମାତ୍ର ୧୫ କି.ମି. ଦୂରରେ ଥିବା ବିଜାଘାଟି ଗ୍ରାମ ନିକଟ ଏକ ଛୋଟ ଘାଟି ଉପରେ ବସ୍ ଚଢୁଥିଲା। ଏହି ସମୟରେ ହଠାତ୍ ବ୍ରେକ୍ ଫେଲ୍ ହୋଇଯିବା ଫଳରେ ବସ୍‌ଟି ପଛକୁ ଆସି ମୁଖ୍ୟ ରାସ୍ତା କଡରେ ଥିବା ଏକ ଖାଲ ଭିତରକୁ ପଶି ଓଲଟି ପଡ଼ିଥିଲା। ଦୁର୍ଘଟଣା ସମୟରେ ବସ୍‌ରେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୩୦ ଆହତ ହୋଇଛନ୍ତି। ୧୬ ଜଣ ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡକାଇ ସମସ୍ତଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଘଟଣା ସମ୍ପର୍କରେ ପୋଲିସ ଖବର ପାଇ ସେଠାରୁ ସମସ୍ତଙ୍କୁ ଉଦ୍ଧାର କରିବା ସହ ଏ ନେଇ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।


ସୂଚନାଯୋଗ୍ୟ, ବ୍ରେକ୍ ଫେଲ୍ ହୋଇ ବସ୍‌ଟିପଛକୁଗଡ଼ିବାସମୟରେଚାଳକଡେଇଁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ସାଇକେଲ ଚାଳନା ବିଷୟରେ ଅବଗତ ହେବା ଜରୁରୀ

## ଆଜି ବିଶ୍ୱ ବାଇସାଇକେଲ ଦିବସ



ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଆମେ ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଖାଦ୍ୟପେୟ ବ୍ୟତୀତ ଯେଉଁ ପ୍ରମୁଖ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡୁଛି ତାହା ହେଉଛି ବ୍ୟାୟାମ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିବା, କିଛି ସମୟ ନିଜର ଶାରୀରିକ ସ୍ଥିତି ଅନୁସାରେ ବ୍ୟାୟାମ କଲେ ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ବ୍ୟାୟାମର ଆଉ ଏକ ଭାଗ ହେଉଛି ସାଇକେଲିଂ। ଆଜିକାଲି ଅନେକ ଏହାକୁ ଅନ୍ୟତମ ବ୍ୟାୟାମ ଭାବରେ ଗ୍ରହଣ କରିନେଇଛନ୍ତି। ଏପରି କି ସାଇକେଲ କ୍ଲବ୍ ଗଠନ କରାଯାଇ ଏହାର ମହତ୍ତ୍ୱକୁ ଆହୁରି ପ୍ରଚାର କରାଯାଉଛି। ଏ ନେଇ ଅଧିକ ଜନସଚେତନା ସୃଷ୍ଟିକରିବା ପାଇଁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ 'ବିଶ୍ୱ ବାଇସାଇକେଲ ଦିବସ' ଭାବରେ ପାଳନ କରାଯାଇ ଆସୁଅଛନ୍ତି। ଆମେରିକାରେ ରହି ସାମାଜିକ ବୈଜ୍ଞାନିକ ଭାବରେ କାର୍ଯ୍ୟ କରୁଥିବା ପୋଲାଣ୍ଡର ପ୍ରଫେସର ଲେସ୍‌ଜେକ୍ ସିବିଲିସ୍କି ପ୍ରଥମେ ଏଭଳି ଏକ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ଏପ୍ରିଲ ମାସରେ ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଏ ନେଇ ଏକ ଆଲୋଚନା ହୋଇଥିଲା। ତା'ପରେ ଏହାର ସଦସ୍ୟଗଣ ପ୍ରତିବର୍ଷ ଜୁନ୍ ୩ ତାରିଖକୁ 'ବିଶ୍ୱ ବାଇସାଇକେଲ ଦିବସ' ଭାବରେ ପାଳନ କରିବାକୁ ସହମତି ପ୍ରକାଶ କରିଥିଲେ। ସାଇକେଲ ଚାଳନା ଏକ ସହଜ ଏବଂ ସରଳ ବ୍ୟାୟାମ। ପ୍ରତିଦିନ କିଛି ସମୟ ଜଣେ ଯଦି ସାଇକେଲିଂ କରନ୍ତି, ତେବେ ତାହା ଶରୀର ପାଇଁ ଅନେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାର ଉପକାରିତା ବିଷୟରେ ସମସ୍ତେ ଅବଗତ ହେବା ନିହାତି ଦରକାର। ତେଣୁ ଏହି ଦିବସ ପାଳନ ସମୟରେ ଜନସାଧାରଣଙ୍କୁ ସାଇକେଲ ଚଲାଇବା ଏବଂ ତାହାର ଉପକାରିତା ବିଷୟରେ ସଚେତନ କରାଯାଇଥାଏ।



"ଗତ ୬-୭ବର୍ଷ ହେବ ସାଇକେଲିଂ କରୁଛି। ମୋ ପାଇଁ ଏହା ଭଗବାନ୍‌ଙ୍କ ଆଶୀର୍ବାଦ। ସାଇକେଲିଂର ବହୁତ ଆଡ୍‌ଭାଣ୍ଟେଜ୍ ରହିଛି। ସାଇକେଲିଂ କେବଳ ଏକ ବ୍ୟାୟାମ ନୁହେଁ, ଏହା ମାନସିକସ୍ତରରେ ଶାନ୍ତି ପ୍ରଦାନ କରିଥାଏ। ସାଇକେଲିଂ କରିବା ସମୟରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଏହାର ସମ୍ମୁଖୀନ ହେବା ସମୟରେ ନିଜର ଆତ୍ମବିଶ୍ୱାସ ବଢ଼ିବା ସହ ବହୁତ କିଛି ଶିଖିବାକୁ ମିଳିଥାଏ। ସେହିପରି କମ୍ ଖର୍ଚ୍ଚରେ ବହୁତ ନୂଆ ଜାଗା ଦେଖିବା, ସେଠାକାର ଲୋକଙ୍କ ସହିତ ମିଶିବାକୁ ସୁଯୋଗ ଦେଇଥାଏ।

- ସିପ୍ରା ହୋତା, ସାଇକେଲିଷ୍ଟ



"ପୂର୍ବରୁ ଆମ ଯାତାୟାତର ମୂଳ ଆଧାର ଥିଲା ସାଇକେଲ୍। ସମୟ ସହିତ ଜୀବନଶୈଳୀରେ ପରିବର୍ତ୍ତନ ହୋଇଛି। ଗାଡ଼ି ମୋଟର ଏବଂ ଅନ୍ୟାନ୍ୟ ଯାନବାହନ ଏବେ ସାଇକେଲ୍‌ର ସ୍ଥାନ ନେଇଥିଲେ ହେଁ ଆଜି ବି ଏହାର ସ୍ଥାନ ସ୍ୱତନ୍ତ୍ର ରହିଛି। ଏହା ଆମକୁ ଶାରୀରିକ ଏବଂ ମାନସିକ ଉଭୟ ସ୍ତରରେ ସୁସ୍ଥ ରଖିଥାଏ। ସାଇକେଲ ଦ୍ୱାରା ସହଜରେ ଓ ବିନା ଖର୍ଚ୍ଚରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା ସମ୍ଭବ ହୋଇଥାଏ। ପୁଣି ସାଇକେଲ ଚାଳନା ଦ୍ୱାରା ପରିବେଶ ପ୍ରଦୂଷଣର ଭୟ ନ ଥାଏ। ତେଣୁ ପ୍ରତ୍ୟେକ ଲୋକ ସପ୍ତାହରେ ଅତି କମ୍‌ରେ ଦିନଟିଏ ସାଇକେଲ୍‌ରେ ଯାତାୟାତ କରିବା ଆବଶ୍ୟକ।

- ସହଦେବ ସାହୁ, ସାଇକେଲିଷ୍ଟ

# ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨।୬(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲା ପୋଲିସ ନିକଟରେ ଦୁଇ ଦୁର୍ଦ୍ଦାନ୍ତ ଓ ୨୫ ଲକ୍ଷ ପୁରସ୍କାର ଘୋଷିତ ୬ ମାଓବାଦୀଙ୍କ ସହ ୧୬ ଜଣ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ମହିଳା ଓ ପୁରୁଷ ମାଓବାଦୀଙ୍କ ଉପରେ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର, ଜଣଙ୍କ ଉପରେ ୩ ଲକ୍ଷ ଓ ୩ ଜଣଙ୍କ ଉପରେ ୨ ଲକ୍ଷ ଲେଖାଏ ପୁରସ୍କାର ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରୁ ୮ ଲକ୍ଷ ପୁରସ୍କାର ଘୋଷିତ ରିତା ଓରଫ ଡଡି ସୁକ୍କୀ ଓ ରାହୁଲ ପୁନେମ ରହିଛନ୍ତି। ସେହିପରି ୩ ଲକ୍ଷ ପୁରସ୍କାର ଘୋଷିତ ଲେକାମ ଲଖମା, ୨ ଲକ୍ଷ ସୋଡି ତୁଲା, ତେଲାମ କେଶା, ୨ ଲକ୍ଷ ପୁରସ୍କାର ଘୋଷିତ ଡୁଡି ହୁରାଙ୍କ ସହ ଅନ୍ୟ ୧୦ଜଣ ସୋମବାର ଆତ୍ମସମର୍ପଣ କରିଛନ୍ତି।

ଏମାନେ ବିଭିନ୍ନ ହିଂସାରେ ଜଡ଼ିତ ଥିଲେ। ବର୍ତ୍ତମାନ ସରକାରଙ୍କ ପୁନର୍ବାସ, ଘରକୁ ଫେରିଆସ, ଛତିଶଗଡ଼ ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇଛନ୍ତି। ଏଥିସହ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ବେଳେ ନିରୀହ ଆଦିବାସୀଙ୍କୁ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ହତ୍ୟା କରୁଥିବାରୁ ଏଥିରେ ଅତିଷ୍ଠ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସୁକ୍‌ମା ପୋଲିସ ପକ୍ଷରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏସହାୟତାରାଶିପ୍ରଦାନକରାଯାଇଛି।

# ରାଜ୍ୟରେ କୋଭିଡ୍ ଆକ୍ରାନ୍ତ ସଂଖ୍ୟା ୧୫କୁ ବୃଦ୍ଧି

## ସତର୍କତା ରହିବା ସହ ଗହଳି ଜାଗାକୁ ନ ଯିବାକୁ ପରାମର୍ଶ

**ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)**

ରାଜ୍ୟରେ ଲଗାତାର୍ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟ ପ୍ରତିଦିନ ଏକାଧିକ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଗତ ୨୪ଘଣ୍ଟାରେ ରାଜ୍ୟରୁ ଆଉ ୩ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହେବା ସହ ଏହି ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ତେବେ ରାଜ୍ୟରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ରହିଛି ଓ ସଂଖ୍ୟା ଢେର ଅଧିକ ବଢ଼ିନି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଏବେ ଲକ୍ଷଣ ଦେଖାଦେଲେ କେବଳ ଗୁରୁତର ଆକ୍ରାନ୍ତଙ୍କ କୋଭିଡ୍ ପରୀକ୍ଷା କରାଯାଉଛି। ଯେତିକି ପରୀକ୍ଷା ହେଉଛି, ସେଥିରୁ ବହୁତ କମ୍ ପଜିଟିଭ ଆସୁଛି। ତେଣୁ ଅଯଥାରେ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସେହିପରି ଲୋକମାନେ ସତର୍କତା ଅବଲମ୍ବନ କରିବା ସହିତ ଗହଳି ଜାଗାକୁ ଯାଆନ୍ତୁ ନାହିଁ। ଆବଶ୍ୟକ ହେଲେ ମାସ୍କ ପିନ୍ଧିବା, ଗ୍ଲୋବ୍ସ ବ୍ୟବହାର କରିବା ଏବଂ ହାତ ଧୋଇବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଛି। ରଥଯାତ୍ରା ନେଇ ଖୁବ୍‌ଶୀଘ୍ର ପୁରୀରେ ସମୀକ୍ଷା ବୈଠକ ବସିବ। ଏଥିରେ ସ୍ୱାସ୍ଥ୍ୟ ବିଭାଗ ନିଜର ମତ ରଖିବ। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ ବୋଲି ଡା. ମିଶ୍ର କହିଛନ୍ତି।

# ସ୍ନାନପୂର୍ଣ୍ଣିମୀ ଯାଏ ଗରମ, ଗୁଳୁଗୁଳି

- ୩୯ ଡିଗ୍ରୀ ଉପରେ ୧୦ ସହର
- ୧୦ ପରେ ଲଘୁଚାପ ସୃଷ୍ଟି ସମ୍ଭାବନା

**ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)**

କିଛିଦିନର ଆଶ୍ୱସ୍ତି ପରେ ପୁଣି ଫେରିଛି ତାତି। ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ବାୟୁମଣ୍ଡଳରେ ଆର୍ଦ୍ରତା ରହୁଥିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ସେପଟେ ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗୁଆ ଓଡ଼ିଶା ଛୁଇଁଥିଲେ ମଧ୍ୟ ରାଜ୍ୟକୁ ପଶ୍ଚିମା ଶୁଷ୍କ ପବନ ବହିବା ଫଳରେ ମୌସୁମୀଜନିତ ବର୍ଷାରେ ବ୍ରେକ୍ ଲାଗିଛି। ଫଳରେ ତାପମାତ୍ରା ବଢ଼ି ଚାଲିଛି। ସ୍ନାନପୂର୍ଣ୍ଣିମୀ ପର୍ଯ୍ୟନ୍ତ ଗରମ ଗୁଳୁଗୁଳି ଲାଗି ରହିବ ଏବଂ ଦିନ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ଯାଏ ପହଞ୍ଚିବ। ତେବେ ୧୦ ତାରିଖ ପରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୪ରୁ ୫ଦିନ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ସୋମବାର ରାଜ୍ୟର ୧୦ ସହରର ତାପମାତ୍ରା ୩୯ ଡିଗ୍ରୀ ପାର୍ କରିଥିବାବେଳେ ବାଲେଶ୍ୱର ୩୯.୮ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ରାଜଧାନୀ ଭୁବନେଶ୍ୱର ରହିଥିବାବେଳେ ସହରର ସର୍ବୋଚ୍ଚ ତାପମାତ୍ରା ୩୯.୬ ଡିଗ୍ରୀ ଛୁଇଁଥିଲା। ଏଥିସହ ଆସନ୍ତା ୫ଦିନ ଅର୍ଥାତ୍ ଜୁନ୍ ୭ ପର୍ଯ୍ୟନ୍ତ ରାଜ୍ୟରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୪ ଓ ୫ ତାରିଖରେ ପ୍ରବଳ ଗରମ ଓ ଗୁଳୁଗୁଳି ହେବାର ସମ୍ଭାବନା ରହିଛି।

# କାରଖାନା ମାଲିକ, ଗାଡ଼ି ଚାଳକ ଗିରଫ

## ବିସ୍ଫୋରକ ଗାଡ଼ି ଜବତ ମାମଲା

**ରାଉରକେଲା, ୨।୬(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲାର ରଘୁନାଥପାଲି ଥାନା ଅଧୀନ ଦେଓଗାଁ ପେଟ୍ରୋଲ ପମ୍ପରେ ରବିବାର ଅପରାହ୍ନରେ ବିସ୍ଫୋରକ ଗାଡ଼ି ଜବତ ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିସ୍ଫୋରକ କାରଖାନା ମାଲିକ ଶ୍ରବଣ ଅଗ୍ରୱାଲ(୪୨) ଓ ଗାଡ଼ି ଚାଳକ ବିଶରା ସମଦ(୨୮)। ସୋମବାର ସନ୍ଧ୍ୟା ୬ଟାରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅପରପକ୍ଷେ ବିସ୍ଫୋରକ କାରଖାନାର ଆର୍ଥିକ ତନାଘନା ପାଇଁ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ବୁକ୍ସ ଅଫ୍ ଆକାଉଣ୍ଟ ଯାଞ୍ଚ କରାଯାଉଥିବା ଆସିଷ୍ଟାଣ୍ଟ କମିଶନର ଜଗଦୀଶ ସା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିସ୍ଫୋରକ ବୋଝେଇ ଗାଡ଼ି ଦସ୍ତାବିଜ୍ ଦେଖାଇ ନ ପାରିବାରୁ ତାକୁ ଜବତ କରାଯାଇଥିଲା। ଏଥିରେ ଗୋଟିଏ ପ୍ୟାକେଟ ଡେଟୋନେଟର ଏବଂ ୧୧୬ ଖଣ୍ଡ ଜିଲେଟିନ ରହିଥିଲା।

**Classified Everyday**
**0674-2580101, 9692975378**




**REAL ESTATE**
**SALE**

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

**ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834.** D-76266




Ground Floor single room attached toilet for office space at VSS Nagar. 7873657633. D-781




Full body massage by experience therapist with homely atmosphere. 9114559860. D-780

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact- 8280961126. D-76915

**AFFIDAVIT**

By virtue of an affidavit before Notary Public, Kendrapara, CF No.- 73AA476937 dtd- 31.05.2025, I have been recognized, indentifiied & known as Minati Behura, D/o- Lambodar Behura, At- Nimapur Sasan, P.O.- Nimapur (Pattamundai), Dist.- Kendrapara instead of Minati Das for all purposes. D-788

I, Karttik Dasamahapatra S/o Late Gangadhar Daitapati Resident of Matimanadap Sahi, Nabatakhana gali, P.S.- Puri Town, P.O./ Dist.- Puri, Odisha, PIN- 752001, declare by this affidavit No.- 04, dtd- 27.02.2025 that now onwards I shall be known as **KARTIK KUMAR DASMOHAPATRA** for all future purposes. D-786

By virtue of an affidavit sworn before Executive Magistrate, BBSR, dated- 02.06.2025, I Buli Choudhuri, Address: Vill- Jilunda, P.O.- Badapur, P.S.- Jarada, Dist.- Ganjam, Odisha, PIN- 761005, declare that I have changed my daughter's name from Yesmini Choudhuri to Jasmin Choudhuri. Henceforth, she shall be known as Jasmin Choudhuri for all purposes. D-783

I, Snigdha Rani Mohanty, W/o- Ashis Mohanty, resident of HIG- 30, Phase- 2, Gopabandhu Nagar, P.O./P.S.- Chhend, Rourkela, Dist.- Sundergarh, PIN- 769015, Odisha declare by this affidavit No.- 72AA 002332, dtd. 27.05.2025 that now onwards I shall be known as Snigdha Mohanty for all future purposes. D-791

I hereby declare that I will be named and identified as Manjulata Behera instead of Manjubala Behera, Village: Majhiakhanda, P.O.- Bhaliadihi, P.S.- Sarankul, Dist.- Nayagarh, PIN- 752092, Odisha. D-789

By virtue of an affidavit (No.-476), dated- 27.05.2025 sworn before Executive Magistrate, Rayagada, I, Lokesh Halwa, Address- 9th Lane, Ramkrushna Nagar, Rayagada, Odisha, PIN-765001, Aged 18 years declare that I have changed my name from Lokesha Halwa to Lokesh Halwa & D.O.B- 19.07.2007 to 19.07.2006. Henceforth, I shall be known as Lokesh Halwa for all purposes. D-785

I, Biswajit Sahoo, S/o- Subash Chandra Sahu, resident of Vill/P.O.- Habaspur, P.S.-Junagarh, Dist.- Kalahandi, (Odisha), PIN-766023 declare by this affidavit No.-350, dt. 14.05.2025 that now onwards I shall be known as BISWAJIT SAHU for all future purposes. D-794

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, BBSR, dated- 28.06.2025, I, Alok Das, Address- Alok Das Gangada Bandhamunda, Deriki, Naugaon, Jagatsinghpur declare that I have changed the name of my daughter's Aradhya Das to Subhashree Das. Henceforth, she shall be known as Subhashree Das for all purposes.
Alok Das D-782

By virtue of an affidavit sworn before the Notary, Balangir, No.-226, date 02.06.2025, I, Ahaladina Rana, W/o- Shibaram Rana, R/o. Village- Sihini, P.O.- Bahabal, P.S.- Belpada, Dist.- Balangir declare that I have changed my name from Ahaladina Rana to Allahadini Rana. Henceforth, I shall be known as Allahadini Rana for all purposes. D-793

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।

**LEGAL NOTICE**

NOTICE UNDER ORDER 5 RULE-20 OF C.P.C. READ WITH SECTION 372 OF INDIAN SUCCESSION ACT
IN THE COURT OF THE CIVIL JUDGE (SR.D.), DHENKANAL
Intestate case No.-4/2024
Minati Lenka & another ....Petitioners.
Versus
L.I.C. of India, Dhenkanal Branch ... Opp. Party

WHEREAS the Petitioners 1) Minati Lenka, W/o Lalit Kumar Lenka, 2) Lalit Kumar Lenka, S/o Late Kishore Lenka, both are of Village- Mahadia, P.O.- Belapada, P.S.-Motanga, Dist.- Dhenkanal have filed the above case for grant of succession certificate for getting the death claim amount of Rs. 1,00,000/- along with interest against the L.I.C. policy bearing No.- 588632477, dt-4.09.2009 opened in the name of deceased Sudeshna Manjari Lenka from the L.I.C. of India, Dhenkanal Branch. Sudeshna Manjari Lenka has been expired on 04.07.2010.

As such it is hereby noticed that if any body else having any interest or objection for grant of such certificate, he/she/they may contest the case in support of his/her/their claim and to appear before the court in person or through his/her/their pleader on this the 20th day of June, 2025 at about 10.30A.M. failing which the case will be heard and determined in his/her/their absence.

Given under my hand and seal of this Court, this 19th day of April 2025.
Sd./- Civil Judge (Sr.D.), Dhenkanal.
D-787

**ମନେ ପଡ଼ନ୍ତି**

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାରଦା ସାହୁ**
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଣ୍ଟୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ-୨୩।୦୭।୧୯୪୪
ତିରୋଧାନ- ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୬୦୬୦

ଫ୍ୟାଶନ

# ପୋଟ୍‌ଲୀ କ୍ଲଚ୍ ବ୍ୟାଗ୍

ପାର୍ଟିକୁ ଯାଉଥିଲେ ଭଲ ଡ୍ରେସ୍ ସାଙ୍ଗକୁ ଡିଜାଇନ୍ ବ୍ୟାଗ୍‌ଟିଏ ଧରିଲେ ତାହା ଏକ ଭିନ୍ନ ଲୁକ୍ ଦେଇଥାଏ। ଏସବୁ ସ୍ଥାନରେ କିଭଳି ବ୍ୟାଗ୍ କ୍ୟାରି କରିବେ ଜାଣିରଖନ୍ତୁ।

**ସାଇନଷ୍ଟୋନ୍ କ୍ରିଷ୍ଟାଲ ବ୍ୟାଗ୍:** ଏହି ଡିଜାଇନ ବ୍ୟାଗ୍ ଏତେ ସୁନ୍ଦର ଯେ ଆପଣଙ୍କ ହାତରେ ରହିଥିଲେ ବି ସମସ୍ତଙ୍କ ନଜର ପଡ଼ିବ। ବିଭିନ୍ନ ଷ୍ଟୋନ୍ ଲାଗି ଥିବାରୁ ଏହା ଚକମକ୍ ହୋଇଥାଏ। ଏହାକୁ ଆପଣ ଚାହିଁଲେ କାନ୍ଧରେ ପକାଇପାରିବେ ଓ ହାତରେ ମଧ୍ୟ ଧରିପାରିବେ। ଯଦି ସିଲ୍‌ଭର ଟଚ୍‌ଥିବା କୌଣସି ଡ୍ରେସ୍ କିମ୍ବା ଶାଢ଼ି





ପିନ୍ଧିଥିବେ ତା'ହେଲେ ଏହା ପୂରା ସୁଟ୍ କରିବ। ୱେଷ୍ଟର୍ନ ଓ ଏଥେନିକ୍ ଉଭୟ ଡ୍ରେସ୍‌ରେ କ୍ୟାରୀ କରିପାରିବେ।

**ମାର୍ବଲ କ୍ଲଚ୍:** ଏହା ଏତେ ସୁନ୍ଦର ଯେ ଏହାକୁ ଉଭୟ ମହିଳା ଓ ଯୁବତୀ ବ୍ୟବହାର କରିପାରିବେ। ଏହା ବିଭିନ୍ନ ରଙ୍ଗର ରହିଛି। ଗାଉନ, ଡ୍ରେସ୍ ଓ ୱେଷ୍ଟର୍ନ ସହ ଭଲ ଲାଗିବ। ଏହାର ହ୍ୟାଣ୍ଡେଲ ପର୍ଲ ଲୁକ୍‌ରେ ବହୁ ସୁନ୍ଦର ଦେଖାଯାଏ।

**ପର୍ଲ ବକେଟ ପୋଟଲୀ:** ମୋତି ଲାଗିଥିବା ଏହି ବକେଟ୍ ପୋଟଲୀ ବ୍ୟାଗ୍ ମଧ୍ୟ ବହୁତ ସୁନ୍ଦର। ଏହାର ହ୍ୟାଣ୍ଡେଲ ଓ ଷ୍ଟ୍ରେପ୍‌ରେ ସୁନ୍ଦର ଡିଜାଇନରେ ମୋତି ଲାଗିଥାଏ। ତେଣୁ ଏହା ଏକ ଲକ୍‌ଜୁରି ଲୁକ୍ ଦେବ।

**ବୋହୋ ଡେନିମ୍ କ୍ଲଚ୍:** ଏମ୍ବ୍ରୋଡୋରିର ପ୍ୟାଚ୍ ୱାର୍କ ଥିବା ଏହି ବ୍ୟାଗ୍ ବହୁତ ସୁନ୍ଦର। ଏହାକୁ ଫ୍ୟୁଜନ ଆଉଟ୍‌ଫିଟ୍ ସହ ବ୍ୟବହାର କଲେ ଅଧିକ ଭଲ ଲାଗିବ।

**ମେଟାଲିକ୍ ଓ ଏମ୍ବ୍ରୋଡୋରି ବକ୍ସ କ୍ଲଚ୍:** କୌଣସି ବିବାହ କିମ୍ବା ଅନ୍ୟ ପାର୍ଟିରେ ଏହାକୁ କ୍ୟାରୀ କରିପାରିବେ। ଏଥିରେ ବିଭିନ୍ନ ରଙ୍ଗର ମେଟାଲ ବ୍ୟବହାର କରାଯାଏ ଓ ଏମ୍ବ୍ରୋଡୋରି ଡିଜାଇନ ଖୁବ ଆକର୍ଷଣୀୟ। ଏହା ହୁକ୍ ଓ ଲୁପ୍ କ୍ଲୋଜର ହୋଇଥାଏ। ଏଥିରେ ହ୍ୟାଣ୍ଡେଲ କିମ୍ବା ଚେନ୍ ଲାଗିଥାଏ।

# ଉଚ୍ଚ ରକ୍ତଚାପ ଥିଲେ...

ସୁସ୍ଥ ଲାଇଫ୍‌ଷ୍ଟାଇଲ ସହ ଖାଦ୍ୟପେୟରେ ନିୟନ୍ତ୍ରଣ ରଖିପାରିଲେ ଉଚ୍ଚ ରକ୍ତଚାପକୁ ଅନେକାଂଶରେ ନିୟନ୍ତଣ କରାଯାଇପାରେ। ଜାଣିରଖନ୍ତୁ ଏଭଳି କିଛି ଖାଦ୍ୟ ସମ୍ପର୍କରେ।







**ବିଟ୍–** ଏହା ଏଭଳି ଏକ ସୁପର ଫୁଡ୍ ଯାହା ବିପି କମ୍ କରିବାରେ ସହାୟକ ହୋଇଥାଏ। ଏଥିରେ ନାଇଟ୍ରେଟ୍‌ର ମାତ୍ରା ଅଧିକ ରହିଥାଏ, ଯାହା ଶରୀରକୁ ଯିବା ପରେ ନାଇଟ୍ରିକ୍ ଅକ୍ସାଇଡ୍‌ରେ ରୂପାନ୍ତରିତ ହୋଇଯାଏ। ଶରୀରକୁ ଡିଟାକ୍ସ କରିବା ସହ ରକ୍ତକୁ ସଫା କରିବାରେ ସାହାଯ୍ୟ କରେ। ଏହାକୁ ଜୁସ୍ କିମ୍ବା ସିଝାଇ ଖାଇପାରିବେ।

**କଦଳୀ–** କଦଳୀ ଏକ ସ୍ୱାଦିଷ୍ଟ ତଥା ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ। ଏହା ଶରୀରରେ ସୋଡିୟମର ପ୍ରଭାବକୁ ବାଲାନ୍ସ କରେ, ଫଳରେ ରକ୍ତଚାପ ନିୟନ୍ତ୍ରିତ ରହେ।

**ରସୁଣ–** ଆୟୁର୍ବେଦରେ ଏହାକୁ ଏକ ମେଡିସିନ କୁହାଯାଏ। ପ୍ରତିଦିନ ଖାଲିପେଟରେ ଏହାକୁ ଖାଇଲେ ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ।

**ଓଟ୍‌ସ–** ପ୍ରଚୁର ଫାଇଭର ଥିବା ଓଟ୍‌ସ ଉଚ୍ଚ ରକ୍ତଚାପ ରୋଗୀଙ୍କ ନିମନ୍ତେ ଏକ ଭଲ ଖାଦ୍ୟ। ଏହାକୁ ଖାଇଲେ ଶରୀରରେ ଅଧିକ ଫ୍ୟାଟ୍ ହୁଏନି ଓ ସହଜରେ ହଜମ ହୋଇଥାଏ।

**ଟମାଟୋ, ପାଳଙ୍ଗ–** ଟମାଟୋରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ପାଳଙ୍ଗରେ ପୋଟାସିୟମ, ମ୍ୟାଗ୍ନେସିୟମ ଓ ଫୋଲେଟ୍ ପ୍ରଚୁର ମାତ୍ରାରେ ରହିଛି। ତେଣୁ ଏହି ଖାଦ୍ୟ ଉଚ୍ଚ ରକ୍ତଚାପ ରୋଗୀଙ୍କ ନିମନ୍ତେ ବହୁତ ଭଲ। ଏସବୁ ବ୍ୟତୀତ ଡାର୍କ ଚକୋଲେଟ୍, ଦହି, ତରଭୁଜ ଓ ଅଳସୀ ମଧ୍ୟ ଏମାନଙ୍କ ପାଇଁ ବହୁତ ଭଲ ଖାଦ୍ୟ ହୋଇଥାଏ। ତେଣୁ ନିୟମିତଭାବେ ଏସବୁ ଖାଦ୍ୟକୁ ସାମିଲକରିବା ଦରକାର।

# କେମିତି ବିତୁଛି ସମୟ..



ଖରାଛୁଟି ପାଇଁ ଏବେ ପୂରା ସମୟ ଘରେ ରହୁଛନ୍ତି ପିଲା। ଏଥିପାଇଁ ବଦଳିଯାଇଛି ମା'ମାନଙ୍କ ରୁଟିନ୍ ଲାଇଫ୍। ସବୁ କାମ ଠିକ୍ ସମୟରେ କିପରି ହୋଇପାରିବ ସେହି ଚେଷ୍ଟାରେ ଅଛନ୍ତି, ଆଉ ସେହି ଅନୁସାରେ ଟାଇମ୍ ମ୍ୟାନେଜମେଣ୍ଟ ବି କରୁଛନ୍ତି...

ସ୍କୁଲ ଛୁଟି ଥିବାରୁ ଏବେ ମା'ମାନଙ୍କ ଦାୟିତ୍ୱ ଢେର୍ ଅଧିକ ହୋଇଯାଇଛି। ପିଲାଙ୍କ ରୁଟିନ୍ ଲାଇଫ୍ ତ ବଦଳିଯାଇଛି, ତାଙ୍କ ସହିତ ଟାଇମ୍ ମ୍ୟାନେଜମେଣ୍ଟ କରୁଛନ୍ତି ମହିଳା। ଛୁଟିରେ ଯେମିତି ପିଲାଙ୍କ ପାଠପଢ଼ା ପୁରା ବନ୍ଦ ନ ହେବ ସେଥିପ୍ରତି ଦୃଷ୍ଟିଦେବା ସହିତ ସେମାନଙ୍କ କ୍ରିଏଟିଭିଟି ବଢାଇବାର ଚିନ୍ତା ବି ରହିଛି। ଏହା ଭିତରେ ସ୍କୁଲ ଖୋଲିବା ପୂର୍ବରୁ ସବୁ ପ୍ରସ୍ତୁତି ବି କରିବାକୁ ପଡୁଛି। ତେଣୁ ମହିଳାଙ୍କ ପାଇଁ ଏସବୁ ମ୍ୟାନେଜ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଛି। ଛୁଟି ସମୟକୁ ପିଲାମାନେ କିଭଳି ଉପଯୋଗ କରିବେ ସେଥିପ୍ରତି ସବୁବେଳେ ଦୃଷ୍ଟି ରଖିଥାନ୍ତି ମା'ମାନେ। ତେଣୁ ପିଲାଙ୍କୁ ବାରମ୍ବାର ସଚେତନ କରିବା ସହ ସେମାନଙ୍କ କାମକୁ ପରିବର୍ତ୍ତିତ କରିବା ପାଇଁ ବି ଚେଷ୍ଟା କରନ୍ତି। ଅର୍ଥାତ୍ ଛୁଟି ହୋଇଥିଲେ ବି ଘରେ ସବୁଦିନ ଠିକ୍ ସମୟରେ ନିତ୍ୟକର୍ମ କରିବା, ହଳିଡେ ହୋମ୍‌ୱାର୍କ କରିବା, ଖେଳିବା ଇତ୍ୟାଦି କରିବାକୁ ହେବ। ଏସବୁ କାମ କେଉଁ ସମୟରେ କରିବେ ସେମାନଙ୍କୁ ଜଣାଇବାକୁ ହୁଏ ମା'ମାନଙ୍କୁ। ସ୍କୁଲ ଛୁଟି ପାଇଁ ପିଲାମାନେ ପ୍ରଥମେ ନିଜ ଶୋଇବା ଟାଇମ୍ ବଦଳାଇ ଦିଅନ୍ତି। ସକାଳୁ ଶୀଘ୍ର ଉଠନ୍ତି ନାହିଁ। ହେଲେ ଅଧିକ ବିଳମ୍ବ ହେଲେ ନିତ୍ୟକର୍ମର ସମୟ ଏପଟସେପଟ ହୋଇଯିବ, ସେଥିପାଇଁ ସେମାନେ ସଚେତନ ରହିବା ସହ ପିଲାଙ୍କୁ ଉଠାନ୍ତି। ଆଉ ତା'ପରେ ଅନ୍ୟ କ'ଣ ସବୁ କାମ କରି ଛୁଟିରେ କ୍ୱାଲିଟି ଟାଇମ୍ ବିତାଇପାରିବେ ସେଥିପ୍ରତି ନଜର ରଖୁଛନ୍ତି। ଏସବୁ ଭିତରେ ଗୃହିଣୀ ଓ କର୍ମଜୀବୀ ମହିଳା କିଭଳି ସମୟ କଟାଉଛନ୍ତି ସେନେଇ କେତେଜଣ ଯାହା କୁହନ୍ତି...

## ଏମାନେ କ'ଣ କରନ୍ତି

**କାମ ବଢ଼ିଛି:** ପିଲାଙ୍କର ଛୁଟି ବୋଲି ଏବେ ମତେ ଅଧିକ ସମୟ କାମ କରିବାକୁ ପଡୁଛି। କାହିଁକିନା ବଡ଼ ପୁଅ ସମର କୋର୍ସରେ ଜଏନ୍ କରିଛି। ତେଣୁ ତାକୁ ଶୀଘ୍ର ୫ଟାରୁ ଉଠାଇବାକୁ ପଡୁଛି। ସେ ପ୍ରସ୍ତୁତ ହୋଇଯିବା ପରେ ସାନପୁଅ ୭ଟାରେ ଟ୍ୟୁଶନ ଯିବ। ତେଣୁ ତାକୁ ଉଠାଇ ପ୍ରସ୍ତୁତ କରିବା ପରେ ଘର କାମ କରୁଛି। ସବୁଦିନିଆ ନିତ୍ୟକର୍ମ ସାରିବା ବେଳକୁ ପିଲାମାନେ ଘରକୁ ଫେରିବେ, ସେମାନଙ୍କ ପାଇଁ ଜଳଖିଆ, ପୁଣି ରୋଷେଇ କରୁଛି। ତା' ଭିତରେ ପିଲାମାନେ ଉଠି ଖେଳୁଛନ୍ତି କ'ଣ କରୁଛନ୍ତି ସେଥିପ୍ରତି ନଜର କରିବାକୁ ପଡୁଛି। ଘରର ଅନ୍ୟ ସବୁ କାମ ବି କରୁଛି। କିଏ କ'ଣ ଖାଇବ, କେତେବେଳେ ପଢ଼ିବ ଆଉ କେତେବେଳେ ଖେଳିବାକୁ ଯିବ ସେସବୁ ଜଗିବାକୁ ପଡୁଛି। ତେଣୁ ଏବେ ମୋ କାମ ବହୁତ ବଢ଼ିଯାଇଛି।

*– ସୀମାରାଣୀ ସାହୁ, ଗୃହିଣୀ, ତୋଲଙ୍ଗପାଟିଆ, ଯାଜପୁର*

**ସବୁ ପିଲାଙ୍କ ପାଇଁ:** ପିଲାଙ୍କ ସୁବିଧା ପାଇଁ ତ ସବୁ କାମ କରୁଛି। କେତେବେଳେ ଅନ୍‌ଲାଇନ କ୍ଲାସ୍ ହେବ, କେତେବେଳେ ଟ୍ୟୁଶନ ଯିବ ଆଉ ପିଲାଙ୍କର ହୋମ୍‌ୱାର୍କ କରିବା, ଟିଭି ଦେଖିବା, ଖେଳିବା ସବୁ କଥା ପ୍ରତି ନଜର ରଖୁଛି। ନ ହେଲେ ସେମାନେ ମନଇଚ୍ଛା କାମକରି ସବୁ ଟାଇମ୍ ଏପଟସେପଟ କରିଦେବେ। ଦିନ ସାରା ସେମାନଙ୍କ ପଛରେ ମୋର ସବୁଠୁ ବେଶି ସମୟ ଯାଉଛି। ତା' ଛଡ଼ା ଏବେ ଛୁଟି ଆଉ ଅଳ୍ପଦିନ ଅଛି। ଏବେଠୁ ସ୍କୁଲ ଖୋଲିବା ପାଇଁ ସବୁ ପ୍ରସ୍ତୁତି କରୁଛି। ସ୍କୁଲ ବ୍ୟାଗ୍, ୟୁନିଫର୍ମ, ଜୋତା ଆଦି ସବୁ କିଣାକିଣି କେମିତି ହେବ ସେଥିପ୍ରତି ଚେଷ୍ଟା କରୁଛି। ଏବେଠୁ ସବୁ କରି ରଖିବା ପରେ ସମସ୍ତେ ମିଶି ଗାଁକୁ ଯିବୁ। ଆସିବା ବେଳକୁ ସ୍କୁଲ ଖୋଲିଥିବ, ତେଣୁ ସବୁ ସଜାଡ଼ି ଦେଉଛି।

*– ଈଶ୍ୱରାମ୍ବା ପ୍ରିୟଦର୍ଶିନୀ ସାହୁ, ଗୃହିଣୀ, ତାଳଚେର, ଅନୁଗୋଳ*

**କାମ ବାଣ୍ଟି ଦେଇଛି:** ପିଲାମାନେ ଛୁଟିରେ ବେଶି ସମୟ ଘରେ ରହି ବୋର୍ ନ ହେବା ପାଇଁ ସେମାନଙ୍କୁ ବିଭିନ୍ନ ପ୍ରକାର କାମ ଦେଇଛି। ପୁଅକୁ ସବୁଦିନ ବାଡ଼ିରୁ ଫୁଲ ତୋଳିବା ଦାୟିତ୍ୱ ଦେଇଛି। ତା' ଛଡ଼ା ଘର ସଜାଡ଼ିବା, ଲୁଗାପଟା ସଜାଡ଼ି ରଖିବା ଭଳି ବିଭିନ୍ନ କାମ ବି ସେମାନଙ୍କ ଦ୍ୱାରା କରାଇ ଦେଉଛି। ହେଲେ ସବୁ କାମରେ ମତେ ଜଗିବାକୁ ପଡୁଛି ଆଉ ଠିକ୍ ଭାବରେ କଲେ କି ନାହିଁ ଦେଖୁଛି। ଏହାଦ୍ୱାରା ମୋର କାମ ଟିକେ ହାଲ୍‌କା ହେବା ସହ ସେମାନେ ବି କାମ ଶିଖିପାରୁଛନ୍ତି, ଯାହା ସେମାନଙ୍କ ଭବିଷ୍ୟତରେ କାମରେ ଆସିବ।

*– ଅର୍ଚ୍ଚନା ମିଶ୍ର, ଗୃହିଣୀ, ଲେବର କଲୋନି, ଖାରବେଳନଗର, ଭୁବନେଶ୍ୱର*

**ଛୁଟିରେ ମଜା:** ମୁଁ ଅଫିସ ଯିବା ପରେ ଛୁଟିରେ ମୋ ପିଲା ଘରେ ଅଧିକାଂଶ ସମୟ ଏକା ରହୁଥିଲା। ସେଥିପାଇଁ ତା' ପିଉସୀ ଓ ଭାଇକୁ ଆମ ଘରକୁ ଡକାଇ ଦେଇଛି। ଏବେ ମତେ ଆଉ ବେଶି କିଛି କରିବାକୁ ପଡୁନାହିଁ। ଛୁଆମାନେ ଖୁସିରେ ସେମାନଙ୍କ ସୁବିଧାରେ ସବୁ କାମ କରୁଛନ୍ତି। ଆଉ ମୁଁ ଯିବା ପରେ ତା' ପିଉସୀ ସେମାନଙ୍କ ଖିଆପିଆ ଓ ଅନ୍ୟ ସବୁ ଖବର ବଝୁଛନ୍ତି। ତେଣୁ ମୋର ଏବେ ପୂରା ଆରାମ। ଆଉ ଛୁଟିରେ ପାଠପଢ଼ା ଯେମିତି ପୂରା ବନ୍ଦ ନ ହେବ ସେଥିପାଇଁ ଘରକୁ ଜଣେ ଟ୍ୟୁଶନ କରିବାକୁ ଆସୁଛନ୍ତି। ସପ୍ତାହକୁ ଥରେ ଆମେ ମିଶିକି ବାହାରକୁ ବୁଲିବାକୁ ଯାଇ ଖିଆପିଆ କରି ଆସୁଛୁ। ତେଣୁ ଛୁଟିରେ ବେଶ୍ ମଜାରେ ସମସ୍ତେ ସମୟ କଟାଉଛନ୍ତି।

*– ରୀତାଞ୍ଜଳି ପୃଷ୍ଟି, କର୍ମଜୀବୀ, ଗୋଡ଼ିପାଟଣା, ଶଙ୍ଖଚିଲା, ଯାଜପୁର*

**ରଜରେ ଗାଁକୁ ଯିବି:** ଛୁଟିରେ ବହୁତ କିଛି କାମ ସାରିବାକୁ ପଡୁଛି। ଦୁଇ ଝିଅଙ୍କୁ ଟିୟୁସନ୍‌ରେ ଛାଡିବା ଓ ସେମାନେ ହୋମୱାର୍କ କରିଲେ କି ନାହିଁ ଦେଖୁଛି। ଗଣିତର ବିଭିନ୍ନ ବିଷୟ ରିଭିଜନ କରିବା ପାଇଁ ଦୁଇଜଣଙ୍କୁ ବୈଦିକ ଗଣିତର ଶିକ୍ଷା ଦେବାକୁ ଜଣେ ସାର୍‌ଙ୍କୁ ଘରକୁ ଦୁଇମାସ ପାଇଁ ଡାକିଛି। ସିଏ ପଢାଇ ସାରି ଯିବା ପରେ ମୁଁ ସେମାନଙ୍କୁ ପୁଣିଥରେ ସେସବୁ ଗଣିତ ବୁଝିଛନ୍ତି କି ନାହିଁ ଦେଖୁଛି। ଏଥିପାଇଁ ଅଫିସରୁ ଫେରିବା ପରେ ସବୁଦିନ ତାଙ୍କ ପାଠପଢା ବିଷୟରେ ତାଙ୍କ ପାଖରେ କିଛି ସମୟ ବସି ପଚାରୁଛି। ଘରର ଅନ୍ୟ ସବୁ କାମ ଭିତରେ ଏସବୁ କାମ ମତେ ଟିକେ ଅଧିକ ହେଉଛି। ହେଲେ ରଜବେଳକୁ ୧୦ଦିନ ପାଇଁ ସବୁ କ୍ଲାସ୍ ବନ୍ଦକରି ଆମେ ଗାଁକୁ ବୁଲିବାକୁ ଯିବୁ। ସେତିକିବେଳେ ସବୁ ବୁଲାବୁଲି ଆଉ ମଜା କରିବୁ।

*– ସୁଚିତ୍ରା ମହାନ୍ତି, ଗୃହିଣୀ, ପିଏନଜି କ୍ଲିନିକ୍, କଟକ*


ଅର୍ଚ୍ଚନା ମିଶ୍ର


ଈଶ୍ୱରାମ୍ବା ପ୍ରିୟଦର୍ଶିନୀ


ରୀତାଞ୍ଜଳି ପୃଷ୍ଟି


ସୀମା ରାଣୀ ସାହୁ


ସୁଚିତ୍ରା ମହାନ୍ତି







ସୌନ୍ଦର୍ଯ୍ୟ

# ହେୟାର କେୟାର



ଆଜିକାଲି ଅଧିକାଂଶ ମହିଳାଙ୍କ କେଶ ଉପୁଡ଼ିବା ସମସ୍ୟା ଦେଖାଦେଉଛି। ତେବେ ଘରୋଇ ଉପାୟରେ ମଧ୍ୟ ଏହି ସମସ୍ୟାର ସମାଧାନ କରାଯାଇପାରିବ...

⏭କେଶ ଝଡ଼ିବା ସମସ୍ୟା ଦୂରକରିବା ପାଇଁ ପିଆଜ ରସ ବହୁ ଭଲ କାମ ଦେଇଥାଏ। ପିଆଜ ରସରେ ସଲ୍‌ଫର ଅଛି ଯାହା କେଶ ବୃଦ୍ଧିକରିବା ସହ ନୂଆ କେଶ ଉଠିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ପିଆଜକୁ ବାଟି ତା'ର ରସ ବାହାରକରି କେଶ ମୂଳରେ ଓ ଚନ୍ଦା ହୋଇଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଶୁଖିଯିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏପରି କରନ୍ତୁ, କିଛିଦିନ ପରେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ନୂଆ କେଶ ଉଠିବ।

⏭ଅଁଳା ଖାଇଲେ କେଶର ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ତେବେ କେଶ ମଜଭୁତ କରିବାକୁ ଚାହୁଁଥିଲେ ଅଁଳାକୁ ଗୁଣ୍ଡକରି ନଡ଼ିଆତେଲରେ ମିଶାଇ କିଛି ସମୟ ଗରମ କରନ୍ତୁ। ଏହାକୁ ଥଣ୍ଡାକରି କେଶମୂଳରେ ଲଗାନ୍ତୁ। ସପ୍ତାହକୁ ୨ଥର ଏପରି କଲେ ଧୀରେ ଧୀରେ କେଶ ଅଧିକ ମଜଭୁତ ହେବା ସହ କଳା ଓ ଘନ ହେବ।



⏭କେଶ ନିମନ୍ତେ ଆଉ ଏକ ଭଲ ପୋଷଣ ହେଉଛି ଆଲୋଭେରା। କେଶ ଝଡ଼ିବା ସମସ୍ୟାକୁ ଏହା ବହୁ ପରିମାଣରେ କମ୍ କରିଥାଏ। ତେଣୁ ଏଲୋବେରା ଜୁସ୍ ବାହାର କରି ସଙ୍ଗେ ସଙ୍ଗେ ଏହାକୁ କେଶମୂଳରେ ଲଗାନ୍ତୁ। ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏପରି କରନ୍ତୁ, ଦେଖିବେ କିଛିଦିନ ପରେ କେଶ ସମସ୍ୟା ଦୂର ହୋଇଯିବ।

⏭କେଶରେ କେମିକାଲ ପ୍ରଡକ୍ଟ ବ୍ୟବହାର କମ୍ କରନ୍ତୁ ଓ ପ୍ରଦୂଷଣରୁ ରକ୍ଷା କରନ୍ତୁ। କେଶ ଝଡ଼ିବା ସମସ୍ୟା କମ୍ ହେବ।



ଖାଦ୍ୟରୁଚି // **ସୋୟା କୋପ୍ତା କରି**



**ଆବଶ୍ୟକ ସାମଗ୍ରୀ:** ସୋୟାବିନ ୧ ବଡ଼ କପ୍, ବୁଟଡାଲି ୧ କପ୍, ସିଝା ଆଳୁ ୧ଟି, ରସୁଣ ୪ ରୁ ୫ କୋଲା, କଞ୍ଚାଲଙ୍କା ୩–୪ଟି, ପିଆଜ ୧ଟି ବଡ଼, ଜିରାଗୁଣ୍ଡ ୨ ଚାମଚ, ଧନିଆଗୁଣ୍ଡ ୧ ଚାମଚ, ଲଙ୍କାଗୁଣ୍ଡ ୧ ଚାମଚ, ଗରମ ମସଲା ୧ ଚାମଚ, ଗୁଜୁରାତି, ୨ଟି, ଲବଙ୍ଗ ୪ଟି, ଡାଲଚିନି ଖଣ୍ଡେ, ଅଦା ରସୁଣ ପେଷ୍ଟ ୨ ଚାମଚ, ଟମାଟୋ ଶସ୍ ୧ ଚାମଚ, ଧନିଆପତ୍ର ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟାବିନ୍‌କୁ ଗରମ ପାଣିରେ ୧୫ ମିନିଟ୍ ଭିଜାଇ ରଖନ୍ତୁ। ଏହାପରେ ସୋୟାବିନ୍‌କୁ ଭଲଭାବେ ଧୋଇ ଚିପୁଡ଼ି ଗ୍ରାଇଣ୍ଡରରେ ଦରଦର ପିସା ବାଟି ଦିଅନ୍ତୁ। ବୁଟଡାଲିକୁ ୫ ଘଣ୍ଟା ଭିଜାଇ ପାଣିରୁ ଛାଣି ସେଥିରେ ରସୁଣ, କଞ୍ଚାଲଙ୍କା ମିଶାଇ ବାଟି ଦିଅନ୍ତୁ। ଏବେ ଏଥିରେ ସୋୟାବିନ୍ ଓ ପିଆଜକୁ ଛୋଟ ଛୋଟ କାଟି ପକାନ୍ତୁ। ଧନିଆପତ୍ର, ଲୁଣ, ଜିରାଗୁଣ୍ଡ, ହଳଦୀଗୁଣ୍ଡ ଓ ଲଙ୍କାଗୁଣ୍ଡ ମିଶାଇ ଗୋଳାନ୍ତୁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି ଗରମ ତେଲରେ ଛାଣିଦିଅନ୍ତୁ।

ଏବେ ଆଉ ଏକ କଡ଼େଇରେ ୧ ଚାମଚ ତେଲ ପକାଇ ସେଥିରେ ଗୋଟିଏ ଅଳେଇଚ, ଗୁଜୁରାତି, ଲବଙ୍ଗ ଓ ଡାଲଚିନି ପକାଇ ଅଳ୍ପ ଭାଜି ଦିଅନ୍ତୁ। ଏଥିରେ କଟାହୋଇଥିବା ଏକ ଟମାଟୋ, ଅଦାରସୁଣ ପେଷ୍ଟ ଓ ଲୁଣ, ହଳଦୀ ମିଶାନ୍ତୁ। ସେଥିରେ ଜିରାଗୁଣ୍ଡ, ଲଙ୍କାଗୁଣ୍ଡ ଓ ସିଝାଆଳୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଅଳ୍ପ ଟମାଟୋ ସସ୍ ପକାଇ ଭଲଭାବେ କଷାଇ ସେଥିରେ ପାଣି ଦେଇ ଫୁଟାନ୍ତୁ। କିଛି ସମୟ ଫୁଟିବା ପରେ ସେଥିରେ ଛଣା ହୋଇ ରହିଥିବା ସୋୟା କଟ୍‌ଲେଟ୍‌ଗୁଡିକୁ ପକାଇ ଅଳ୍ପ ସମୟ ଫୁଟାଇ ଓହ୍ଲାଇ ଦିଅନ୍ତୁ। ଏବେ ଏଥିରେ ଗରମ ମସଲା ଓ ଧନିଆପତ୍ର ପକାଇ ଓହ୍ଲାଇ ଦିଅନ୍ତୁ।

# କିଙ୍ଗ୍ସ ବନାମ ଚ୍ୟାଲେଞ୍ଜର୍ସ



ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସୋମବାର ଟ୍ରଫି ସହ ଦୁଇ ଦଳର ଅଧିନାୟକ ଶ୍ରେୟସ ଆୟର ଓ ରଜତ ପଟିଦାର।

## ଆଇପିଏଲ୍ ଫାଇନାଲ ଆଜି

### ୧୮ଶ ସଂସ୍କରଣରେ ହେବେ ନୂଆ ବିଜେତା

**ଅହମଦାବାଦ, ୨।୬ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୫ର ମେଗା ଫାଇନାଲ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ। ଆରସିବି କିମ୍ବା ପଞ୍ଜାବ ପୂର୍ବରୁ କେବେହେଲେ ଆଇପିଏଲ୍ ଟାଇଟଲ ହାସଲ କରି ନାହାନ୍ତି। ତେଣୁ ୧୮ଶ ସଂସ୍କରଣରେ ଆଇପିଏଲ୍‌କୁ ମିଳିବ ନୂଆ ବିଜେତା। ବିରାଟ କୋହଲିଙ୍କ ଜର୍ସି ନମ୍ବର ହେଉଛି ୧୮। ପାଖାପାଖି ଦୁଇ ଦଶନ୍ଧି ଧରି ଏହି ତାରକା ବ୍ୟାଟର ହାତରେ ଟ୍ରଫି ଧରିବାକୁ ଅପେକ୍ଷା କରି ରହିଛନ୍ତି। ବିରାଟ କ୍ୟାରିୟରର ୪ର୍ଥ ଆଇପିଏଲ୍ ଫାଇନାଲ ଖେଳିବାକୁ ଯାଉଛନ୍ତି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କୁ ୧୮ ନମ୍ବର ଜର୍ସି ପିନ୍ଧିଥିବା ଦେଖିବାକୁ ମିଳିବ। ତେଣୁ ୧୮ଶ ସଂସ୍କରଣରେ ଟାଇଟଲ ଜିତି ବିଭିନ୍ନ ଦୃଷ୍ଟିକୋଣରୁ ଆଇପିଏଲ୍‌କୁ ସ୍ମରଣୀୟ କରିବା ଆଶାରେ ରହିଛି ଆରସିବି।

ପୂର୍ବରୁ ଆରସିବି ୨୦୦୯, ୨୦୧୧ ଓ ୨୦୧୬ରେ ଫାଇନାଲ ଖେଳିଥିଲେ ହେଁ ରନରଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଅନ୍ୟପକ୍ଷରେ ପଞ୍ଜାବ ୨୦୧୪ରେ ରନରଅପ୍ ହୋଇଥିଲା। କୋହଲି ଅନ୍ତର୍ଜାତୀୟ ଟି୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ନେଇ ଯାଇଥିବାରୁ ଆଉ ଅଧିକ ସମୟ ପଡ଼ିଆରେ ଦେଖିବାକୁ ମିଳିବେ ନାହିଁ। ତେଣୁ ତାଙ୍କ ଖେଳ ଦେଖିବା ପାଇଁ ଦର୍ଶକଙ୍କ ଭାବାବେଗ ବଢ଼ିବା ସ୍ୱାଭାବିକ। କ୍ୱାଲିଫାୟର-୧ରେ ଆରସିବି ୮ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଥିଲା। ତେଣୁ ଦଳଠାରୁ ସେପରି ଆଉଏକ ଶ୍ରେଷ୍ଠ ପ୍ରଦର୍ଶନ ଆଶାରେ ରହିବେ କୋହଲିଙ୍କ ପ୍ରଶଂସକ। ପ୍ରତି ବର୍ଷ ଭଳି କୋହଲି ଚଳିତ ବର୍ଷ ମଧ୍ୟ ପ୍ରଚୁର ରନ ସଂଗ୍ରହ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୬୧୪ ରନ ସ୍କୋର କରି ଫର୍ମରେ ଥିବାର ପରିଚୟ ଦେଇଛନ୍ତି। ଏହି ସୁପରଷ୍ଟାରଙ୍କ ବ୍ୟତୀତ ଫିଲ୍ ସଲ୍ଟ, ମୟଙ୍କ ଅଗ୍ରୱାଲ, ଅଧିନାୟକ ରଜତ ପଟିଦାର ଓ ଜୀତେଶ ଶର୍ମାଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ରହିଛି। ଆହତ ସମସ୍ୟା ଯୋଗୁ ଗତ ୨ଟି ମ୍ୟାଚରେ ଖେଳିପାରି ନ ଥିବା ଟିମ୍ ଡାଭିଡ ଯଦି ଫିଟ୍ ହୁଅନ୍ତି ତେବେ ଡେଥ୍ ଓଭରରେ ସେ ଓ ରୋମାରିଓ ଶେଫର୍ଡ ଦଳକୁ ବହୁ ଫାଇଦାରେ ରଖି ପାରିବେ। ବ୍ୟାଟିଂରେ କୋହଲିଙ୍କ ଭଳି ବୋଲିଂରେ ଜୋଶ ହାଜେଲଉଡ୍ ୨୧ଟି ଉଇକେଟ ନେଇ ଆରସିବି ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି। ଏହି ଅଷ୍ଟ୍ରେଲୀୟ ଖେଳାଳିଙ୍କଠାରୁ ଆରସିବି ଆଉ ଏକ ଶ୍ରେଷ୍ଠ ପ୍ରଦର୍ଶନ ଆଶା କରିବ।

ଅନ୍ୟପକ୍ଷରେ କ୍ୱାଲିଫାୟର-୧ରେ ହାରିବା ପରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କ୍ୱାଲିଫାୟର-୨ରେ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦକ୍ଷତା ଦେଖାଇଛି। ଦୀର୍ଘ ୧୧ ବର୍ଷ ପରେ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି। ଅଧିନାୟକ ଆୟର ଓ କୋଚ୍ ରିକି ପଣ୍ଟିଂଙ୍କ କମ୍ବିନେଶନ ବେଶ୍ ଜମିଛି। ଆୟର ଗତବର୍ଷ ନିଜ ନେତୃତ୍ୱରେ କୋଲକାତା ନାଇଟ ରାଇଡର୍ସକୁ ଚାମ୍ପିୟନ କରାଇଥିଲେ। ସେ ମଧ୍ୟ ଚମତ୍କାର ଫର୍ମରେ ଥାଇ ୬୦୩ ରନ ସଂଗ୍ରହ କରି ସାରିଛନ୍ତି। ଆଇପିଏଲ୍‌ର ୧୮ ବର୍ଷ ଇତିହାସରେ ସେ ଏକମାତ୍ର ଅଧିନାୟକ ଭାବେ ୩ଟି ଭିନ୍ନଭିନ୍ନ ଦଳକୁ ଫାଇନାଲରେ ପହଞ୍ଚାଇଛନ୍ତି। ତୃତୀୟ ଦଳଟି ହେଉଛି ଦିଲ୍ଲୀ କ୍ୟାପିଟାଲ୍ସ। କିଛି ମାସତଳେ ପଞ୍ଜାବ ଦଳରେ ସାମିଲ ହୋଇଥିବା ଆୟର ନିଜ ନୂଆ ଫ୍ରାଞ୍ଚାଇଜ୍ ଦଳକୁ ଟ୍ରଫି ଜିତାଇବାକୁ ଭୋକିଲା ଅଛନ୍ତି। ଆୟରଙ୍କ ସହ ପ୍ରଭସିମରନ ସିଂ, ଜୋଶ ଇଂଲିଶ୍, ପ୍ରିୟଂଶ ଆର୍ଯ୍ୟ ଓ ଶଶାଙ୍କ ସିଂଙ୍କୁ ନେଇ ପଞ୍ଜାବ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଆକ୍ରମଣାତ୍ମକ। ମର୍କୁସ ଜାନସେନଙ୍କ ଅନୁପସ୍ଥିତିରେ ଦଳର ବୋଲିଂ ବିଭାଗ ସାମାନ୍ୟ ଦୁର୍ବଳ ମନେହେଉଥିଲେ ହେଁ ମୁମ୍ବାଇକୁ ହରାଇବାପରେ ଦଳର ମନୋବଳ ବହୁ ଉପରେ ରହିଛି। ସ୍ପିନର ଯୁଜବେନ୍ଦ୍ର ଚହଲ ଏବେ ମଧ୍ୟ ହାତରେ ଆଘାତଜନିତ ସମସ୍ୟାରେ ଥିଲେ ହେଁ ନିଜ ପୂର୍ବ ଫ୍ରାଞ୍ଚାଇଜ୍ ଆରସିବି ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ଲକ୍ଷ୍ୟରେ ରହିବେ।

ଫାଇନାଲରେ ବର୍ଷା ହେବାର କୌଣସି ପୂର୍ବାନୁମାନ ନାହିଁ। ଯଦି ହୁଏ ତେବେ ଅତିରିକ୍ତ ୧୨୦ ମିନିଟରେ ଖେଳ ଶେଷ କରାଯିବାକୁ ଉଦ୍ୟମ କରାଯିବ। ଏହା ନ ହୋଇପାରିଲେ ରିଜର୍ଭ ଡେ'ରେ ଖେଳ ହେବ।



ଆଇପିଏଲ୍ ଫାଇନାଲ ପୂର୍ବରୁ ସୋମବାର ବିରାଟ କୋହଲିଙ୍କ ଅଭ୍ୟାସ।

## ଶୁକ୍ଲା ବିସିସିଆଇ କାର୍ଯ୍ୟକାରୀ ସଭାପତି ହେବେ

**ନୂଆଦିଲ୍ଲୀ, ୨।୬ (ପି.ଟି.):** ଆସନ୍ତାବର୍ଷ ରୋଜର ବିନ୍ନି ୭୦ ବର୍ଷ ବୟସରେ ପଦାର୍ପଣ କରିବେ। ତେଣୁ ତାଙ୍କ ସ୍ଥାନରେ ଭେଟେରାନ କ୍ରିକେଟ ପ୍ରଶାସକ ରାଜୀବ ଶୁକ୍ଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାମଚଳା ସଭାପତି ଦାୟିତ୍ୱ ଗ୍ରହଣ କରିବେ। ବିସିସିଆଇ ସୂତ୍ରରୁ ସୋମବାର ଏବିଷୟରେ ସୂଚନା ଦିଆଯାଇଛି। ବିନ୍ନି ୨୦୨୨ରେ ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ବୋର୍ଡ ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ଜୁଲାଇ ୧୯ରେ ସେ ୭୦ବର୍ଷ ବୟସରେ ପଦାର୍ପଣ କରିବେ। ଏହାଦ୍ୱାରା ସେ ବିସିସିଆଇ କର୍ମକର୍ତ୍ତାଙ୍କ ଲାଗି ଉଦ୍ଦିଷ୍ଟ ବୟସ ସମୟସୀମା ଅତିକ୍ରମ କରିଯିବେ। ଶୁକ୍ଲାଙ୍କୁ ବର୍ତ୍ତମାନ ୬୫ ବର୍ଷ। ୨୦୨୦ରୁ ସେ ବିସିସିଆଇ ସଭାପତି ରହିଛନ୍ତି। ସେପ୍ଟେମ୍ବରରେ ହେବାକୁଥିବା ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍)ରେ ନିର୍ବାଚନ ହେବ। ଶୁକ୍ଲା ସବୁଠାରୁ ବରିଷ୍ଠ କର୍ମକର୍ତ୍ତା ହୋଇଥିବାରୁ ନିୟମାନୁସାରେ ସେ ପର୍ଯ୍ୟନ୍ତ ବିସିସିଆଇ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବେ। କଂଗ୍ରେସ ପାର୍ଟିର ଏହି ରାଜ୍ୟ ସଭା ଏମ୍‌ପି ପୂର୍ବରୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଛନ୍ତି। ନିକଟ ଅତୀତରେ ସି.ଏସ୍. ଖାନ୍ନା ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ବିସିସିଆଇର କାମଚଳା ସଭାପତି ଭାବେ କାର୍ଯ୍ୟ କରିଛନ୍ତି।

## ମହୀତୋଷଙ୍କୁ ତୃତୀୟ ଆଇଏମ୍ ନର୍ମ

**ଭୁବନେଶ୍ୱର, ୨।୬ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରତିଭାସମ୍ପନ୍ନ ଚେସ୍ ଖେଳାଳି ମହୀତୋଷ ଦେ ତୃତୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍ ନର୍ମ) ହାସଲ କରିଛନ୍ତି। ନରୱେ ଓପନ୍ ଚେସ୍ ଟୁର୍ନାମେଣ୍ଟରେ ସେ ୨୨୪୦ ଏଲୋରେଟିଂରେ ୪୨ତମ ସ୍ଥାନରେ ରହି ଖେଳ ଆରମ୍ଭ କରିଥିଲେ ଏବଂ ୧୮ତମ ସ୍ଥାନକୁ ଉନ୍ନୀତ ହୋଇ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ସେ ମୋଟ ୬୧.୪୦ ଏଲୋରେଟିଂ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ମହୀତୋଷ ୨ ଗ୍ରାଣ୍ଡମାଷ୍ଟର (ଜିଏମ୍)ଙ୍କୁ ପରାସ୍ତ କରିବା ସହିତ ଅନ୍ୟ ୨ଜଣଙ୍କ ସହିତ ବାଜି ଡ୍ର କରିଛନ୍ତ। ଅନୁରୂପଭାବେ ଜଣେ ଆଇଏମ୍‌ଙ୍କୁ ହରାଇବା ସହିତ ଆଉ ଜଣେ ଆଇଏମ୍‌ଙ୍କ ସହିତ ଖେଳ ଡ୍ର କରିଛନ୍ତି। ମହିଳା ଗ୍ରାଣ୍ଡମାଷ୍ଟର ଜିନଝୁ (୨୫୪୧ ଏଲୋରେଟିଂ)ଙ୍କୁ ହରାଇ ସେ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଚେସ୍‌ରେ ଆଇଏମ୍ ଟାଇଟଲ ପାଇଁ ୩ଟି ନର୍ମ ଓ ୨୪୦୦ ଏଲୋରେଟିଂ ହାସଲ କରିବାକୁ ପଡ଼ିଥାଏ। ମହୀତୋଷ ସର୍ବିୟାର ଆରେଣ୍ଡ ଜେଲୋଭାକ୍‌ଠାରେ ପ୍ରଥମ ଏବଂ ପୋଲାଣ୍ଡର କ୍ରାକୋ ଅନ୍ତର୍ଜାତୀୟ ଚେସ୍ ଟୁର୍ନାମେଣ୍ଟରେ ଦ୍ୱିତୀୟ ଆଇଏମ୍



ମହୀତୋଷ ଦେ

ନର୍ମ ପାଇଥିଲେ। ମେ ୨୬ରୁ ଜୁନ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ନରୱେ ଓପନ ଚେସ -୨୦୨୫ରେ ଭାଗ ନେଇ ନିଜର ବହୁ ପ୍ରତୀକ୍ଷିତ ତୃତୀୟ ଆଇଏମ୍ ନର୍ମ ହାସଲ କରିଛନ୍ତି। ନରୱେ ଚେସ୍ ପରେ ତାଙ୍କର ଏଲୋରେଟିଂ ୨୩୨୨ରେ ପହଞ୍ଚିଛି। ୨୪୦୦ ଏଲୋରେଟିଂ ଛୁଇଁଲେ ସେ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିବେ। ଭୁବନେଶ୍ୱର ବମିଖାଲ ସାଇ ବିହାରରେ ରହୁଥିବା ମହୀତୋଷଙ୍କ ମା'ଙ୍କ ନାମ ଅପର୍ଣ୍ଣା ସାମଲ ଓ ବାପା ମଧୁସୂଦନ ଦେ।

**ଫ୍ରେଞ୍ଚ୍ ଓପନ୍**

## କ୍ୱାର୍ଟରରେ ଗଫ୍, ପେଗୁଲା ଆଉଟ୍

**ପ୍ୟାରିସ,୨।୬:** ୨୦୨୩ ସଂସ୍କରଣର ୟୁଏସ୍ ଓପନ ଚାମ୍ପିୟନ କୋକୋ ଗଫ ଫ୍ରେଞ୍ଚ ଓପନ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୱାର୍ଲ୍ଡ ନଂ-୩ ଜେସିକା ପେଗୁଲ ପରାଜୟ ସହ ବିଦାୟ ନେଇଛନ୍ତି। ସୋମବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଗଫ ୬-୦, ୭-୫ ସେଟ୍‌ରେ ୨୦ତମ ସିଡ୍ ଇକାଟେରିନା ଆଲେକଜାଣ୍ଡ୍ରୋଭାଙ୍କୁ ହରାଇଛନ୍ତି। ସେହିଭଳି ମିରା ଆଣ୍ଡ୍ରିଭା ୬-୩, ୭-୫ ସେଟ୍‌ରେ ଡାରିଆ କାସ୍କଟକିନଙ୍କୁ ଓ ଆମେରିକାର ମାଡିସନ କିଜ ୬-୩, ୭-୫ ସିଧାସଳଖ ସେଟ୍‌ରେ ହେଲି ବାପ୍ଟିଷ୍ଟେଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ପେଗୁଲା ୬-୩, ୪-୬, ୪-୬ ସେଟ୍‌ରେ ଫ୍ରାନ୍ସର ଲୋଇସ ବୋଇସନଙ୍କଠାରୁ ପରାସ୍ତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ବିଭାଗରେ ଆଲେକ୍‌ଜାଣ୍ଡର ଜେଭରେଭ ୱାକଓଭର ପାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେ ୬-୪, ୩-୦ ସେଟ୍‌ରେ ଆଗୁଆ ଥିବା ବେଳେ ତାଙ୍କ ପ୍ରତିପକ୍ଷ ଖେଳାଳି ଟାଲନ ଗ୍ରୀକ୍ସପୁର ଇଞ୍ଜୁରି କାରଣରୁ ମ୍ୟାଚ୍‌ରୁ ଓହରି ଯାଇଥିଲେ।

## ସେପ୍ଟେମ୍ବର ୩୦ରୁ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

**ଦୁବାଇ,୨।୬(ପି.ଟି.)**

**କଲମ୍ବୋ ନ୍ୟୁଟ୍ରାଲ ଭେନ୍ୟୁ**

ଭାରତରେ ହେବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ହେବ। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଏହି ବିଶ୍ୱକପ୍‌ର ଆୟୋଜନ ଅଧିକାର ଭାରତ ପାଖରେ ରହିଛି। କିନ୍ତୁ ପାକିସ୍ତାନ ଆଇସିସି ଇଭେଣ୍ଟ ଲାଗି ଭାରତ ଗସ୍ତ କରିବାକୁ ରାଜି ନ ଥିବାରୁ ଚାମ୍ପିୟନ୍ସ ଟ୍ରଫି ଭଳି ଏହି ଟୁର୍ନାମେଣ୍ଟ ମଧ୍ୟ ହାଇବ୍ରିଡ ମଡେଲରେ ଖେଳାଯିବ। ଏଥିଯୋଗୁ କଲମ୍ବୋକୁ ବିକଳ୍ପରେ ଅତିରିକ୍ତ ନ୍ୟୁଟ୍ରାଲ ଭେନ୍ୟୁ ଭାବେ ସାମିଲ କରାଯାଇଛି। ୮ ଦଳ ବିଶିଷ୍ଟ ଏହି ଇଭେଣ୍ଟ ବେଙ୍ଗାଲୁରୁ, ଗୁଆହାଟି, ଇନ୍ଦୋର, ବିଶାଖାପାଟଣାରେ ଖେଳାଯିବ।

୧୨ ବର୍ଷ ପରେ ଭାରତକୁ ଫେରିବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଭାରତ ଖେଳିବ। ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ ତାରିଖରେ ଗୁଆହାଟି କିମ୍ବା କଲମ୍ବୋରେ ହେବ। ଦ୍ୱିତୀୟ ସେମିଫାଇନାଲ ଅକ୍ଟୋବର ୩୦ରେ ବେଙ୍ଗାଲୁରୁରେ ହେବ। ଫାଇନାଲ ମ୍ୟାଚ୍ ପୂର୍ବରୁ ଦୁଇ ଫାଇନାଲିଷ୍ଟଙ୍କୁ ଦୁଇ ଦିନର ସମୟ ମିଳିବ। ଫାଇନାଲ ମ୍ୟାଚ୍ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ନଭେମ୍ବର ୨ ତାରିଖରେ ଖେଳାଯିବ। ଆୟୋଜକ ଭାରତ ବ୍ୟତୀତ ଏହି ଟୁର୍ନାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ, ବାଂଲାଦେଶ, ପାକିସ୍ତାନ, ଇଂଲଣ୍ଡ, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭାଗନେବେ। ଗତ ଏପ୍ରିଲରେ ଅନୁଷ୍ଠିତ ୬ ଦଳ ବିଶିଷ୍ଟ କ୍ୱାଲିଫାୟରରେ ପାକିସ୍ତାନ ଓ ବାଂଲାଦେଶ ଶ୍ରେଷ୍ଠ ଦୁଇ ଦଳ ବିବେଚିତ ହୋଇ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିଲେ।


## ଗୁକେଶଙ୍କଠାରୁ ହାରି ଟେବଲକୁ ମୁଥମାରିଲେ କାର୍ଲସେନ

**ଷ୍ଟାଭାଙ୍ଗର,୨।୬(ପି.ଟି.)**

**ନରୱେ ଚେସ୍ ଟୁର୍ନାମେଣ୍ଟ**

ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ ନରୱେ ଚେସ୍ ଟୁର୍ନାମେଣ୍ଟର ଷଷ୍ଠ ରାଉଣ୍ଡରେ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନଙ୍କୁ ହରାଇଛନ୍ତି। କ୍ଲାସିକ ଫର୍ମାଟରେ କାର୍ଲସେନଙ୍କ ବିପକ୍ଷରେ ଗୁକେଶଙ୍କ ଲାଗି ଏହା ପ୍ରଥମ ବିଜୟ। ପରାଜୟ ପରେ କାର୍ଲସେନ ବିରକ୍ତ ହୋଇ ଟେବୁଲକୁ ମୁଥ ମାରିଥିଲେ। ଏହି ବିଜୟ ଯୋଗୁ ୧୯ ବର୍ଷୀୟ ଗୁକେଶ ୮.୫ ପଏଣ୍ଟ ସହ ପଏଣ୍ଟ ଟେବଲର ତୃତୀୟ ସ୍ଥାନକୁ ଉଠିଛନ୍ତି। ସେ ଏବେ ଶୀର୍ଷରେ ଥିବା କାର୍ଲସେନ ଓ ଆମେରିକୀୟ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନଙ୍କଠାରୁ ୧ ପଏଣ୍ଟ ପଛରେ ରହିଛନ୍ତି।

ମାଗ୍ନସଙ୍କ ବିପକ୍ଷରେ ଏହା ମୋର କ୍ଲାସିକାଲ ଫର୍ମାଟରେ ପ୍ରଥମ ବିଜୟ। ମୁଁ ଯେଉଁ ଭଳି ବିଜୟ ଚାହୁଁଥିଲି, ଏହା ସେଭଳି ନ ଥିଲା। କିନ୍ତୁ ମୁଁ ଏହି ବିଜୟରେ ଖୁସି। ଆଜି କାର୍ଲସେନଙ୍କ ଲାଗି ଟ୍ରିକି ଗୋଟି ଚାଳନା କରିବାକୁ ଉଦ୍ୟମ କରିଥିଲି। ଏଭଳି ଖେଳିଲେ ମୁଁ ୧୦୦ରୁ ୯୯ ଥର ପରାଜିତ ହେବି। ଏହା ମୋ ପାଇଁ ଆଜି କେବଳ ଏକ ଶୁଭ ଦିନ ଥିଲା ବୋଲି ଗୁକେଶ କହିଛନ୍ତି। ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ପାଞ୍ଚ ଥରର ୱାର୍ଲ୍ଡ ଚାମ୍ପିୟନ କାର୍ଲସେନ ପୂରା ମ୍ୟାଚ୍‌ରେ ଆଗୁଆ ରହିଥିଲେ। ହେଲେ ତାଙ୍କର ଏକ ତ୍ରୁଟି ଗୁକେଶଙ୍କୁ ମ୍ୟାଚର ଭାଗ୍ୟ ବଦଳାଇବାକୁ ସୁଯୋଗ ଦେଇଥିଲା। କାର୍ଲସେନ ନିଜ ଭୁଲ୍ ବୁଝିପାରିଥିଲେ। କିନ୍ତୁ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ଫଳରେ କାର୍ଲସେନ ବିରକ୍ତ ହୋଇ ଟେବଲକୁ ମୁଥ ମାରିଥିଲେ। ତାଙ୍କ ମୁଥ ଯୋଗୁ ବୋର୍ଡର ସବୁ ଗୋଟି ପଡ଼ିଯାଇଥିଲା। ଶେଷରେ ଗୁକେଶଙ୍କ ସହ ହାତ ମିଳାଇଥିଲେ ପାଞ୍ଚ ଥରର ଚାମ୍ପିୟନ କାର୍ଲସେନ। ଏହି ବିଜୟ ଗୁକେଶ ପ୍ରଥମ ରାଉଣ୍ଡରେ କ୍ଲାସେନଙ୍କଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛନ୍ତି। ଅନ୍ୟ ଭାରତୀୟ ଜିଏମ୍ ଅର୍ଜୁନ ଇରିଗାସି ଆର୍ମାଗେଡନ ଟାଇ-ବ୍ରେକରେ ଚାଇନାର ୱେଇ ୟିଙ୍କୁ ପରାସ୍ତ କରିଛନ୍ତି। ୭.୫ ଲେଖାଏ ପଏଣ୍ଟ ସହ ସେ ଓ ହିକାରୁ ନାକାମୁରା ମିଳିତ ଚତୁର୍ଥ ସ୍ଥାନରେ ଅଛନ୍ତି।




ଗିରୋ ଡି' ଇଟାଲିଆ ସାଇକେଲ ରେସ୍ ଜିତିବାପରେ ଟ୍ରଫି ସହ ବ୍ରିଟେନର ସିମନ ୟେଟ୍ସ।

## ଭାରତ ଦ୍ୱିତୀୟ ସ୍ଥାନରେ

**ନୂଆଦିଲ୍ଲୀ, ୨।୬ (ପି.ଟି.)**

**ଡୋପିଂ ଅପରାଧ**

ଡୋପିଂ ଅପରାଧ ପାଇଁ ଯେଉଁ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟମାନେ ପ୍ରତିଯୋଗିତାରେ ଭାଗନେବା ଲାଗି ଅଯୋଗ୍ୟ ସେମାନଙ୍କର ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିବା ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପ୍ରକାଶ କରିଛି। ଏଆଇୟୁ ତରଫରୁ ମେ ୩୧ରେ ପ୍ରକାଶିତ ତାଲିକାରେ ଭାରତର ୧୨୮ଜଣ ଆଥ୍‌ଲେଟଙ୍କ ନାମ ରହିଛି। ଏଥିରେ କେନିଆ (୧୩୪) ପ୍ରଥମ ସ୍ଥାନରେ ରହିଛି। ଏଆଇୟୁ ମେ ମାସରେ ଯେଉଁ ୧୪ ଜଣ ଆଥଲେଟଙ୍କୁ ଦଣ୍ଡିତ କରିଛି ସେମାନଙ୍କ ମଧ୍ୟରେ କେନିଆର ୫ଜଣ ଓ ଭାରତର ୩ଜଣ ରହିଛନ୍ତି। ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟମାନଙ୍କ ମଧ୍ୟରେ ଡୋପିଂ ମାମଲା ବୃଦ୍ଧି ପାଉଥିବା ଉଦ୍‌ବେଗର ବିଷୟ। ଏହି ପରିସ୍ଥିତି ଯଦି ଜାରି ରୁହେ ତେବେ ଦେଶ ବାସନ୍ଦର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଡୋପିଂ ମାମଲାର ଦେଖାଚାହାଁ କରିବା ଲାଗି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଗତବର୍ଷ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲା। ଦିଲ୍ଲୀ ସ୍ପେଶାଲ ସେଲ୍ କମିଶନର ସାଗରପ୍ରୀତ୍ ହୁଦା ଏହାର ମୁଖ୍ୟ ରହିଥିଲେ। କମିଟିର ସୁପାରିସ କ୍ରମେ ଡୋପିଂରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବା କୋଚ୍ ଓ ତାଲିମ କେନ୍ଦ୍ରଗୁଡ଼ିକୁ ଠାବ କରିବା ଲାଗି ଏକ ଆଣ୍ଟି-ଡୋପିଂ ସେଲ୍ ଗଠନ କରିବା ଏଏଫ୍‌ଆଇ ନିଷ୍ପତ୍ତି ନେଇଥିଲା।




ଡି. ଗୁକେଶଙ୍କଠାରୁ ହାରିବା ପରେ ପ୍ରତିକ୍ରିୟାଶୀଳ ମ୍ୟାଗ୍ନସ କାର୍ଲସେନ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ